



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୪ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 June 2024
Vol.No. 35 ■ No.168 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ତାରିଣୀ ମନ୍ଦିର ପାଇଁ ଆଉ ୫୦ କୋଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଘଟଗାଁ, ୨୩/୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଆଜି ପ୍ରଥମ ଥର ପାଇଁ ନିଜ ଜନ୍ମମାଟି କେନ୍ଦୁଝର ଗସ୍ତ କରିଛନ୍ତି ମୋହନ ଚରଣ ମାଝୀ। ଏହି କ୍ରମରେ ପ୍ରଥମେ ସେ ମା' ତାରିଣୀ ପୀଠକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପୂଜକଙ୍କ ସହ ଆଲୋଚନା କରିଥିଲେ। ମା' ତାରିଣୀଙ୍କ ପୀଠ ଯେପରି ସାରା ଦେଶରେ ବ୍ୟାପକ ହୋଇପାରିବ, ସ୍ୱତନ୍ତ୍ର ପର୍ଯ୍ୟଟନସ୍ଥଳୀ ହୋଇପାରିବ, ସେଥିପାଇଁ ଏ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ତାରିଣୀ ପୀଠର ବିକାଶ ଓ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଅପିଲ କରିବେ। ଏବେ ପୀଠର ବିକାଶ ପାଇଁ ୫୦ କୋଟି ଟଙ୍କା ବିନିମୟରେ କାମ ଚାଲିଛି। ଏହାକୁ ପରିପୂର୍ଣ୍ଣ କରିବାକୁ ଅଧିକ ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ପୀଠର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ୧୦୦ କୋଟିର ଏହି ବଜେଟକୁ ଯଥାଶୀଘ୍ର ଶେଷ କରିବା ଉପରେ ମଧ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମିନି ଷ୍ଟାଡିଅମରେ ପହଞ୍ଚିଥିଲେ। ତାଙ୍କୁ ସେଠାରେ ପ୍ରୋଟୋକଲ ଅନୁଯାୟୀ ଗାର୍ଡ ଅଫ ଅର୍ନର ଦିଆଯିବା ପରେ ଦଳୀୟ କର୍ମୀ ପାଛୋଟି ନେଇଥିଲେ ସେଠାରେ ପ୍ରାୟ ୨୦ ହଜାର ଦର୍ଶକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସେଠାରୁ ଏକ ମୋଟର ସାଇକେଲ ରାଲିରେ ମନ୍ଦିର ଅଭିମୁଖେ ଯାଇଥିଲେ। ବାଟରେ ଆଦିବାସୀ ନୃତ୍ୟ ଗୀତନାଚରେ ରାସ୍ତା ପ୍ରକମ୍ପିତ ହୋଇଥିଲା। ମନ୍ଦିରରେ ଦିନ ୧୨ଟାରେ ପହଞ୍ଚିବା ପରେ ପୂଜକ ପ୍ରଦୀପ ଦେହୁରୀ, ରବୀନ୍ଦ୍ର ଦେହୁରୀ, ଯଯାତି ଦେହୁରୀ ଓ ଶ୍ୟାମସୁନ୍ଦର ଦେହୁରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାମ, ଗୋତ୍ରରେ ନଡ଼ିଆ ଭୋଗ ଲାଗିକରିଥିଲେ। ତାଙ୍କ ସହ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ନାୟକ ଓ ତେଲକୋଇ ବିଧାୟକ ଫକୀର ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଣସର ଘରେ ମହାପ୍ରଭୁ

### ଅଲାରନାଥ ପୀଠରେ ଭକ୍ତଙ୍କ ଭିଡ଼



ପୁରୀ, ୨୩/୬ (ନି.ପ୍ର): ଶ୍ରୀମନ୍ଦିରରେ ସ୍ନାନ ବେଦୀରେ ଦିବ୍ୟ ସ୍ନାନ ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି ମହାପ୍ରଭୁ। ତେଣୁ ଅଣସର ଘରେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି। ଅଣସର ଘରେ ଚାଲିବ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତ ନୀତି। ସେଥିପାଇଁ ରତ୍ନସିଂହାସନରେ ମହାପ୍ରଭୁଙ୍କ ଦର୍ଶନ ପାଇ ପାରିବେନି ଶ୍ରଦ୍ଧାଳୁ। ଏହି ସମୟରେ ସେମାନଙ୍କ ସ୍ଥାନରେ ପୂଜା ପାଇବେ ପଟ୍ଟି ଦିଅଁ। ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ନାରାୟଣ, ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଓ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ପଟ୍ଟି ଦିଅଁ ଭାବେ ପୂଜା ପାଇବେ। ଏଥିପାଇଁ ବିଳମ୍ବିତ ରାତିରେ ପଟ୍ଟି ଦିଅଁ ଓ ଅନ୍ୟ ଦେବାଦେବୀ– ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମ, କୃଷ୍ଣ ଓ ନୃସିଂହ ଭଗବାନଙ୍କ ପଟ୍ଟି ଦିଅଁ ବି ଶ୍ରୀମନ୍ଦିରକୁ ବିଜେ କରିଛନ୍ତି। ଅନ୍ୟପଟେ ବିଳମ୍ବିତ ରାତିରେ ବାହୁଡ଼ା ପହଣ୍ଡି ଶେଷ ପରେଶ୍ରୀଜିଉଙ୍କ ସୁନାଚିତା ଓ ରାହୁଲେଖା ମଇଲମ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀଜିଉ ଅଣସର ଘରେ ଥିବାରୁ ବ୍ରହ୍ମଗିରିର ଅଲାରନାଥ ପୀଠରେ ଆଜିଠାରୁ ଦେଖିବାକୁ ମିଳିଛି ଶ୍ରଦ୍ଧାଳୁଙ୍କ ଭିଡ଼। ଭୋରରୁ ଅଲାରନାଥ ପୀଠରେ ଦ୍ୱାର ଫିଟା, ମଙ୍ଗଳ ଆଳତି ଓ ତଡ଼ପଲାଗି ନୀତି ପରେ ସକାଳ ୬ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇଛି। ସକାଳୁ ସକାଳୁ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ ପାଇଁ ପ୍ରବଳ ଭିଡ଼ ଲାଗିଛି। ବିଶ୍ୱାସ ରହିଛି ଅଣସର

▶▶ପୃଷ୍ଠା ୭

## ସଫେଇ କର୍ମଚାରୀଙ୍କ ଉପରେ ମାଡ଼ିଗଲା ଟ୍ରକ୍

ମାଲକାଗିରି , ୨୩/୬ (ନି.ପ୍ର): ଟ୍ରକ ଧକ୍କାରେ ମହିଳା ମୃତ। ଘଟଣାଟି ହେଉଛି ମାଲକାଗିରି ସହରର ଡିଏନକେ ଛକରେ। ମୃତକ ଜଣଙ୍କ ହେଲେ ମାଲକାନଗିରି ପୌର ପରିଷଦ ର ଝାଡୁଦାର ବୋଲି ଜଣା ପଡ଼ିଛି। ଆଜି ସକାଳେ ମହିଳା ଜଣଙ୍କ ଚାଲି ଚାଲି ଘରକୁ ଯାଉଥିଲେ। ସେଇ ସମୟରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ମହିଳାଙ୍କୁ ପଛପଟୁ ଧକ୍କା ଦେବା ପରେ ଆଗରେ ଯାଉଥିବା ଜଣେ ସାଇକେଲ ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ମହିଳା ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସାଇକେଲ ଚାଳକ ଗୁରୁତର ଆହାତ ହୋଇଥିଲେ। ଏନେଇ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମହିଳାଙ୍କ ମୃତଦେହକୁ ଉଦ୍ଧାର କରିବା ସହିତ ଗୁରୁତର ବ୍ୟକ୍ତିଙ୍କୁ ମେଡିକାଲ ପଠାଇଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଟ୍ରକ ଛାଡ଼ି ଫେରାର ହୋଇଛନ୍ତି। ପୁଲିସ ଡ୍ରାଇଭରଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛି।

## ଭାଙ୍ଗିଯିବ କି ବିଜେଡି ?: ନବୀନଙ୍କ ଘନଘନ ବୈଠକକୁ ନେଇ ଚର୍ଚ୍ଚା



ଭୁବନେଶ୍ୱର, ୨୩/୬ (ନି.ପ୍ର): ୨୦୨୪ ନିର୍ବାଚନର ପରାଜୟ ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ କ୍ଷେତ୍ରରେ ଆସିଛି ଅନେକ ପରିବର୍ତ୍ତନ। ସେ ନିଜ ଅନ୍ଦାଜରେ ପରିବର୍ତ୍ତନ ଆଣିଛନ୍ତି। ନୀବନ ନିବାସର ଚିତ୍ର ମଧ ବଦଳି ଯାଇଛି। ତେବେ ଏସବୁ ଭିତରେ ନବୀନଙ୍କ ଦୁଇଟି କଥାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ପ୍ରଥମଟି ହେଉଛି, ସେ କର୍ମୀଙ୍କୁ ଏକଜୁଟ୍ ରହିବାକୁ ଆହ୍ୱାନ ଦେବା। ଦ୍ୱିତୀୟଟି ହେଉଛି, ନିର୍ବାଚନ ପରାଜୟର ସମୀକ୍ଷା ନକରି ଦୈନିକ ନେତାମାନଙ୍କୁ ନବୀନ ନିବାସକୁ ନେତାଙ୍କୁ ଡାକି ଆଲୋଚନା କରିବା। କରୁଛନ୍ତି। ଏପରି ଇସାରା କ'ଣ ସୂଚାଉଛି ? ବିରାଟ ପରାଜୟ ପରେ କ'ଣ ବିଭାଜନ ଆଡକୁ ମୁହାଁଇଛି କି ବିଜେଡି ? ଏସବୁକୁ ନେଇ ଏବେ ଟେନସନରେ ଅଛନ୍ତି କି ସୁପ୍ରିମୋ ନବୀନ ପଟ୍ଟନାୟକ ? ନବୀନଙ୍କୁ ଘାରିଛି କି ବିଜେଡି ଭାଙ୍ଗିଯିବାର ଭୟ ? ଦଳ ଭିତରେ କନ୍ଦଳକୁ ନେଇ ଚିନ୍ତାରେ ଅଛନ୍ତି କି ନବୀନ ? ଦଳରେ ଭିକେ ପାଣ୍ଡିଆନ ବିରୋଧୀ ଅସନ୍ତୋଷକୁ ନେଇ ଟେନସନରେ କି ବିଜେଡି ସୁପ୍ରିମୋ ? ନବୀନ ଦଳୀୟ କର୍ମୀ ଓ ନେତାଙ୍କୁ ଏକଜୁଟ୍ ହୋଇ ରହିବାକୁ ଆହ୍ୱାନ ଦେବା ପରେ ଏପରି ପ୍ରଶ୍ନ ସବୁ ଉଠିବାରେ ଲାଗିଛି। ଶନିବାର ନବୀନ

▶▶ପୃଷ୍ଠା ୭

## ବାଲେଶ୍ୱରରେ ଆଜିଠାରୁ ମିଳିବ ଇଣ୍ଟରନେଟ

ବାଲେଶ୍ୱର, ୨୩/୬ (ନି.ପ୍ର): ଗୋଷ୍ଠୀ ସଂଘର୍ଷକୁ ନେଇ ବାଲେଶ୍ୱର ସହରରେ ଲାଗିଥିବା କର୍ଫ୍ୟୁ କୋହଳ ହୋଇଛି। ସହଦେବଖୁଣ୍ଟା ଥାନା ଅଞ୍ଚଳରେ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ରହିବ। ସେହିପରି ଟାଉନ ଥାନା ଅଞ୍ଚଳରେ ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କୋହଳ ରହିବ କର୍ଫ୍ୟୁ। ଆସନ୍ତାକାଲି ପୌରାଞ୍ଚଳରେ ସମସ୍ତ ସ୍କୁଲ କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବ। ଅନ୍ୟପଟେ ଲାଣ୍ଡ ଲାଇନ୍ ଓ ବ୍ରଡବ୍ୟାଣ୍ଡରେ ସେବା ମିଳୁଥିବା ବେଳେ ଆସନ୍ତାକାଲି ଠାରୁ ମୋବାଇଲରେ ଇଣ୍ଟରନେଟର ସୁବିଧା ମିଳିବ। ଘଟଣାରେ ମୋଟ ୨୯ ଟି ମାମଲା ରୁଜୁ ହୋଇଥିବା ବେଳେ ଗିରଫ ସଂଖ୍ୟା ୮୯ ପହଞ୍ଚିଛି। ସେପଟେ କୌଣସି ଗୁଜବ ପ୍ରଚାର,

▶▶ପୃଷ୍ଠା ୭

## ବର୍ଷା ନାହିଁ: ୪ ଜିଲ୍ଲାରେ ସ୍ଥିତି ଉତ୍କଟ: ୨୧ ଜିଲ୍ଲାରେ ୨୦ରୁ ୫୯% କମ୍ ବର୍ଷିଛି

ଭୁବନେଶ୍ୱର, ୨୩/୬ (ନି.ପ୍ର): ଜୁନ୍ ମାସ ସରିବାକୁ ଆଉ ସପ୍ତାହେ ଅଛି। ରାଜ୍ୟକୁ ମୌସୁମୀ ମଧ ଆସି ସାରିଛି। କିନ୍ତୁ ବର୍ଷା ନାହିଁ। ରାଜ୍ୟରେ ଏହି ମାସରେ ନିଅଣ୍ଟିଆ ବର୍ଷା ଯୋଗୁ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଜୁନ ୧ ରୁ ଆଜି (ଜୁନ୍ ୨୩) ପର୍ଯ୍ୟନ୍ତ ସାରା ରାଜ୍ୟରେ ୮୮.୭ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଆଉ ଏହା ସ୍ୱାଭାବିକ ବର୍ଷା ତୁଳନାରେ ୩୯ ପ୍ରତିଶତ କମ୍। ନିଅଣ୍ଟିଆ ବର୍ଷା ଯୋଗୁ ୪ ଜିଲ୍ଲାରେ ସ୍ଥିତି ଅତି ଉତ୍କଟ ରହିଛି । ଏହି ସବୁ ଜିଲ୍ଲାମାନଙ୍କରେ ୬୦ ପ୍ରତିଶତରୁ କମ୍ ବୃଷ୍ଟିପାତ ହୋଇଛି। ଏହି ଜିଲ୍ଲାଗୁଡ଼ିକ ହେଉଛି- ପୁରୀ,ବଲାଙ୍ଗିର,ବାଲେଶ୍ୱର ଓ ମୟୂରଭଞ୍ଜ। ପୁରୀରେ ସର୍ବାଧିକ ସ୍ୱାଭାବିକ ଠାରୁ ୭୦ ପ୍ରତିଶତ କ?ମ୍ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜରେ ୬୯, ବାଲେଶ୍ୱରରେ ୬୫ ଏବଂ ବଲାଙ୍ଗିରରେ ୬୨ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ୨୧ଟି ଜିଲ୍ଲାରେ ୨୦ ରୁ ୫୯ ପ୍ରତିଶତ ଯାଏଁ କମ୍ ବର୍ଷା ରହିଛି। ମାତ୍ର ୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିବା ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଜିଲ୍ଲାଗୁଡ଼ିକ ହେଉଛି- ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ, ଢେଙ୍କାନାଳ ଓ ଜଗତସିଂହପୁର। ଗତ ୨୪ ଘଣ୍ଟାରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟିରେ ସର୍ବାଧିକ ୫୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ନବରଙ୍ଗପୁର ସହରରେ ୩୨ ମିମି ବର୍ଷା ହୋଇଛି। ଫୁଲବାଣୀରେ ୫୧.୪ ମିମି ବର୍ଷା ହୋଇଥିବା ବେଳେ କୁଜଙ୍ଗରେ ୫୧, ଭଞ୍ଜନଗରରେ ୫୦.୧, ମାଲକାନଗିରିରେ ୪୮.୨, କରଞ୍ଜିଆରେ ୪୮, କନ୍ଧମାଳର ଟିକାବାଲିରେ ୪୭, ଫିରିଙ୍ଗିଆରେ ୪୫.୨, ବରଗଡ଼ର ଅତାବିରାରେ ୪୦, ମାଲକାନଗିରିର ମାଥିଲିରେ ୩୮, କନ୍ଧମାଳର ଖଜୁରୀପଡ଼ାରେ ୩୬ ଓ ଗଞ୍ଜାମର ବେଲଗୁଣ୍ଠାରେ ୩୨.୨ମିମି ବର୍ଷା ରେକର୍ଡ ହୋଇଛି। ସୂଚନାଯୋଗ୍ୟ, ଆଜି ରାଜ୍ୟର ସବୁ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚି ସାରିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଜୁନ୍ ୨୬ ତାରିଖରୁ ବର୍ଷାର ପରିମାଣ ବଢ଼ିପାରେ ବୋଲି ଆକଳନ କରାଯାଇଛି।

## କଂଗ୍ରେସରୁ ୫ ପଦାଧିକାରୀ ବହିଷ୍କୃତ



ଭୁବନେଶ୍ୱର, ୨୩/୬ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼ ଘଟଣାରେ ୫ ଜଣ କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ଯୋଗୁ ସେମାନଙ୍କୁ ବହିଷ୍କାର କରିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଶୃଙ୍ଖଳା କମିଟି ଅଧକ୍ଷ ସନ୍ତୋଷ ସିଂହ ସାଲୁଜା ଏହି କାର୍ଯ୍ୟାନୁଷ୍ଠାନ ସଂପର୍କରେ ଜଣାଇଛନ୍ତି। ଏ ସଂପର୍କରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ଓଡ଼ିଶା ପ୍ରଭାରୀ ଡାକ୍ତର ଅଜୟ କୁମାରଙ୍କୁ ମଧ ଅବଗତ କରାଯାଇଛି। ବହିଷ୍କୃତ ହୋଇଥିବା କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀମାନେ ହେଉଛନ୍ତି- ପ୍ରକାଶ ମିଶ୍ର (ଓପିସିସିର ସାଧାରଣ ସଂପାଦକ), ଶ୍ରୀୟାସ୍ମିତା ପଣ୍ଡା (ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସଂପାଦକ), ସନ୍ଦୀପ ରାଉତରାୟ (ଏନ୍ଏସ୍ୟୁଆଇ ସଂପାଦକ), ଅମରେଶ ପରିଡ଼ା ( ଯୁବ କଂଗ୍ରେସ, ରାଜ୍ୟ ସଂପାଦକ) ଓ ଆର୍ଯ୍ୟନ

▶▶ପୃଷ୍ଠା ୭

## ଲ୍ୟାଣ୍ଡମାଇନ ବିସ୍ଫୋରଣ: ୨ ଯବାନ ସହିଦ



ଛତିଶଗଡ଼, ୨୩/୬ : ଛତିଶଗଡ଼ର ସୁକମାରେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣ। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ନକ୍ସଲମାନେ କରିଛନ୍ତି ଆଇଇଡି ବ୍ଲାଷ୍ଟ। ଏଥିରେ ବର୍ତ୍ତମାନ ସୁଦ୍ଧା ୨ ଜଣ ଯବାନ ସହିଦ ହୋଇଥିବା ଖବର ମିଳିଛି। ପୁଲିସ୍ କହିଛି ଜଗରଗୁଣ୍ଡା ଅଞ୍ଚଳରେ ଆଇଇଡି ବିସ୍ଫୋରଣ ହୋଇଛି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ସିଲଗେର ଓ ଟେକୁଲାଗୁଡେମ ମଧ୍ୟରେ ନକ୍ସଲମାନେ ଆଇଇଡି ଖଞ୍ଜିଥିଲେ। ସେଠାରେ ଯବାନମାନେ ପହଞ୍ଚିବା କ୍ଷଣି ବିସ୍ଫୋରଣ ହୋଇଥିଲା। ଯବାନମାନେ ସିଲଗେରରୁ ଟେକୁଲାଗୁଡେମ କ୍ୟାମ୍ପକୁ ଗୋଟିଏ ଟ୍ରକ ଓ ବାଇକରେ ଯାଉଥିଲେ। ବିସ୍ଫୋରଣ ଯୋଗୁ ସେମାନଙ୍କ ଟ୍ରକଟି ଛିନଛତ୍ର ହୋଇଯାଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ସିଆରପିଏଫର କୋବ୍ରା ୨୦୧ ବାଟାଲିୟନର ୨ ଜଣ ଯବାନ ସହିଦ ହୋଇଥିବା ଜଣେ ପୁଲିସ୍ ଅଧିକାରୀ କହିଛନ୍ତି। ସେ କହିଛନ୍ତି ଯେ ଟ୍ରକରେ ଥିବା ଡ୍ରାଇଭର ବିଷ୍ଣୁ ଓ ଆଉ ଜଣେ ଯବାନ ଶୈଳେନ୍ଦ୍ରଙ୍କ ଏଥିରେ ମୃତ୍ୟୁ ହୋଇଛି। ସେମାନଙ୍କ ମୃତଦେହକୁ ଘଟଣା ସ୍ଥଳରୁ ଉଦ୍ଧାର କରାଯାଇଛି। ସେହିପରି ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

## ଆଶ୍ୱସ୍ତି ପାଇଁ ସୁପ୍ରିମକୋର୍ଟ ଗଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୨୩/୬ : ଟ୍ରାଏଲ କୋର୍ଟ ଜାମିନ ଦେଇଥିଲେ। କିନ୍ତୁ ହାଇକୋର୍ଟ ଏହା ଉପରେ ଅସ୍ଥାୟୀ ଭାବେ ରୋକ ଲଗାଇ ଦେଇଥିଲେ। ଏବେ ହାଇକୋର୍ଟଙ୍କ ବିରୋଧରେ ସୁପ୍ରିମକୋର୍ଟ ଯାଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ସେ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ପାଇଁ ନିବେଦନ କରିଛନ୍ତି। ହାଇକୋର୍ଟ ଜାମିନ ଉପରେ

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗଲେ ଆଉ ଦୁଇ ଅତିରିକ୍ତ ସଚିବ





ଭୁବନେଶ୍ୱର, ୨୩/୬ (ନି.ପ୍ର): ରାଜ୍ୟର ପ୍ରଥମ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟାଳୟରେ ଆଉ ଦୁଇଜଣ ବରିଷ୍ଠ ପ୍ରଶାସନିକ ଅଫିସରଙ୍କୁ ନିଯୁକ୍ତି ମିଳିଛି। ବରିଷ୍ଠ ଓଏଏସ୍ ଚିତ୍ରସେନ ରାଉତ ଓ ବରିଷ୍ଠ ଓଏଫଏସ୍ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି । ପୂର୍ବରୁ ୩ଜଣ ଅଫିସର ତ୍ରିଲୋଚନ ମହାନ୍ତି, ବିନୋଦ ବିହାରୀ ସିଂ ଓ ସତୀଶ ଚନ୍ଦ୍ର ସାମଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିଲା । ସାଧାରଣ ପ୍ରଶାସନ ବିଭାଗ ଓ ଅର୍ଥ ବିଭାଗ ପକ୍ଷରୁ ଜାରି ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତି ଅନୁସାରେ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ଚିତ୍ରସେନ ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି । ସେହିପରି ଅଥର୍ବିଭାଗର ବିଜ୍ଞପ୍ତି ଅନୁସାରେ ଓଡ଼ିଶା ଅର୍ଥ ସେବା(ଓଏଫଏସ)ର ବରିଷ୍ଠ ଅଧିକାରୀ ଉମେଶଚନ୍ଦ୍ର ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ଶ୍ରୀ ତ୍ରିପାଠୀ ଇସ୍ପାତ ଓ ଖଣି ବିଭାଗର ଫାଇନାନ୍ସ ଅଫିସର ତଥା ଅତିରକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ ।

▶▶ପୃଷ୍ଠା ୭

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସିମନ୍ତୋୟନ ସଂସ୍କାର



ରୂପସା , ୨୩/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ପରମ ପୂଜ୍ୟା ମମତାମୟୀ ମାତା ତିଲୋତ୍ତମା ଙ୍କର ୧୭ ତମ ଶ୍ରଦ୍ଧାଞ୍ଜଳୀ ସହିତ ଆଶ୍ରମର ଉପାଧକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ଙ୍କ ନାତୁଣୀ ବୋହୂ ଆୟୁଷ୍ମତୀ ଲକ୍ଷ୍ମୀଙ୍କର ସିମନ୍ତୋୟନ ସଂସ୍କାର ଏକ ସଙ୍ଗରେ,ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ ମହୋଦୟା ଏବଂ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ବ୍ରହ୍ମଲୋକ ପ୍ରାପ୍ତ ତିଲୋତ୍ତମା ଙ୍କ ଆତ୍ମା ଶାନ୍ତି ପ୍ରାପ୍ତ ହୋଇ,ଆତ୍ମ ମାନଙ୍କୁ ନୀରୋଗ ନିରାମୟ ସୁଖ ଶାନ୍ତି ଆନନ୍ଦମୟ ର ଶୁଭ ଆଶିର୍ବାଦ ପ୍ରଦାନ କରିବା ନିମନ୍ତେ ପ୍ରାର୍ଥନା କରାଯାଇଥିଲା । ତା ପରେ ଆୟୁଷ୍ମତୀ ଲକ୍ଷ୍ମୀଙ୍କର ଯେଉଁ ନବାଗତ ଅତିଥି ଧରାପୃଷ୍ଠକୁ ଉଠନ୍ତି ଆସୁଛନ୍ତି ତାଙ୍କୁ ସମୂହ ସୁ ସ୍ୱାଗତ କରାଯାଇଥିଲା । ଜଣେ ଯଦି ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନ କରି ଚାଲେ,ତେବେ ସେ ନିଶ୍ଚୟ ଆତ୍ମ ଦର୍ଶନ କରିବା ସହିତ ଯେଉଁ ଭଳି ଆତ୍ମାକୁ ସେ ନିଜର ସନ୍ତାନ ରୂପରେ ପାଇବାକୁ ଇଚ୍ଛା କରିବ,ସେହି ଭଳିଆ ବିଶ୍ୱବନ୍ଦ୍ୟା ସୁସନ୍ତାନର ମାତା ହବାର ସ୍ୱଭାଗ୍ୟର ଅଧିକାରିଣୀ ହେବ ହିଁ ହେବ । ଉପସ୍ଥିତ ଥିଲେ, ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିମତୀ ଯମୁନା ପାତ୍ର, ମୁନିମତୀ ଉର୍ମିଳା ରାଉଳ ମୁନିକୁମାରୀ ମିନତୀ ଦଳାଇ, ମୁନିରାଜ ଅନାଦି ବାରିକ, ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିମତୀ ବାସନ୍ତୀ ମହାଲିକ, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ କୁନି ମାଝୀ, ମୁନିମତୀ ଜୟନ୍ତୀ ଗିରି, ମୁନିମତୀ,ମୁନି ଗଣେଶ୍ୱର ବର, ମୁନି ଶଶଧର ସେନାପତି, ମୁନି କୁମାର ତାପସ, ମୁନିମତୀ ସଙ୍ଗଯୁକ୍ତା ପରିଡ଼ା, ମୁନି ସାଧନ ସିଂ ପ୍ରମୁଖ ବହୁ ମୁନି ମୁନିମତୀ ମାନେ । ଶେଷରେ ଯୋଗୀ ପରମାନନ୍ଦ ମୁନି, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବାପରେ, କନକଲତା ମହାପାତ୍ରଙ୍କ ସହିତ ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ଟ୍ରିବ୍ୟୁନାଲ ବାହାରେ ମହାନଦୀ ଜଳ ବିବାଦର ସମାଧାନ ହେଉ: ଓଡ଼ିଶା ପାଇଁ ଏକ ନଦୀ ନୀତି ପ୍ରସ୍ତୁତ ହେଉ

ଭୁବନେଶ୍ୱର, ୨୩/୬ (ନି.ପ୍ର): ମହାନଦୀ ଜଳ ବିବାଦର ସମାଧାନ ପାଇଁ ନ୍ୟାୟିକ ପ୍ରକ୍ରିୟା ବା ଟ୍ରିବ୍ୟୁନାଲର ପରିଧି ବାହାରେ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ କରାଯାଉ। ଏବେ କେନ୍ଦ୍ର, ଛତିଶଗଡ଼ ଓ ଓଡ଼ିଶାରେ ବିଜେପି ସରକାର ଅଛି। ତେଣୁ ଆପୋସ ଆଲୋଚନା ମାଧ୍ୟମରେ ଏହାର ସମାଧାନ ସହଜ ହେବ ବୋଲି ମତ ପ୍ରକାଶ ପାଇଛି। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଳ ସମ୍ପଦ ବିଭାଗର ଦାୟିତ୍ୱରେ ଥିବାରୁ ସେ ନିଜେ ଏନେଇ ଆଗୁଆ ପଦକ୍ଷେପ ନେବାକୁ ଦାବି କରିଛନ୍ତି ସମାଜସେବୀ ଓ ବିଶେଷଜ୍ଞ। ଆଜି ଭୁବନେଶ୍ୱର ଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ନଦୀର ସୁରକ୍ଷା ଓ ପୁନରୁଦ୍ଧାର ଶୀର୍ଷକ ଏକ ଚିନ୍ତନ ସଭା ଅନୁଷ୍ଠିତ ହୋଇଯାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶାର ବିଭିନ୍ନ ନଦୀର ସୁରକ୍ଷା ପାଇଁ ଆନ୍ଦୋଳନରତ ବ୍ୟକ୍ତିବିଶେଷ ଯୋଗ ଦେଇ ସଂପ୍ରତି ମହାନଦୀ ଜଳ ବିବାଦ ଓ ରାଜ୍ୟର ଅନ୍ୟାନ୍ୟ ନଦୀଗୁଡ଼ିକର ଦୟନୀୟ ଅବସ୍ଥାକୁ ନେଇ ଘୋର ଉଦ୍‌ବେଗ ପ୍ରକାଶ କରିବା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି। ବୈଠକରେ ଆଲୋଚନା ହୋଇଛି ଯେ ଏବେ ରାଜ୍ୟର ଅନେକ ନଦୀର ସ୍ଥିତି ଭଲ ନାହିଁ। ଅନେକ ଛୋଟ ଛୋଟ ନଦୀଗୁଡ଼ିକ ମରିଯିବାକୁ ବସିଲାଣି। ବଡ଼ ନଦୀଗୁଡ଼ିକ ପ୍ରଦୂଷିତ ହୋଇଗଲାଣି। ନଦୀଗୁଡ଼ିକ ଶୋଷଣ, ଅତିକ୍ରମଣ ଓ ପ୍ରଦୂଷଣର ଶିକାର ହୋଇ ସେମାନଙ୍କର ଅସ୍ତିତ୍ୱ ହରାଇବାକୁ ବସିଲେଣି। ତେଣୁ ସରକାର ତୁରନ୍ତ ଏକ ନଦୀ ନୀତି ପ୍ରସ୍ତୁତ କରନ୍ତୁ। ଏହି ନୀତିର କାର୍ଯ୍ୟକାରିତା ପାଇଁ ଏକ ନଦୀ ମିସନ ଗଠନ ପାଇଁ ବୈଠକରେ ପ୍ରସ୍ତାବ ପାରିତ କରାଯାଇଛି। ରାଜ୍ୟର ନଦୀ ସାରଣୀ ପ୍ରସ୍ତୁତ କରି ଏହାର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଏକ ୧୭ଜଣିଆ କମିଟି ଗଠନ ହୋଇଛି। ଏହି ଆଧାରରେ ଆସନ୍ତା ଜୁଲାଇ ୧୩ରେ ପରବର୍ତ୍ତୀ ବୈଠକ ବସିବ ବୋଲି ସ୍ଥିର ହୋଇଛି। ସେହିପରି ବୈଠକରେ ନିଷ୍ପତ୍ତି ହୋଇଛି ଯେ ଖୁବ୍‌ଶୀଘ୍ର ମହାନଦୀ ଅବବାହିକାରେ ଥିବା ବୌଦ୍ଧ, ସୋନପୁର ଓ ଝାରସୁଗୁଡ଼ାଠାରେ ମହାନଦୀ ଯାତ୍ରା/ ୱାକ୍ ଆୟୋଜନ ହେବ। ଅନୁରୂପ ଭାବେ ଦୟା, ବୈତରଣୀ, ସୁନା, କରୋ, ସାଳନ୍ଦୀ, ଗଙ୍ଗୁଆ ନଦୀ ଯାତ୍ରା ବା ରିଭର ୱାକ୍ ମଧ୍ୟ ଆୟୋଜିତ ହେବ। ବୈତରଣୀ ନଦୀ ଉପରେ ନିର୍ମିତ କାନପୁର ନଦୀ ବନ୍ଧର ପାଣି କେବଳ ଚାଷୀଙ୍କ ପାଇଁ ବ୍ୟବହାର ସହିତ ବୈତରଣୀ ନଦୀର ପାଣିକୁ ପାଇପ୍ ଯୋଗେ ଲୁହା ଗୁଣ୍ଡ ପରିବହନ ପାଇଁ ବ୍ୟବହାର ନକରିବାକୁ ବୈଠକରେ ମତ ପ୍ରକାଶ ପାଇଛି। ଆଜିର ଏହି ବୈଠକରେ ଗାନ୍ଧୀବାଦୀ ନେତା ପ୍ରହ୍ଲାଦ ସିଂହ, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ମାନବ ଅଧିକାର ପ୍ରବକ୍ତା ମନୋଜ ଜେନା, ଆଇନଜୀବୀ ଶଙ୍କର ପାଣି, ଜାତୀୟ ଯୁବ ପ୍ରକଳ୍ପର ଆବାହକ ମଧୁ ଭାଇ, କୁଶଭଦ୍ରା ଆନ୍ଦୋଳନର ଆବାହକ ନିରଦ ବରଣ ଖୁଣ୍ଟିଆ, ଦୟା ଆନ୍ଦୋଳନର ଆବାହକ ସଚ୍ଚିକାନ୍ତ ପ୍ରଧାନ, ବୈତରଣୀ ଆନ୍ଦୋଳନର ବିପ୍ଳବ ମିଶ୍ର, ଅଶୋକ ଥାକର, ଗଣେଶ ପାତ୍ର, ଦିଲୁ ସ୍ୱାମୀ, ସାଳନ୍ଦୀ ଆନ୍ଦୋଳନର ଆବାହକ ପ୍ରତାପ ପାଢ଼ୀ, ଗଙ୍ଗୁଆ ଆନ୍ଦୋଳନର ପ୍ରଦୀପ ତରାଇ, ଧନୁଆ ନଦୀ ଆନ୍ଦୋଳନର ଦେବରାୟ ସାହୁ, ରାଜକିଶୋର ପରିଡ଼ା, ପ୍ରଶାନ୍ତ ସାମନ୍ତରାୟ, ବସନ୍ତ କୁମାର ଜେନା, ଉତ୍ପଳ କୁମାର ଦାସ, ସର୍ବେଶ୍ୱର ପଣ୍ଡା ପ୍ରମୁଖ ନଦୀ ଆନ୍ଦୋଳନକାରୀମାନେ ଯୋଗ ଦେଇଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ପ୍ରସନ୍ନ ବିଶୋଇ, ସଂଯୋଜକ ବିଜୟ ପ୍ରଧାନ ଓ ଯୁଗ୍ମ ସଂଯୋଜକ ପ୍ରକାଶ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶିଶୁ ଶ୍ରମ ବିରୁଦ୍ଧରେ ମାସ ବ୍ୟାପି ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୩/୬ (ନି.ପ୍ର): ଶ୍ରମ ଓ କର୍ମଚାରି ରାଜ୍ୟ ବୀମା ବିଭାଗ ଓଡିଶା ସରକାରଙ୍କ ଜୟପୁର କାର୍ଯ୍ୟାଳୟ ଦ୍ୱାରା ଶିଶୁ ଶ୍ରମ ବିରୁଦ୍ଧରେ ମାସ ବ୍ୟାପି ସଚେତନତା କାଯ୍ୟକ୍ରମ ଅବସରରେ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟରେ ଏକ ଚିତ୍ରାଙ୍କନ ଓ କ୍ୱିଜ୍ ପ୍ରତିଯୋଗିତାରେ ଆୟୋଜିତ ହୋଇଥିଲା । ଏଥିରେ ଶ୍ରମ ବିଭାଗର ଯୁଗ୍ମ ସଚିବ ନରେନ୍ଦ୍ର ରାଇକା, ଜିଲା ଶ୍ରମ ଅଧିକାରି ବୃନ୍ଦାବନ ସେଠି, ଅତିରିକ୍ତ ଜିଲା ଶ୍ରମ ଅଧିକାରି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବି ସୁଜାତା, ସଭାପତି ଏ. ଶ୍ରୀନିବାସ ରାଓ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗତାରେ ୨୭ ଓ କ୍ୱିଜ୍‌ରେ ୧୩ ଜଣ ଛାତ୍ର ଛାତ୍ରୀ ଯୋଗଦେଇ ଶିଶୁ ଶ୍ରମିକ ବିରୁଦ୍ଧରେ ଛାତ୍ରଆଙ୍କିଥିଲେ । ଏଥିରେ ପୁରସ୍କାର ପ୍ରାପ୍ତ ଛାତ୍ର ଛାତ୍ରୀଙ୍କୁ ଚଳିତ ୨୮ ତାରିଖ ଦିନ ପୁରସ୍କୃତ କରାଯିବ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପ୍ରତାପ ପଟ୍ଟନାୟକ ପରିଚାଳନା କରିଥିଲେ । ରିତା ସାମନ୍ତରାୟ, କୃଷ୍ଣ ଚନ୍ଦ୍ର ମଉଳି, ବି ଧର୍ମା ରାଓ ସହ ଯୋଗ କରିଥିଲେ ।

## ଖରିଫ ଚାଷ ପୂର୍ବରୁ ଚାଷୀଙ୍କୁ କୃଷିଋଣ ମିଳୁ

ଗଂଜାମ, ୨୩/୬ (ନି.ପ୍ର): ଦୁଇ ବର୍ଷ ହେଲା ପିତଳ ଚାଷୀ ମାନେ ପିତଳ ସେବା ସମବାୟ ସମିତି ମାଧ୍ୟମରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଶେରଗଡ ଶାଖାରେ ଆବେଦନ କରି ଆସିଥିଲେ ମଧ୍ୟ କାଳକ୍ଷେପଣ ନୀତି ଅବଲମ୍ବନ କରି ଋଣ ପ୍ରଦାନ କରାଯାଉନି। ଫଳରେ ଚାଷୀ ମାନେ ଚାଷକାର୍ଯ୍ୟରେ ପଛେଇ ଯାଉଛନ୍ତି । ତୁରନ୍ତ ଶେରଗଡ଼ ଶାଖା ପରିଚାଳକ, ଆସକା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ରାଜ୍ୟ ସମବାୟ ଓ କୃଷିବିଭାଗ ମନ୍ତ୍ରୀ ଘଟଣାର ଅନୁଧ୍ୟାନ କରି ଖରିଫ ଚାଷ ପୂର୍ବରୁ ଚାଷୀଙ୍କୁ ଋଣ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି ।

# ସନ୍ତୁର ବାଦକ ନନ୍ଦକିଶୋର ଦାସଙ୍କ ଦ୍ୱାରା ନୋସିରେ ପ୍ରଥମ ବିଶ୍ୱ ସନ୍ତୁର ଦିବସ ପାଳିତ




ବାଲେଶ୍ୱର , ୨୩/୬ (ନି.ପ୍ର): ବାଲେଶ୍ୱର ବାମପଦାସ୍ଥ ନୋସି ଉତ୍କଳା ଶିଳ୍ପଗ୍ରାମ ପରିସରରେ ଓଡ଼ିଶାର ବିଶିଷ୍ଟ ତବଲା ବାଦକ ତଥା ବିଖ୍ୟାତ ସନ୍ତୁର ବାଦକ ପଦ୍ମଶ୍ରୀ ପଣ୍ଡିତ ଭଜନ ସୋପୋର ଙ୍କ ଶିଷ୍ୟ ନନ୍ଦକିଶୋର ଦାସଙ୍କ ଦ୍ୱାରା ପ୍ରଥମ ବିଶ୍ୱ ସନ୍ତୁର ଦିବସ ପାଳିତ ହୋଇଯାଇଛି ଗତ ୨୨/୬/୨୪ ସନ୍ଧ୍ୟାରେ। ଉଦଘାଟନି ସଭାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାମ୍ବାଦିକ ତଥା କଳାକାର ବ୍ରହ୍ମନାଥ ରଥ ଓ ମୁଖ୍ୟ ବ୍ୟକ୍ତା ଭାବେ ଶିଳ୍ପୀ କେଶୁ ଦାସ ଯୋଗ ଦେଇ ବାଲେଶ୍ୱର କଳା ସଂସ୍କୃତି ସାହିତ୍ୟ କ୍ଷେତ୍ରରେ ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ସନ୍ତୁର ବାଦକ ନନ୍ଦକିଶୋର ଦାସ ତାଙ୍କ ଗୁରୁ ଭକ୍ତି ର ପରାକାଷ୍ଠା ପ୍ରତିପାଦନ କରି ଓଡ଼ିଶାରେ ଏକମାତ୍ର ପ୍ରଥମ ବିଶ୍ୱ ସନ୍ତୁର ଦିବସ ପାଳନ କରି ଆଉ ଏକ ଫର୍ଦ୍ଦ ଯୋଡ଼ିଲେ ବୋଲି ମତବ୍ୟକ୍ତ କରିଥିଲେ । ସଭାକାର୍ଯ୍ୟ କୁ ନନ୍ଦକିଶୋର ଦାସ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସନ୍ଧ୍ୟାକୁ ବିଶିଷ୍ଟ ତବଲା ବାଦକ ଅଜିତାନନ୍ଦ ଦେବ ଗୋସ୍ୱାମୀ ସୁନ୍ଦର ଭାବରେ ସଂଚାଳନ କରିଥିଲେ। ସନ୍ଧ୍ୟାରେ ତବଲା ବାଦକ ଯୁଗଳ ପ୍ରିୟବ୍ରତ ନାୟକ ଓ ସୁପ୍ରିୟ ସାହୁ ତବଲା ବାଦନ କରି ଦର୍ଶକଙ୍କ ମନ ମୋହି ଥିବାବେଳେ ସୁଗାୟକ ସଚ୍ଚିଦାନନ୍ଦ ସାହୁ ମଧୁମତି ରାଗରେ ଶାସ୍ତ୍ରୀୟ ସଙ୍ଗିତ ପରିବେଷଣ କରିଥିଲେ । ଶେଷରେ ବାଲେଶ୍ୱର ଜିଲ୍ଲାର ଏକମାତ୍ର ସନ୍ତୁର ବାଦକ ନନ୍ଦକିଶୋର ଦାସ ଅଧଘଣ୍ଟାରୁ ଉର୍ଦ୍ଧ୍ୱ କାଳ ଭୈରବୀ ରାଗ ଆଧାରିତ ସନ୍ତୁର ବାଦନ ପରିବେଷଣ କରି ସମସ୍ତଙ୍କର ହୃଦୟ ଜୟ କରିଥିଲେ। ପ୍ରକାଶ ଥାଉ କି ୧୯୪୮ ମସିହା ଜୁନ ୨୨ ତାରିଖ ରେ ଜନ୍ମିତ କାଶ୍ମୀରର ବିଖ୍ୟାତ ସନ୍ତୁର ବାଦକ ପଦ୍ମଶ୍ରୀ ପଣ୍ଡିତ ଭଜନ ସୋପୋରଙ୍କ ଜନ୍ମଦିନକୁ ଚଳିତ ବର୍ଷ ବିଶ୍ୱ ସନ୍ତୁର ଦିବସ ଭାବରେ ମାନ୍ୟତା ପାଇବା ପରେ ବିଦେଶରେ ତଥା ଭାରତର ବିଭିନ୍ନ ସ୍ଥାନରେ ବିଶ୍ୱ ସନ୍ତୁର ଦିବସ ଭାବରେ ପାଳନ କରୁଛନ୍ତି।

# ଖୋଲିଲା ଡିପ୍‌ଥେରିଆ ନିୟନ୍ତ୍ରଣ କକ୍ଷ: ୬୦ କର୍ମଚାରୀଙ୍କୁ ବୁଷ୍ଟର ଡୋଜ୍

କୋରାପୁଟ, ୨୩/୬ (ନି.ପ୍ର): ଡିପ୍‌ଥେରିଆ ନିୟନ୍ତ୍ରଣ କରିବା କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ ପ୍ରତିଷେଧକ ବ୍ୟବସ୍ଥା ସହ ସଚେତନତା ଜାରି ରହିଛି। ପ୍ରତି ବ୍ଲକ୍‌ରୁ ତତ୍କାଳ ତଥ୍ୟ ସଂଗ୍ରହ ନିମନ୍ତେ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିୟନ୍ତ୍ରଣକକ୍ଷ ଖୋଲିଛି। ସେହିପରି ଗ୍ରାମାଞ୍ଚଳରୁ ମିଳୁଥିବା ତଥ୍ୟକୁ ଏକାଠି କରିବାକୁ ବ୍ଲକ୍‌ସ୍ତରରେ ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୃଥକ୍ ଭାବେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟର ଜଣେ ଶିଶୁଙ୍କ ଡିପ୍‌ଥେରିଆରେ ମୃତ୍ୟୁ ପରେ ଅଧିକ ସତର୍କ ହୋଇଛି ସ୍ୱାସ୍ଥ୍ୟ ବିଭାଗ। ତେଣୁ ପ୍ରଥମ ପର୍ଯ୍ୟାୟରେ ଆଜି ୬୦ଜଣ ସରକାରୀ କର୍ମଚାରୀଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି। ନିୟମିତ ଭାବେ ଏହି କର୍ମଚାରୀମାନେ ଗାଁରେ ରହି ଟ୍ରାକିଂ, ଟେଷ୍ଟିଂ, ସଚେତନତା ସହ ଟିକାକରଣ ପ୍ରକ୍ରିୟାକୁ ନିରୀକ୍ଷଣ କରୁଛନ୍ତି। ଯାହାଫଳରେ କର୍ମଚାରୀ ସଂକ୍ରମିତ ହେବାର ସମ୍ଭାବନା ରହିଥିବାରୁ ଏଭଳି ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି। ଜ୍ୱର, କାଶ, ତଣ୍ଟିଫୁଲା ଓ ଶର୍ଦ୍ଦି ଭଳି ଲକ୍ଷ୍ୟ ରହିଥିଲେ ସ୍ୱାବ୍ ସଂଗ୍ରହ କରି ପରୀକ୍ଷାକୁ ଗୁରୁତ୍ୱ ଦିଆଯାଇଛି। କୁମ୍ଭାରୀପୁଟ ଗାଁରେ ୩୮୫ ପରିବାର ରହୁଥିବା ବେଳେ ଜନସଂଖ୍ୟା ୧୨୩୬ ରହିଛି। ଆଜି ୨୫୨ ପରିବାରର ୧୦୫୦ଜଣ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରାଯାଇଛି। ଶୂନରୁ ୫ବର୍ଷ ମଧ୍ୟରେ ୧୦୬ଜଣ, ୫ରୁ ୧୦ବର୍ଷ ମଧ୍ୟରେ ୮୮ଜଣ ଓ ୧୦ରୁ ୧୬ବର୍ଷ ମଧ୍ୟରେ ୧୦୨ଜଣ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରାଯାଇଥିଲା। ପୂର୍ବରୁ ଗତ ୨୦ ତାରିଖରେ ମଧ୍ୟ ୨୪୮ ପରିବାରର ୯୮୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାରି ମଧ୍ୟରେ ୪ଜଣ ସନ୍ଦିଗ୍ଧଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା କରାଯାଇଛି। ସମସ୍ତ ନମୁନା ନେଗେଟିଭ ରହିଥିବା ସୂଚନା ମିଳିଛି।

# ମହେନ୍ଦ୍ର ଓ ରାଜକୁମାର ଫେରିଲେ: ବାଘୁଣୀ ସୁନ୍ଦରୀର ସୁରକ୍ଷା ପାଇଁ ଯାଇଥିଲେ ସାତକୋଶିଆ

ଅନୁଗୁଳ, ୨୩/୬ (ନି.ପ୍ର): ୫ ବର୍ଷ ତଳେ ବିବାଦୀୟ ପରିସ୍ଥିତିରେ ଶିମିଳିପାଳ ଅଭୟାରଣ୍ୟରୁ ସାତକୋଶିଆ ବନାଞ୍ଚଳକୁ ଯାଇଥିବା ପୋଷା ହାତୀ ମହେନ୍ଦ୍ର ଓ ରାଜକୁମାରଙ୍କୁ ଶେଷରେ ସେମାନଙ୍କ ମୂଳ ସ୍ଥାନକୁ ଫେରାଇ ଅଣାଯାଇଛି । ଗତକାଲି ମଧ୍ୟରାତ୍ରିରେ ଦୁଇଟି ହାଇୱା ଯୋଗେ ଏହି ଦୁଇଟି ହାତୀ ଶିମିଳିପାଳରେ ପହଞ୍ଚିଛନ୍ତି । ଏଠାରେ କିଛିଦିନ ନିରୀକ୍ଷଣରେ ରହିବା ପରେ ହାତୀ ଦୁଇଟିକୁ ପୂର୍ବଭଳି ଜଙ୍ଗଲ ସୁରକ୍ଷା ପାଇଁ ପାଟ୍ରୋଲିଂରେ ନିୟୋଜିତ କରାଯିବ ବୋଲି କହିଛନ୍ତି ଶିମିଳିପାଳ କର୍ତ୍ତୃପକ୍ଷ । ସୂଚନାଯୋଗ୍ୟ ଯେ ଅନୁଗୁଳ ବନଖଣ୍ଡର ସାତକୋଶିଆ ବନାଞ୍ଚଳରେ ବାଘବଂଶ ବୃଦ୍ଧି ପାଇଁ ୨୦୧୮ ମସିହା ଜୁନ୍? ୨୮ ତାରିଖରେ ମଧ୍ୟପ୍ରଦେଶର ବାନ୍ଧବଗଡ଼ ଅଭୟାରଣ୍ୟରୁ ଆସିଥିଲା ବାଘୁଣୀ ସୁନ୍ଦରୀ। ତେବେ ସୁନ୍ଦରୀ ପହଞ୍ଚିବା କ୍ଷଣି ଜଙ୍ଗଲ ଆଖପାଖ ଅଞ୍ଚଳରେ ଗୃହପାଳିତ ପଶୁପକ୍ଷୀଙ୍କ ଓ ଲୋକଙ୍କୁ ଆକ୍ରମଣ କରି ରକ୍ତମୁଖା ହୋଇପଡ଼ିଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ବନ ବିଭାଗର ନିଷ୍ପତ୍ତିକୁ ବିରୋଧ କରିଥିଲେ ସ୍ଥାନୀୟ ଅଞ୍ଚଳବାସୀ। ବାଘକୁ ଘଞ୍ଚ ଜଙ୍ଗଲ ମଧ୍ୟରେ ରଖି ଜଙ୍ଗଲ ଚାରିପାଖେ ପାଟ୍ରୋଲିଂ ପାଇଁ ପ୍ରଶିକ୍ଷଣପ୍ରାପ୍ତ କୁମ୍‌କୀ ହାତୀ ମହେନ୍ଦ୍ର ଓ ରାଜକୁମାରକୁ ସାତକୋଶିଆ ଅଭୟାରଣ୍ୟକୁ ନେବା ଲାଗି ନିଷ୍ପତ୍ତି ହୋଇଥିଲା। ତେବେ ଏହାଦ୍ୱାରା ଶିମିଳିପାଳର ସୁରକ୍ଷା ବିପନ୍ନ ହେବ କହି ମହେନ୍ଦ୍ର ଓ ରାଜକୁମାରଙ୍କ ସ୍ଥାନାନ୍ତରକୁ ସ୍ଥାନୀୟ ପରିବେଶବିତ ଓ ମୟୂରଭଞ୍ଜର ବିଭିନ୍ନ ସଙ୍ଗଠନ ବିରୋଧ କରିଥିଲେ। ବ୍ୟାପକ ଆଲୋଚନା ପରେ ଶେଷରେ ୨୦୧୯ ମସିହା ଜାନୁଆରି ୧୯ ତାରିଖରେ ଉଭୟଙ୍କୁ ସାତକୋଶିଆ ଅଭୟାରଣ୍ୟରେ ଛଡ଼ା ଯାଇଥିଲା। ଦୀର୍ଘ ୫ ବର୍ଷ ଧରି ଏହି ହାତୀ ଦୁଇଟି ସେଠାରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ନିୟୋଜିତ ଥିଲେ। ତେବେ ଉଭୟଙ୍କୁ ଶିମିଳିପାଳକୁ ଫେରାଇବା ଆଣିବା ପାଇଁ ଜିଲ୍ଲାବାସୀ ଦାବି କରି ଆସୁଥିଲେ। ଶେଷରେ ୧୫ ଦିନ ତଳେ ମହେନ୍ଦ୍ର ଓ ରାଜକୁମାରକୁ ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହାତୀ ଦୁଇଟିକୁ ସୁରକ୍ଷିତ ଭାବେ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ ଉପନିର୍ଦ୍ଦେଶକ ସଦାନନ୍ଦ ଗୌଡ଼, ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ଉପନିର୍ଦ୍ଦେଶକ ଡିଏନ୍ ସାଇକିରଣ ଓ କରଞ୍ଜିଆ ବନଖଣ୍ଡ ଅଧିକାରୀ ସୁବ୍ରତ କୁମାରଙ୍କ ତତ୍ତ୍ୱାବଧାନରେ ହାତୀ ଦୁଇଟି ଗତକାଲି ବିଳମ୍ବିତ ରାତିରେ ଶିମିଳିପାଳରେ ପହଞ୍ଚିଥିଲେ। ବାଟସାରା ସେମାନଙ୍କ ଶାରୀରିକ ସ୍ଥିତି ଅନୁଧ୍ୟାନ, ନିୟମିତ ବ୍ୟବଧାନରେ ପାଣି ସିଞ୍ଚନ ସହ ଖାଦ୍ୟର ବ୍ୟବସ୍ଥା ହୋଇଥିଲା।

# କିଡନୀ ରୋଗ ନିରାକରଣରେ ଅର୍ଥ ସାଜିଛି ବାଧକ : ସରକାରୀ ସହାୟତାକୁ ଅପେକ୍ଷା

ଧର୍ମଶାଳା, ୨୩/୬ (ନି.ପ୍ର): ମୁଁ ପଢିବାକୁ ଚାହେଁ । ବଡ ହୋଇ ବାପାଙ୍କ ସହ ମିଶି ପରିବାରର ଚଳାଇବାରେ ସହଯୋଗ କରିବି । ପରିବାରର ଅର୍ଥୀକ ସୁଦୃଢୀକରଣ କରିବି । ଦୁଇ ଭଉଣୀଙ୍କ ବିବାହ କରାଇବି । ଏଭଳି ଅନେକ ସ୍ୱପ୍ନ ଦେଖିଛନ୍ତି ରାଜଲକ୍ଷ୍ମୀ ଜେନା । ବୟସ ମାତ୍ର ୧୭ । ହେଲେ ତାଙ୍କ ଆଶା ଆଶାରେ ହିଁ ରହି ଗଲା । ହଠାତ୍ ପରିବାର ଉପରେ ଘୋଟି ଆସିଲା ବିପଦର କଳା ବାଦଲ । ପରିବାର ଓ ଅଭାବୀ ହଟାଇବା ସ୍ୱପ୍ନ ଦେଖିଥିବା ରାଜଲକ୍ଷ୍ମୀ ଏବେ ରୋଗ ଶଯ୍ୟାରେ । ୧ ବର୍ଷ ହେବ କିଡନୀ ରୋଗରେ ଆକ୍ରାନ୍ତ ହୋଇ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛି । ପରିବାରର ମେରୁ ଦଣ୍ଡକୁ ଦୋହଲାଇ ଦେଇଛି ଏହି ରୋଗ । ଏକ ମାତ୍ର ସାହାରା ଥିଲା ବିଏସ୍‌କେୱାଇ କାର୍ଡ । କାର୍ଡରେ ସବୁ ଅର୍ଥ ସରିଯିବା ପରେ ଏବେ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅର୍ଥଙ୍ଗା ପଂଚାୟତ ବଡଚଅପୋଇ ଗ୍ରାମରେ । ଦାଣ୍ଡ ଦୁଆରେ ବସି ଲୁହ ଗଡାଉଛନ୍ତି ପରିବର ଲୋକେ ।

ଏହି ଗ୍ରାମର ପିତାମ୍ୱର ଜେନା ଦୁଃଖ କଷ୍ଟରେ ଭାଗ ଚାଷ କରିବା ସହ ଦିନ ମୁଲିଆଭାବେ ତାହା ଅର୍ଥ ସଂଗ୍ରହ କରନ୍ତି ତାହା ତାଙ୍କ ପରିବାର ଚଳେ । ପରିବାର କହିଲେ ସ୍ୱାମୀ ସ୍ତ୍ରୀ ,ବାପା ମାଆ ଓ ୩ ଝିଅ । ଯାହା ଆଣନ୍ତି ହସ ଖୁସିରେ ପରିବାର ଚଳେ । ସରକାରୀ ସହାୟତା କହିଲେ ରାସନ କାର୍ଡରେ ମିଳୁଥିବା ଚାଉଳ ଆଉ ସ୍ୱାସ୍ଥ୍ୟ ବିଏସ୍‌କେୱାଇ କାର୍ଡ । ଏବେ ପରିବାର ଉପରେ ଭଗବାନ ଦାଉ ସାଜିଛନ୍ତି । ପାଠ ପଢା ଓ ଖେଳ କୁଦ ସମୟରେ ହସ ଖୁସିରେ ବୁଲୁ ଥିବା ରାଜଲକ୍ଷ୍ମୀ ଚିଳତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ମାଟ୍ରିକ ପରୀକ୍ଷା ସମୟରେ ବଢିବା ଓ ପଢିବା ବୟସରେ ବଡ ଝିଅ ରାଜଲକ୍ଷ୍ମୀଙ୍କର ବର୍ଷକ ତଳେ ଗୋଡ ଫୁଲିବା ଆରମ୍ଭ ହୋଇଥିଲା । ଫଳରେ ପାଠ ପଢିବା ଉପରେ ପଡିଲା ପ୍ରଭାବ । ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ମେଡିକାଲ ଓ ଜିଲା ସଦର ମହକୁମା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ଔଷଧ ସେବନ କରିବା ଫଳରେ ରୋଗ ସମ୍ପୂର୍ଣ୍ଣ ନିରାକରଣ ନ ହେବାରୁ ବଡ ମେଡିକାଲରେ ଚିକିତ୍ସା ପାଇଁ ପରିବାର ଲୋକେ କଟକ ନେଇଥିଲେ । ସେଠାରେ ପରୀକ୍ଷା ନିରୀକ୍ଷାରୁ ରାଜଲକ୍ଷ୍ମୀ କିଡନୀ ରୋଗରେ ଆକ୍ରାନ୍ତ ବୋଲି ଜଣାପଡିଥିଲା । ଚିକିତ୍ସା ନିମନ୍ତେ ବିଏସ୍‌କେୱାଇ କାର୍ଡ ତାଙ୍କର ଭରସା ଥିଲା । ହେଲେ ଅଧିକ ଭଲ ଚିକିତ୍ସା ନିମନ୍ତେ ପରିବାର ଲୋକେ ଭୁବନେଶ୍ୱରସ୍ଥିତ ଘରୋଇ ମେଡିକାଲ ନେଇଥିଲେ । ସେଠାରେ କାର୍ଡରେ ଥିବା ସମସ୍ତ ଟଙ୍କା ଖର୍ଚ୍ଚ କରିଥିଲେ । ଚିକିତ୍ସା ପରେ ଘରକୁ ଫେରିଥିଲେ । ଏବେ ସେ ଯୁକ୍ତ ୨ରେ ପାଠ ପଢୁଥିବା ବେଳେ ପୁଣି ଦେହରେ ଯନ୍ତ୍ରଣା ଅନୁଭବ କରୁଥିବା ବେଳେ ଯନ୍ତ୍ରଣାରେ ଆକାନ୍ତ ହେବା ନେଇ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ ନ କରି ପୁଣି ମେଡିକାଲକୁ ନେଇଥିଲେ । ଏପଟେ ଚିକିତ୍ସା ନିମନ୍ତେ ମେଡିକାଲକୁ ସପ୍ତାହରେ ୨ ଥର ଯିବାକୁ ପଡେ । ତେବେ ତାଙ୍କର ୨ଟି କିଡନୀ ଖରାପ ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ । କେବଳ କିଡନୀ ବଦଳ ତାଙ୍କ ପାଇଁ ଶେଷ ଭରସା ବୋଲି ଡାକ୍ତର କହିଥିଲେ। ଏପଟେ ପରିବାର ଚଳିବା କଷ୍ଟକର ହୋଇ ପଡଛି । କେଉଁଠୁ ଏତେ ଟଙ୍କା ଯୋଗାଡ କରି ଝିଅର ଚିକିତ୍ସା କରିବେ ଏବେ ସେମାନଙ୍କ ପାଇଁ ଏବେ ବୋଝ ପାଲଟିଛି । ଏହି ଦୁଃଖଦ ସମୟରେ କେହି ବଦାନ୍ୟ ବ୍ୟକ୍ତି ଓ ସରକାରୀ ସହାୟତାର ହାତ ବଢାଇଲେ ଝିଅ କିଛି ଦିନ ପାଇଁ ରୋଗ ଯନ୍ତ୍ରଣାରୁ ମୁକ୍ତି ପାଇବ ବୋଲି ପରିବାର ଲୋକେ ଆଶା କରିଛନ୍ତି ।

# ଜେଏସଡବ୍ଲ୍ୟୁ-ବିପିଏସ୍‌ଏଲ୍ ପକ୍ଷରୁ ବୃକ୍ଷରୋପଣ ଅଭିଯାନ ଆରମ୍ଭ

ସମ୍ବଲପୁର, ୨୩/୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ତହସିଲ ଅନ୍ତର୍ଗତ ଜେଏସଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନୁଯାୟୀ ଠେଲକୋଲଇ ପଂଚାୟତରେ ବ୍ୟାପକ ବୃକ୍ଷରୋପଣ କରାଯିବ । ଏଥିପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି । ସୁସ୍ଥ ପରିବେଶ ଏବଂ ସବୁଜ ବଳୟ ସୃଷ୍ଟି ପାଇଁ ଏହି କାର୍ଯ୍ୟକ୍ରମରେ ଗ୍ରାମପଂଚାୟତର ସମସ୍ତ ପରିବାରକୁ ବିଭିନ୍ନ କିସମର ଚାରାରୋପଣ କରାଯିବ । ପ୍ରାଥମିକ ପର୍ଯ୍ୟାୟରେ କମ୍ପାନୀ ନିକଟସ୍ଥ ପିଡ଼ିଏଫ୍ କଲୋନୀରେ ବିଭିନ୍ନ ଘର ମାନଙ୍କୁ ୪ ଶହ ଚାରା ବିତରଣ କରାଯାଇଛି । ଠେଲକୋଲଇ ସରପଂଚ ଅବନ୍ତୀ ନାୟକ ଏଥିରେ ଯୋଗ ଦେଇ ଚାରା ରୋପଣର ଉପକାରିତା ଓ ରୋପଣ କରାଯାଉଥିବା ବୃକ୍ଷର ଯତ୍ନ ଉପରେ ଜୋର୍ ଦେଇଥିଲେ । ଏହାଦ୍ୱାରା ଦୀର୍ଘସ୍ଥାୟୀ ପରିବେଶ ସନ୍ତୁଳନତା ରକ୍ଷା କରାଯାଇ ପାରିବ । ନିରନ୍ତର ବିକାଶ ଏବଂ ପରିବେଶଗତ ଆହ୍ୱାନର ସଠିକ୍ ପରିଚାଳନା ପାଇଁ କମ୍ପାନୀ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛି ।

# କେନ୍ଦୁଝରରେ ହେବ କଫି ଚାଷ: ୧୨୦୦ ଏକର ଜମିରେ ଲାଗିବ ସିଲଭର ଓକ୍

କେନ୍ଦୁଝର, ୨୩/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି କଫି ଚାଷ। ଗତବର୍ଷଠାରୁ ଓଡ଼ିଶା କଫି ମିସନରେ କେନ୍ଦୁଝର ଜିଲ୍ଲାକୁ ସାମିଲ କରାଯିବା ପରେ ଚଳିତବର୍ଷ ଚାଷପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ୧୨ଶହ ଏକର ଜମିରେ ସିଲଭର ଓକ୍ ଚାରାରୋପଣ କରାଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ରାଜ୍ୟର କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ କଫି ଚାଷ ହେଉଥିଲା। କେନ୍ଦୁଝରର ଜଳବାୟୁ ମଧ୍ୟ କଫି ଚାଷପାଇଁ ବେଶ ଅନୁକୂଳ ଥିବା ଜଣାପଡ଼ିବା ପରେ ଓଡ଼ିଶା କଫି ମିସନରେ ଏହି ଜିଲ୍ଲାକୁ ସାମିଲ କରିବାପାଇଁ ଯୋଜନା ହୋଇଥିଲା। ଏହି କ୍ରମରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା କଫି ମିସନରେ ରାଜ୍ୟ ସରକାର କେନ୍ଦୁଝର, ରାୟଗଡ଼ା, ଗଜପତି, କଳାହାଣ୍ଡି ଜିଲ୍ଲାକୁ ସାମିଲ କରଥିଲେ। ୧୦ବର୍ଷ ପାଇଁ ଏହି ଯୋଜନା ସରକାର ହାତକୁ ନେଇଛନ୍ତି। ଏଥିପାଇଁ ଚଳିତବର୍ଷ କେନ୍ଦୁଝର ଜିଲ୍ଲାର ବାଂଶପାଳ, କେନ୍ଦୁଝର ସଦର ଓ ତେଲକୋଇ ବ୍ଲକ୍‌ର ୧୨୦୦ ଏକର ଜମିରେ କଫି ଚାଷ କରିବା ପାଇଁ ପଦକ୍ଷେପ ନିଆଯାଇଛି। ବାଂଶପାଳ, ତେଲକୋଇ ଓ କେନ୍ଦୁଝର ସଦର ବ୍ଲକ୍‌ର ୪୯ ହଜାର ହେକ୍ଟର ଜମି କଫି ଚାଷ ପାଇଁ ଅନୁକୂଳ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୨୦୦ ଏକର ଜମିରେ ସିଲଭର ଓକ୍ ଗଛ ଲଗାଯାଉଛି। ସିଲଭର ଓକ୍ ଚାରାରୋପଣର ୪ ବର୍ଷ ପରେ ଏହି ଗଛର ଛାଇରେ କଫି ଚାରାରୋପଣ କରାଯିବ। ଏଥିପାଇଁ ଆନ୍ଧ୍ରପ୍ରଦେଶରୁ ୫ ଲକ୍ଷ ସିଲଭର ଓକ୍ ଚାରା ଆସିଛି। ବନ ବିଭାଗଠାରୁ ଚଳିତ ବର୍ଷ ୨ଲକ୍ଷ ଚାରା ନିଆଯିବ ବୋଲି ଜଣାପଡ଼ିଛି। ଅଗଷ୍ଟ ଶେଷ ସୁଦ୍ଧା ସିଲିଭର ଓକ୍ ଚାରାରୋପଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦୁଝରର ପାହାଡ଼ିଆ ଅଞ୍ଚଳ ଓ ଥଣ୍ଡା ଜଳବାୟୁ କଫି ଚାଷ ପାଇଁ ବେଶ ଅନୁକୂଳ। ସ୍ଥିତି ଅନୁଧ୍ୟାନ ପରେ ଏହି ଅଞ୍ଚଳ କଫିଚାଷ ପାଇଁ ଉପଯୁକ୍ତ ବୋଲି କଫି ବୋର୍ଡ ରିପୋର୍ଟ ଦେବା ପରେ ଚଳିତବର୍ଷ ଠାରୁ ଚାଷ ପାଇଁ ପ୍ରକ୍ରିୟା ହୋଇଛି। ପୂର୍ବରୁ ୨୦୦୫ରେ ବାଂଶପାଳ ବ୍ଲକ୍ ଉପରକାଇପୁରରେ ପ୍ରୀତମ କୁମାର ରାଠୋର ୧୩ ଏକର ଜମିରେ କୋରାପୁଟ କଫି ବୋର୍ଡରୁ ୮୦୦୦ କଫି ଚାରା ଆଣି ଚାଷ କରି ବେଶ ସଫଳତା ପାଇଥିଲେ।

# ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍: ପୁରୁଷଙ୍କୁ ବିପଦ ଅଧିକ

ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ମୁଖ୍ୟତଃ ଯୁବାବସ୍ଥାରେ ହୋଇଥାଏ। ଜଣଙ୍କ ବୟସ ୨୦ରୁ ୪୦ବର୍ଷ ହୋଇଥିବା ବେଳେ ଏହା ଆରମ୍ଭ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ। କିନ୍ତୁ ଚିକିତ୍ସାରେ ଅବହେଳା ଯୋଗୁଁ ବୟସ ବଢ଼ିବା ବେଳକୁ ଏହି ରୋଗୀମାନଙ୍କ ସକ୍ରିୟତା କମି ଯାଇଥାଏ। କ୍ରମଶଃ ସେମାନେ ଆବଶ୍ୟକ ଚଳପ୍ରଚଳ କରିପାରି ନଥାନ୍ତି। ବରଂ ସେମାନଙ୍କ ଶରୀର ନମନୀୟତା ହରାଇଥାଏ। ଯଦି ଆରମ୍ଭରୁ ଏହି ରୋଗର ଚିକିତ୍ସା କରାଯାଏ, ତେବେ ରୋଗୀ ସୁସ୍ଥ ହୋଇପାରିବେ।

ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ଏକପ୍ରକାରର ଗଣ୍ଠିବାତ, ଯାହା ସମୟ ସହିତ ମେରୁଦଣ୍ଡ, ହାତ ଓ ଏହାର ଆଖପାଖ ଗଣ୍ଠି ସମୂହକୁ ପ୍ରଭାବିତ କରିଥାଏ। କ୍ରମଶଃ ରୋଗୀର ମେରୁଦଣ୍ଡର ନମନୀୟତା ମଧ୍ୟ ନଷ୍ଟ ହୋଇଯାଏ। ପରିଣାମ ସ୍ୱରୂପ, ଧୀରେ ଧୀରେ ରୋଗୀର ଶରୀର ବଙ୍କା ହୋଇଯାଇଥାଏ। ଏହି ରୋଗର ପ୍ରକୃତ କାରଣ ଏଯାଏ ଜଣାପଡ଼ି ନାହିଁ। ପ୍ରାୟତଃ ବଂଶଗତ ଓ ପରିବେଶର ପ୍ରଭାବରେ ଏହି ରୋଗ ହୋଇଥାଏ। ଏଚ୍‌ଏଲ୍‌ଏ-ବି୨୭ ନାମକ ଏକ ଜିନ୍ ଏହି ରୋଗୀମାନଙ୍କଠାରେ ଦେଖାଦେଇଥାଏ। ଆଙ୍କାଇଲୋଜି ସ୍ପଣ୍ଡିଲାଇଟିସ୍ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଠାରେ ଅଧିକ ଦେଖା ଦେଇଥାଏ।



### ରୋଗର ଲକ୍ଷଣ :

ଏହି ସ୍ପଣ୍ଡିଲାଇଟିସ୍ ଆରମ୍ଭ ପର୍ଯ୍ୟାୟରେ ଅଣ୍ଟାର ନିମ୍ନ ଭାଗରେ ଯନ୍ତ୍ରଣା ହେବା ସହ ଷ୍ଟିଫ୍ ହୋଇଯାଇଥାଏ। ଏହି ଯନ୍ତ୍ରଣା ବିଶେଷତଃ ସକାଳ ସମୟରେ କିମ୍ବା ଶରୀର ନିଷ୍କ୍ରିୟ ହେବା ପରେ ଅନୁଭୂତ ହୋଇଥାଏ। ଏହି ରୋଗ ହେବା ପରେ ବେକରେ ଯନ୍ତ୍ରଣା ଓ ଥକାପଣ ଅନୁଭବ ହୁଏ। ସମୟ ସହିତ ଏସବୁ ଲକ୍ଷଣରେ ପରିବର୍ତ୍ତନ ଆସିଥାଏ। ଏହାର କେତେକ ମୁଖ୍ୟ ଲକ୍ଷଣ ହେଉଛି:

୧. ସକାଳୁ ଉଠିବା ପରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଅଣ୍ଟା ଦରଜ ରହିବା।
୨. ରାତିରେ ଶୋଇବା ସମୟରେ ପିଠି ଦରଜ ବଢ଼ିଯିବା।
୩. ବେକ ଦରଜ ହେବା ସହ ବୁଲାଇବାରେ ମଧ୍ୟ ଯନ୍ତ୍ରଣା ହେବା।
୪. ଅନ୍ୟାନ୍ୟ ଗଣ୍ଠି, ଯେପରିକି ଜଂଘସନ୍ଧି, ଆଣ୍ଠୁ, କାନ୍ଧ ଓ କହୁଣି ଆଦି ଫୁଲିବା ସହ ଦରଜ ହେବା।
୫. ସକାଳୁ ଉଠି ଭୂଇଁରେ ପାଦ ପକାଇବାରେ କଷ୍ଟ ହେବା।
୬. ଆଖି ଲାଲ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହେବା।

ପ୍ରାୟ ୯୦ ଭାଗ ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗୀଙ୍କଠାରେ ଏଚ୍‌ଏଲ୍‌ଏ-ବି୨୭ ଜିନ୍ ରହିଥିବା ଜଣାପଡ଼ିଛି।

### ଚିହ୍ନଟ କରିବେ କେମିତି:

ଯଦି କୌଣସି ଲୋକ ନିୟମିତ ଭାବେ ସକାଳୁ ଉଠିବା ସମୟରେ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ, କିନ୍ତୁ କିଛି ସମୟର କାର୍ଯ୍ୟକଳାପ ପରେ ଏହି ଯନ୍ତ୍ରଣା କମିଯାଇଥାଏ ତେବେ ଏହା ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟ୍ସ ବୋଲି ସନ୍ଦେହ କରାଯାଇପାରେ। ଏହି ପରିସ୍ଥିତିରେ ତୁରନ୍ତ ର ?ୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ। ଏଥିପାଇଁ ବିଭିନ୍ନ ପ୍ରକାରର ରକ୍ତ ପରୀକ୍ଷା କରାଯାଏ ଯେପରି ଇଏସ୍‌ଆର, ସି.ଆର.ପି. ଓ ଅଣ୍ଟା ଏକ୍ସରେ ମାଧ୍ୟମରେ ଏହି ରୋଗକୁ ଚିହ୍ନଟ କରାଯାଏ। ଏହା ବ୍ୟତୀତ ରୋଗର ଚିହ୍ନଟ ପାଇଁ ଏମ୍.ଆର.ଆଇ. ଓ ଏଚ୍‌ଏଲ୍‌ଏ-ବି୨୭ ଜିନ୍‌ର ପରୀକ୍ଷା ମଧ୍ୟ କରାଯାଇଥାଏ।

### ଚିକିତ୍ସା ଓ ନିୟନ୍ତ୍ରଣର ଉପାୟ:

ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନରେ ବହୁପ୍ରକାର ଔଷଧ ଉପଲବ୍ଧ ହେଲାଣି, ଯାହାକୁ ଡିଜିଜ୍ ମୋଡିଫାଇଙ୍ଗ୍ ଆଣ୍ଟିରରୁମାଟିକ୍ ଡ୍ରଗ୍ସ କୁହାଯାଏ। ସ୍ପଣ୍ଡିଲାଇଟିସ୍‌କୁ ସଂପୂର୍ଣ୍ଣ ଭଲ କରାଯାଇ ନପାରିଲେ ମଧ୍ୟ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରାଯାଇପାରିବ। ଏଥିସହିତ ତୀବ୍ର ବେଗରେ ବଢୁଥିବା ରୋଗର ଗତିକୁ ହ୍ରାସ କରିଦିଆଯାଇପାରେ। ଦୈନନ୍ଦିନ ଜୀବନରେ ବିଭିନ୍ନ ଆହ୍ୱାନକୁ ସାମନା କରିବା ପାଇଁ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱର ଆବଶ୍ୟକତା ରହିଛି। ଶରୀର ପାଇଁ ଫଳ, ପନିପରିବା, ବିଭିନ୍ନ ଶସ୍ୟଜାତୀୟ ଖାଦ୍ୟ ସହ ସତେଜ ଓ ସୁସ୍ଥକର ଖାଦ୍ୟ ଦରକାର। ଅଧିକ ମଦ୍ୟପାନ ଓ ଧୂମପାନ ନ କରିବା ଭଲ। ପର୍ଯ୍ୟାପ୍ତ ମାତ୍ରାର କ୍ୟାଲ୍‌ସିୟମ୍ ଓ ଭିଟାମିନ୍ ଡି ଖାଇଲେ ଭଲ। ଏହି ଦୁଇ ପୋଷକତତ୍ତ୍ୱ ହାଡ଼କୁ ମଜଭୁତ କରିଥାଏ। ବୟସ୍କଙ୍କ କ୍ଷେତ୍ରରେ ଦିନକୁ ୧୦୦୦ରୁ ୧୨୦୦ ମି.ଗ୍ରା. କ୍ୟାଲ୍‌ସିୟମ୍ ଆବଶ୍ୟକ ହୋଇଥାଏ। କିନ୍ତୁ ନିଜ ପାଇଁ କେତେ କ୍ୟାଲ୍‌ସିୟମ୍ ଆବଶ୍ୟକ, ତାହା ଡାକ୍ତରଙ୍କ ସହ ପରାମର୍ଶ କଲେ ଜଣାପଡ଼ିବ। କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟପଦାର୍ଥ ମଧ୍ୟରେ ଦୁଗ୍ଧ ଜାତୀୟ ଉତ୍ପାଦ, କଦଳୀ, ବ୍ରୋକୋଲି, ଶସ୍ୟଜାତୀୟ ଖାଦ୍ୟ ଓ ଜୁସ୍ ଆଦି ରହିଛି। ସେହିପରି ଭିଟାମିନ୍ ଡି କେତେକ ମାଛ ଓ ସୂର୍ଯ୍ୟକିରଣରେ ରହିଛି। ଏହା ସହିତ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ।

# କ୍ରୋଧ କମାଉଛି ଓମେଗା-୩

ଏକ ଖାଦ୍ୟ ପରିପୂରକ ଭାବେ ବ୍ୟବହୃତ ତଥା ମାଛ ତେଲରେ ରହିଥିବା ଓମେଗା-୩ ପରି ଚର୍ବିଳାମ୍ଳ ଆମର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରଖିବା ସହ ଆମର ଆକ୍ରମଣାତ୍ମକ ମନୋଭାବ କମାଇଥାଏ ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାଯାଇଛି। ପୂର୍ବରୁ ସିଜୋଫ୍ରେନିଆ ରୋଗର ପ୍ରତିରୋଧକ ଭାବେ ଏହି ଓମେଗା-୩କୁ ବିବେଚନା କରାଯାଉଥିଲା। ଏହି ଅବସରରେ କୌଣସି ପୋଷକତତ୍ତ୍ୱର ଅଭାବକୁ ପୀଡ଼ିତର ଆକ୍ରମଣାତ୍ମକ ମନୋଭାବ ଓ ଅସାମାଜିକ ବ୍ୟବହାର ପାଇଁ ଦାୟୀ କରାଯାଉଥିଲା। ଆମେ ଯାହା ଭକ୍ଷଣ କରୁଛୁ, ତାହା ଆମର ମସ୍ତିଷ୍କ ରସାୟନକୁ ପ୍ରଭାବିତ କରିଥାଏ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଅନୁଯାୟୀ, ଏହି ଓମେଗା-୩ ମଧ୍ୟ



ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ପ୍ରଭାବିତ କରୁଛି। ୧୯୯୬ ମସିହାରୁ ୨୦୨୪ ମଧ୍ୟରେ ଏକ ଦୀର୍ଘମିଆଦୀ ଅନୁଧ୍ୟାନରେ ୩,୯୧୮ ଜଣ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ପ୍ରାୟ ୨୯ ପ୍ରକାର ନିୟନ୍ତ୍ରିତ ପରୀକ୍ଷା ନିରୀକ୍ଷା ଚଳାଇ ସେମାନେ ଏହି ନିର୍ଯାସରେ ପହଞ୍ଚିପାରିଛନ୍ତି। ବୟସ-ଲିଙ୍ଗ ନିର୍ବିଶେଷରେ ପ୍ରାୟ ୧୬ ସପ୍ତାହର ଓମେଗା-୩ ପ୍ରୟୋଗ ଦ୍ୱାରା ପ୍ରାୟ ୨୮ ପ୍ରତିଶତ ଆକ୍ରମଣାତ୍ମକ ମନୋଭାବ କମିପାରୁଛି ବୋଲି ଜାଣିବାକୁ ମିଳିଛି। ପେନ୍‌ସିଲ୍‌ଭାନିଆ ଗବେଷକମାନଙ୍କ ଏହି ନୂତନ ସିଦ୍ଧାନ୍ତ ଏକ ସକାରାତ୍ମକ ପରିଣାମ ଆଣିପାରିବାର ଆଶା ସଂଚାର କରିଛି। ବିଶେଷ କରି ଏପରି ଆକ୍ରମଣାତ୍ମକ ବ୍ୟବହାର ପ୍ରଦର୍ଶନ ଦେଖାଉଥିବା ଶିଶୁଙ୍କୁ ସପ୍ତାହକୁ ସ୍ୱାଭାବିକଠାରୁ ଟିକେ ଅଧିକ ପରିମାଣର ମାଛ ଖାଇବାକୁ ଦେଇ ତାହାକୁ ନିୟନ୍ତ୍ରଣ କରିହେବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ସେହିପରି ଶରୀରରେ ଏହି ଓମେଗା-୩ ଚର୍ବିଳାମ୍ଳର ସନ୍ତୁଳନ ହିଁ ସମାଜରେ ହିଂସାତ୍ମକ କାର୍ଯ୍ୟକଳାପ ରୋକିବାରେ ଅନ୍ୟତମ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।

# ଆଖି ତଳ ଦାଗ ଉପଚାରରେ 'ଫିଲର୍ସ'



ଅନେକଙ୍କର ଆଖି ତଳେ ଗାଢ଼ ରଙ୍ଗର ଦାଗ ଦେଖାଦେଇଥାଏ। ଏହା ଜଣଙ୍କୁ କ୍ଲାନ୍ତ ଅଥବା ବୟସ୍କ ହୋଇଥିବାର ଭାବନା ଆଣିଥାଏ। ଏପରି କଳା ଦାଗ ଲିଭାଇବା ପାଇଁ ପ୍ରଚୁର ସୁଖନିଦ୍ରା ସହ ଅଧିକ ପାନୀୟ ସେବନ ଓ ନାନା ପ୍ରକାର ରାସାୟନିକ ପ୍ରଲେପ ବୋଳିବା ପାଇଁ ପରାମର୍ଶ କରାଯାଇଥାଏ। ତେବେ ସେଗୁଡ଼ିକ କ୍ଷଣସ୍ଥାୟୀ ଉପଚାର କହିଲେ ଅତ୍ୟୁକ୍ତି ହେବନାହିଁ। ଅପରପକ୍ଷେ, ଏବେ ସେହି କଳାଦାଗ ଚିରଦିନ ପାଇଁ ଲିଭାଇବା ଲାଗି ଚର୍ମ ତଳେ 'ଅଣ୍ଡର-ଆଇ ଫିଲର୍ସ' ନାମକ ଏକ ପ୍ରକାର ତରଳ ପଦାର୍ଥର ଉପଯୋଗ ଲୋକପ୍ରିୟ ହେବାରେ ଲାଗିଛି। ଆମ ଶରୀରର ଚର୍ମକୁ ଚିକ୍କଣ ତଥା ଆର୍ଦ୍ର ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ହ୍ୟାଲୁରୋନିକ ଏସିଡ୍(ଏଚଏ) ପରି ପ୍ରାକୃତିକ ସାମଗ୍ରୀରୁ ସ୍ୱତନ୍ତ୍ର ଭାବରେ ସୃଷ୍ଟ ଏହି 'ଅଣ୍ଡର-ଆଇ ଫିଲର୍ସ'କୁ ସାଧାରଣତଃ ଇଞ୍ଜେକ୍ସନ ସାହାଯ୍ୟରେ ଉପଯୋଗ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ଚର୍ମ ପତଳା ହୋଇଗଲେ କି ଚର୍ମତଳେ ଚର୍ବି ଅଂଶ କି କୋଲାଜେନ୍ ପରିମାଣ କମିଗଲେ ଆଖିତଳେ ଏପରି କଳାଦାଗ ଦେଖାଦେଇଥାଏ। ତେବେ ଅଣ୍ଡର-ଆଇ ଫିଲର୍ସ ଆଖି ତଳେ ପ୍ରବେଶ କରିବା ମାତ୍ରେ ତାହା ଧୀରେଧୀରେ ସଂପୃକ୍ତ ସ୍ଥାନକୁ ଉଜ୍ଜ୍ୱଳ ତଥା ତାଜା କରିଦେବା ସହ ଚର୍ମର ଆର୍ଦ୍ରତା ଓ ନମନୀୟତା ବଢ଼ାଇ ତ୍ୱଚାର ପୂର୍ବରୂପ ଫେରାଇ ଆଣିଥାଏ। ମାତ୍ର ୧୫ରୁ ୩୦ ମିନିଟ ଭିତରେ ସାଧିତ ହୋଇ ପାରୁଥିବା ଏହି ଫିଲର୍ସ ଉପଯୋଗ ପ୍ରକ୍ରିୟା ଏକ ଅଣ-ଅସ୍ତ୍ରୋପଚାର ପଦ୍ଧତି ହେବା ସହ ଏହାର ତତ୍କାଳ ଫଳାଫଳ ପାଇଁ ଏହାର ଚାହିଦା ବଢ଼ିବାରେ ଲାଗିଛି।

# ରୁଟି କିମ୍ବା ନାନ୍ ସହ ଖାଆନ୍ତୁ ମଲାଇ ପନିର ମସଲା

*ଆବଶ୍ୟକ ସାମଗ୍ରୀ:*

ପନିର, କଟା ପିଆଜ, ଟମାଟୋ ପ୍ୟୁରି, କାଜୁ ବଟା, ଅଦା ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ୍, ଗୋଲମରିଚ ଗୁଣ୍ଡ, ଲୁଣ, ତେଲ।

*ପ୍ରସ୍ତୁତି ପ୍ରଣାଳୀ:*

ବଜାରରୁ କିଛି ପନିର ଆଣି ତାକୁ ଛୋଟ ଛୋଟ ପିସ୍ କରି କାଟି ଦିଅନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ କଟା ପନିରକୁ ପକାଇ ଛାଣନ୍ତୁ। ପନିର ଛାଣି ହୋଇଗଲା



ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ତା'ପରେ ମଲାଇ ପନିର ମସଲା ପାଇଁ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ କଟା ପିଆଜକୁ ନାଲି ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜ ନାଲି ହୋଇଯିବା ପରେ ସେଥିରେ ଅଦା ରସୁଣ ପେଷ୍ଟ, ହଳଦି ଗୁଣ୍ଡ ଓ ଲଙ୍କା ଗୁଣ୍ଡ ପକାଇ ମସଲାକୁ କଷନ୍ତୁ। ମସଲା କଷି ହୋଇଯିବା ପରେ ସେଥିରେ ଟମାଟୋ ପ୍ୟୁରି ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ କାଜୁ ବଟାକୁ ପକାଇ ଅଳ୍ପ ପାଣି ଦେଇ କିଛି ସମୟ କଷନ୍ତୁ। ତା'ପରେ ଭାଜି ରଖିଥିବା ପନିରକୁ ସେଥିରେ ପକାଇ ଦିଅନ୍ତୁ। ଏହାପରେ ସ୍ୱାଦନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଫୁଟିବାକୁ ଛାଡ଼ି ଦିଅନ୍ତୁ । ପରେ ସେଥିରେ ଫ୍ରେଶ୍ କ୍ରିମ୍ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ କରେଇକୁ ଗ୍ୟାସ ଆଞ୍ଚରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମଲାଇ ପନିର ମସଲା। ଏହାକୁ ଆପଣ ଭାତ ଓ ନାନ ସହ ଖାଇପାରିବେ।

# ଆପଣଙ୍କ ପତ୍ନୀ ସବୁବେଳେ ଚିଡୁଛନ୍ତି କି: ଜାଣନ୍ତୁ ଏହାର କାରଣ ଆଉ ସମାଧାନ କରିବାର ଉପାୟ

ଅନେକ ପୁରୁଷଙ୍କର ଏହି ସମସ୍ୟା ଥାଏ ଯେ ଆରମ୍ଭରେ ସେମାନଙ୍କର ପତ୍ନୀମାନେ ସେମାନଙ୍କର ଯେମିତି ଯତ୍ନ ନେଉଥିଲେ ଏବଂ ସେମାନଙ୍କ ମଧ୍ୟରେ ଯେଭଳି ଭଲ ଟ୍ୟୁନିଂ ଥିଲା, ସମୟ ଗଡିବା ସହିତ ସେମାନଙ୍କ ଆଚରଣରେ ପରିବର୍ତ୍ତନ ହୋଇଯାଏ, ସେମାନେ ଚିଡିଚିଡା ହୋଇଯାଆନ୍ତି ଏବଂ ସେମାନେ ସ୍ୱାମୀଙ୍କ ସମସ୍ତ କାମକୁ ନାପସନ୍ଦ କରନ୍ତି। ଯଦି ଆପଣ ମଧ୍ୟ ଏଭଳି ପରିସ୍ଥିତିର ସମ୍ମୁଖୀନ କରୁଛନ୍ତି ଏବଂ ନିଜର ପତ୍ନୀଙ୍କ ଆଚରଣକୁ ନେଇ ଚିନ୍ତାରେ ଅଛନ୍ତି, ତେବେ ଥରେ ଭାବନ୍ତୁ ସେ ବିବାହର କିଛି ଦିନ ପରେ କାହିଁକି ଚିଡିଚିଡା ହୋଇଗଲେ, ସେ କାହିଁକି ଆଉ ପୂର୍ବପରି ବ୍ୟବହାର କରୁ ନାହାନ୍ତି। ତେବେ ଏହାର କିଛି ସରଳ କାରଣ ଥାଇପାରେ। ଆପଣ ଏହି କାରଣଗୁଡିକ ଜାଣି ନିଅନ୍ତୁ ଏବଂ ଏଥିରେ ସୁଧାର ଆଣି ନିଜ ବୈବାହିକ ଜୀବନକୁ ପୁନର୍ବାର ସୁଖୀ ଏବଂ ଉନ୍ନତ କରନ୍ତୁ। ଅନେକ ସମୟରେ ସ୍ୱାମୀମାନେ ନିଜ ପତ୍ନୀଙ୍କ ପାଖରେ କିଛି ପ୍ରତିଜ୍ଞା କରିଥାନ୍ତି କିନ୍ତୁ ପରେ ଏହାକୁ ଭୁଲିଯାଆନ୍ତି। ଏହା ଯେକୌଣସି ପାର୍ଟନରଙ୍କୁ ମଧ୍ୟ ଖରାପ ଅନୁଭବ କରିପାରେ। ଯଦି ଆପଣ ଏହି ଭୁଲକୁ ବାରମ୍ବାର ପୁନରାବୃତ୍ତି କରୁଛନ୍ତି, ଏହା ଆପଣଙ୍କ ପତ୍ନୀଙ୍କ ଅସନ୍ତୋଷର କାରଣ ହୋଇପାରେ।

*ପତ୍ନୀଙ୍କୁ ସମୟ ନ ଦେବା:*

ଅନେକ ସମୟରେ ମହିଳାମାନେ ଘର ଏବଂ ବାହାର କାମ କରି ମାନସିକ ସ୍ତରରେ କ୍ଳାନ୍ତ ହୋଇଯାଆନ୍ତି ଏବଂ ଆଶା କରନ୍ତି ଯେ ସେମାନଙ୍କ ପାର୍ଟନର୍ ସେମାନଙ୍କ ଭଲ ମନ୍ଦ ବିଷୟରେ ପଚାରିବେ ଏବଂ ଏକାଠି କିଛି ଭଲ ମୁହୂର୍ତ୍ତ ବିତାଇବେ। ଏମିତି ଆଶା କରିବା ମଧ୍ୟ ସ୍ୱାଭାବିକ। କିନ୍ତୁ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ସ୍ୱାମୀ ଏହା ଆବଶ୍ୟକ ମନେ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଏହା ସମ୍ଭବ ଯେ ଆପଣଙ୍କ ପତ୍ନୀ ଆପଣଙ୍କଠାରୁ ଦୂରେଇ ରହିବା ଆରମ୍ଭ କରିପାରନ୍ତି।



*ପିଲାର ଯତ୍ନ ନ ନେବା:*

ଅନେକ ମହିଳା ଅଭିଯୋଗ କରନ୍ତି ଯେ ସେମାନଙ୍କର ସ୍ୱାମୀମାନେ ପିଲାମାନଙ୍କୁ ଲାଳନ ପାଳନ କରିବାରେ ଆଦୌ ସାହାଯ୍ୟ କରନ୍ତି ନାହିଁ। ଅନେକ ସମୟରେ ଛୋଟ ପିଲାମାନେ କାନ୍ଦନ୍ତି ଏବଂ ସ୍ୱାମୀମାନେ ମୋବାଇଲ୍ ଫୋନ୍ ଦେଖିବାରେ ବ୍ୟସ୍ତ ଥାଆନ୍ତି। ସ୍ୱାମୀଙ୍କ ଏପରି ଆଚରଣ ମହିଳାମାନଙ୍କୁ ବିରକ୍ତ କରିଥାଏ।

*ଖାମଖିଆଲ୍ ନୀତି:*

ମହିଳାମାନେ ଅଭିଯୋଗ କରନ୍ତି ଯେ ସଜାଯାଇଥିବା ଘର ସ୍ୱାମୀଙ୍କ ଆସିବା ମାତ୍ରେ ଛିନ୍ନଛତ୍ର ହୋଇଯାଏ ଏବଂ ମୋଜା, ତଉଲିଆ, ଜୋତା, ସାର୍ଟ ଇତ୍ୟାଦି ଆଡେସାଡେ ପଡେ। ଏହା ଦେଖି ଦିନସାରା କାମ କରି କ୍ଳାନ୍ତ ହୋଇଯାଇଥିବା ପତ୍ନୀ ତ କିଛି କହିପାରନ୍ତି ନାହିଁ, କିନ୍ତୁ ତାଙ୍କ ମନରେ ନିଶ୍ଚିତ ଭାବରେ କ୍ରୋଧ ସୃଷ୍ଟି ହୁଏ।

*ପତ୍ନୀଙ୍କ ଆବଶ୍ୟକତା ପ୍ରତି ଦୃଷ୍ଟି:*

ଯଦି ଜଣେ ପତ୍ନୀ ଆପଣଙ୍କର ସମସ୍ତ ଆବଶ୍ୟକତା ପୂରଣ କରୁ କରୁ କରି ନିଜ କାମ କରିବାକୁ ସକ୍ଷମ ହୁଅନ୍ତି ନାହିଁ କିମ୍ବା ନିଜ ସାଙ୍ଗ କିମ୍ବା ପରିବାର ସହିତ କଥା ହୋଇ ପାରନ୍ତି ନାହିଁ, ତେବେ ଏହା ମଧ୍ୟ ତାଙ୍କ ଖରାପ ମନୋଭାବର କାରଣ ହୋଇପାରେ। ଏନେଇ ସେମାନଙ୍କ ଆବଶ୍ୟକତା ପ୍ରତି ମଧ୍ୟ ଦୃଷ୍ଟି ଦେବା ଦରକାର। ଯଦି ଆପଣ ଏହି ଜିନିଷଗୁଡ଼ିକୁ ଧ୍ୟାନରେ ରଖି ଆପଣଙ୍କ ପତ୍ନୀଙ୍କ ମାନସିକ ଏବଂ ଶାରୀରିକ ଆବଶ୍ୟକତାକୁ ସମାନ ଭାବରେ ପୂରଣ କରନ୍ତି, ତେବେ ଆପଣଙ୍କ ମଧ୍ୟରେ ଦୂରତା ହ୍ରାସ ହୋଇପାରେ। ସେମାନେ ଚିଡିଚିଡା ହେବେ ନାହିଁ ଆଉ ଆପଣଙ୍କୁ ପୂର୍ବ ପରି ବ୍ୟବହାର କରିବେ।

# ଅଧିକ ଲୁଣ ଖାଇଲେ କ'ଣ ହୁଏ ?

**ଲୁଣ ବିନା ଖାଦ୍ୟ ସ୍ୱାଦହୀନ। କିନ୍ତୁ ସ୍ୱାଦ ପାଇଁ ଯେ ଲୁଣ ହାନିକାରକ, ତାହା ଜାଣି ମଧ୍ୟ ଅନେକ ଅସଚେତନ। ଅତ୍ୟଧିକ ଲୁଣ ଖାଇବା ଦ୍ୱାରା ଏକାଧିକ ରୋଗ ମାଡ଼ିବସେ। ଫାଷ୍ଟଫୁଡ୍ ଏବଂ ଜଙ୍କ ଫୁଡରେ ଅତ୍ୟଧିକ ସୋଡିୟମ୍ ଥାଏ। ଅତ୍ୟଧିକ ସୋଡିୟମ ମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା କିଡନୀ, ଗ୍ୟାଷ୍ଟ୍ରିକ୍, କର୍କଟ ଏବଂ ମୋଟାପଣ ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଏନେଇ ବୈଜ୍ଞାନିକଙ୍କ ଅନୁଧ୍ୟାନ କଣ କହୁଛି, ଜାଣନ୍ତୁ...**

*ଅତ୍ୟଧିକ ସୋଡିୟମ୍ କାହିଁକି ବିପଜ୍ଜନକ ?*

ଆମେରିକାର ସାନ ଫ୍ରାନ୍ସିସ୍କୋ, କାଲିଫର୍ନିଆ ୟୁନିଭରସିଟି ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ପ୍ରତିଦିନ ନିର୍ଦ୍ଧାରିତ ପରିମାଣଠାରୁ ଏକ ଗ୍ରାମ ଅଧିକ ଲୁଣ ଖାଇବା ଦ୍ୱାରା ଏକଜିମା ହେବାର ଆଶଙ୍କା ୨୨ ପ୍ରତିଶତ ବଢିପାରେ। ଏଥିରେ ଚର୍ମ ଶୁଷ୍କ ଏବଂ ଫୁଲିଯାଇଥାଏ। ଏହା ସହିତ ଚର୍ମ କୁଣ୍ଡିଆ ରୋଗ ମଧ୍ୟ ହୁଏ।

ଏହି ଅନୁଧ୍ୟାନ ପାଇଁ, ୨ ଲକ୍ଷରୁ ଅଧିକ ଲୋକଙ୍କ ଉପରେ ବିଶ୍ଳେଷଣ କରାଯାଇଥିଲା। ଯେଉଁମାନଙ୍କ ମଧ୍ୟରେ ୩୦ ବର୍ଷରୁ ୭୦ ବର୍ଷର ଲୋକ ସାମିଲ ହୋଇଥିଲେ। ସମସ୍ତଙ୍କର ପରିସ୍ରା ପରୀକ୍ଷଣରୁ ଗୋଟିଏ ଦିନରେ ଖାଉଥିବା ଲୁଣର ପରିମାଣକୁ ନେଇ ବିଶ୍ଳେଷଣ କରାଯଇଥିଲା।

*ଗୋଟିଏ ଦିନରେ କେତେ ଲୁଣ ଖାଇବା ଉଚିତ୍ ?*

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚଓ) ଅନୁଯାୟୀ, ଗୋଟିଏ ଦିନରେ ୨ ଗ୍ରାମରୁ କମ୍ ସୋଡିୟମ ଖାଇବା ଉଚିତ୍। ୨ ଗ୍ରାମ ସୋଡିୟମ ଅର୍ଥ ଦିନରେ ୫ ଗ୍ରାମରୁ କମ୍ ଲୁଣ ଖାଇବା ଉଚିତ୍। ଏହାଠୁ



ଅଧିକ ସୋଡିୟମ ଶରୀରରେ ଅଟୋଇମ୍ୟୁନ ଏବଂ କ୍ରନିକ୍ ପ୍ରଦାହ ଜନିତ ସମସ୍ୟା ସୃଷ୍ଟି କରିପାରେ।

*ଶରୀରରେ ଲୁଣ ପରିମାଣ ବୃଦ୍ଧି କରେ ଫାଷ୍ଟଫୁଡ୍*

ଅନେକ ବୈଜ୍ଞାନିକ ଅନୁଧ୍ୟାନରୁ ଜଣାପଡିଛି ଯେ, ଫାଷ୍ଟଫୁଡ୍ ଖାଇବା ଦ୍ୱାରା ଶରୀରରେ ସୋଡିୟମ ପରିମାଣ ଶୀଘ୍ର ବଢିଥାଏ। କ୍ରମାଗତ ଭାବରେ ଏସବୁ ଖାଦ୍ୟ ଖାଇବା ଦ୍ୱାରା ଶିଶୁ ଏବଂ ଯୁବକମାନଙ୍କଠାରେ ଏକଜିମା ହେବାର ଆଶଙ୍କା ବଢିଥାଏ। ଗତ କିଛି ବର୍ଷ ମଧ୍ୟରେ ବିକଶିତ ଦେଶମାନଙ୍କରେ ଏହି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆମେରିକାରେ ପ୍ରତି ୧୦ ଜଣଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଏହିପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪
୨୪ ଜୁନ୍ ୨୦୨୪, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯେ ପାଞ୍ଚେ ପରର ମନ୍ଦ...

ଭାରତର ପଡୋଶୀ ଚୀନ୍‌କୁ ଏକଦା ସମଗ୍ର ଭାରତବାସୀ 'ହିନ୍ଦୀ-ଚୀନୀ ଭାଇ ଭାଇ' ଭାବରେ ଅନ୍ତରର ସହିତ ଗ୍ରହଣ କରିଥିଲେ । କିନ୍ତୁ ସେଇ ଭାଇ ଆଜି ଭାରତ ପାଇଁ ଭଗାରି ସାଜି ମୁଣ୍ଡବିନ୍ଧାର କାରଣ ପାଲଟିଛି । ହେଲେ ଜୋତାର ଫିଁତା ଏବେ ଆଉ ଜଣଙ୍କ ପାଦରେ ବନ୍ଧା ହେବା ଭଳି ମନେହୁଏ। ସମଗ୍ର ବିଶ୍ୱକୁ ଚୀନ୍ ତା'ର ବିସ୍ତାରବାଦୀ ନୀତି ଦ୍ୱାରା ବିତୃଷ୍ଣ କରି ସାରିଲାଣି। ଗୋଟିଏ ପଟେ ଏହା ଭାରତ ସହିତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ବିବାଦ ସୃଷ୍ଟି କରିଛି ତ ପ୍ରଶାନ୍ତ ମହାସାଗରରେ ତାଇୱାନ୍‌କୁ ଧମକ ଦେଇ ଚାଲିଛି । ପରନ୍ତୁ, ଏବେ ନିଜେ ନିଜ ଔଷଧର ସ୍ୱାଦ କେତେ ତାହା ଚାଖିବାକୁ ଆରମ୍ଭ କରିଛି, ଯେତେବେଳେ ଯୁକ୍ତରାଷ୍ଟ୍ର ଆମେରିକାର ସାତଜଣ ବିଶିଷ୍ଟ ଆଇନ ନିର୍ମାତାଙ୍କର ଏକ ଦ୍ୱିଦଳୀୟ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଥିବା ଦଲାଇ ଲାମାଙ୍କୁ ସାକ୍ଷାତ କରିବାକୁ ଆସି ତିବ୍ବତକୁ ପୂର୍ଣ୍ଣ ସ୍ୱାୟତ୍ତତା ପ୍ରଦାନ କରିବା ନିମନ୍ତେ ତାଙ୍କ ସହିତ ଆଲୋଚନା କରି ସେଥି ପ୍ରତି ଆମେରିକାର ସମର୍ଥନ ରହିଥିବାର ଆଶ୍ୱାସନା ଦେଇଛନ୍ତି। ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭସ୍‌ର ପୂର୍ବତନ ବାଚସ୍ପତି ନାନ୍ସି ପେଲୋସି, ଯିଏକି ଏକଦା ୨୦୨୨ରେ ପଦବୀରେ ଥିବା ବେଳେ ତାଇୱାନ୍ ଗସ୍ତ କରି ଚୀନ୍‌ର ଛାତିରେ କଣ୍ଟା ଫୋଡ଼ିବା ଭଳି କାମ କରିଥିଲେ, ଏବଂ ରିପବ୍ଲିକାନ୍ ହାଉସ୍ ଫରେନ୍ ଆଫେୟାର୍ସ କମିଟିର ଅଧ୍ୟକ୍ଷ ମାଇକେଲ ମ୍ୟାକ୍‌କଲ୍‌ଙ୍କର ଏହି ପ୍ରତିନିଧି ମଣ୍ଡଳୀରେ ଉପସ୍ଥିତି ଚୀନ୍ ପାଇଁ ଏକ ସଙ୍କେତ ଥଲା କି, ଯେ କୌଣସି ଦେଶର ସୀମା ଉପରେ ଏହାର ମତକୁ ତା'ର ଶେଷ ଶବ୍ଦ ଭାବରେ ସବୁବେଳେ ଗ୍ରହଣ କରାଯାଇ ନଥାଏ ଏବଂ ଏହାର ସମ୍ବେଦନଶୀଳତା ବିଶ୍ୱକୁ ଚିରଦିନ ପାଇଁ ନିରବ ଦର୍ଶକ ସାଜିବା ପାଇଁ ଦେବାକୁ ଯାଉନାହିଁ। ଧର୍ମଶାଳାକୁ ଆସିଥିବା ଆମେରିକୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିବା ଶ୍ରୀଯୁକ୍ତ ମ୍ୟାକ୍‌କଲ୍ ଗତ ମାସରେ ଆମେରିକୀୟ ସଦନରେ ଉପସ୍ଥାପିତ କରାଯାଇଥିବା ରିଜଲଭ୍ ତିବ୍ବତ ଆଇନ୍ ବିଲ୍‌କୁ ଆଗତ କରିଥିଲେ, ଯାହା ଆମେରିକାର ଉଭୟ ଦଳଙ୍କ ଦ୍ୱାରା ଅଭୂତପୂର୍ବ ସମର୍ଥନ ଲାଭ କରିଥିଲା । ଖୁବ୍ ଶୀଘ୍ର ଆମେରିକା ରାଷ୍ଟ୍ରପତି ମଧ୍ୟ ଏଥରେ ସ୍ୱାକ୍ଷର କରିବାକୁ ଯାଉଛନ୍ତି। ବିଲ୍‌କୁ ଉପସ୍ଥାପନ କରିବା ସମୟରେ ମ୍ୟାକ୍‌କଲ୍ କହିଥିଲେ, 'ଆମେରିକା ତିବ୍ବତୀୟମାନଙ୍କ ଉପରେ ହେଉଥିବା ସମସ୍ତ ପ୍ରକାରର ଦମନ ଲୀଳା ଓ ଅତ୍ୟାଚାରକୁ ଦୃଢ଼ ଭାବରେ ନିନ୍ଦା କରେ।' ଆମେରିକା ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ଲାଭ କରି ବିଲ୍ ଆଇନ୍‌ରେ ପରିଣତ ହେବା ପରେ ଚୀନ୍ ସହିତ ଆଲୋଚନା ଆରମ୍ଭ କରି ତିବ୍ବତୀୟମାନଙ୍କୁ ସେମାନଙ୍କ ନିଜ ମାଟିରେ ନିଜ ଭବିଷ୍ୟତର ମାଲିକ କରାଯିବାର ସ୍ୱପ୍ନ ସାକାର ହେବ କି ନାହିଁ, ତାହା ତ ଭିନ୍ନ କଥା, କିନ୍ତୁ ଆମେରିକାର ଏହି କାର୍ଯ୍ୟ ଚୀନ୍‌କୁ ଉତ୍‌କ୍ଷିପ୍ତ କରାଇବା ଏକ ପ୍ରକାର ନିଶ୍ଚିତ, କାରଣ ପ୍ରାଚୀନ ସମୟରୁ ତିବ୍ବତ ଚୀନର ଅଂଶ ରହି ଆସିଛି ବୋଲି ଏହା ଯେଉଁ ପ୍ରଚାର କରି ଆସୁଛି, ବିଲଟି ଚୀନ୍‌ର ସେହି ମତ ପାଇଁ ଅବଶ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବନାହିଁ। କହିବା ବାହୁଲ୍ୟ, ଭାରତ ଏସବୁ ଘଟଣାରେ କେବଳ ନିରବ ଦର୍ଶକ ସାଜି ବସିନାହିଁ। ବରଂ ଏହା ଗୋଟିଏ ପଟେ ଚୀନ୍‌କୁ ମୁକାବିଲା କରିବା ଭଳି ଢଙ୍ଗରେ ରହିଥିବା ବେଳେ ଅପର ପକ୍ଷରେ ଧର୍ମଶାଳାରେ ଆମେରିକୀୟ ପ୍ରତିନିଧି ମଣ୍ଡଳୀ କିପରି ଦଲାଇ ଲାମାଙ୍କ ସହିତ ସାକ୍ଷାତ ଆଲୋଚନା କରି ପାରିବେ, ତାକୁ ସୁଗମ କରିଥିଲା । ତେବେ ଏସବୁରୁ ଯେଉଁ ବାର୍ତ୍ତାଟି ସ୍ପଷ୍ଟ ଭାବରେ ମିଳିଥାଏ, ତାହା ହେଉଛି- ଅରୁଣାଚଳ ପ୍ରଦେଶ ଭଳି ଭାରତର ବିଭିନ୍ନ ସ୍ଥାନର ନାମକୁ ଚୀନ୍ ପୁଣି ଥରେ ଯେଉଁସବୁ ନାମ ଦେଉଛି ଏବଂ ସେଠାକୁ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରୁଛି, ଭାରତ ତାକୁ ଆଦୌ ହାଲ୍‌କା ଭାବରେ ନେବନାହିଁ। ସମ୍ପ୍ରତି ଭାରତ ସୀମାରେ ଉଭୟ ପକ୍ଷର ସେନା ମୁହାଁମୁହିଁ ଅବସ୍ଥାରେ ରହିଥିବା ବେଳେ ଚୀନ୍ ଭାରତର ଏହି କାର୍ଯ୍ୟରେ କେତେଦୂର ପ୍ରତିକ୍ରିୟାଶୀଳ ହେବ ଏବଂ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ତାହା ଏଯାବତ୍ ଜଣା ପଡ଼ିନାହିଁ । ଭାରତ ଏ କ୍ଷେତ୍ରରେ ଯେଉଁ ମତ ପୋଷଣ କରେ, ତାହା ହେଉଛି, ଏହା ବେଜିଂକୁ ଜଣାଇ ଦେବାକୁ ଚାହେଁ ଯେ ତିବ୍ବତ ସହିତ ରହିଥିବା ଉତ୍ତେଜନାକୁ ଆଲୋଚନା ଜରିଆରେ ପ୍ରଶମିତ କରି ଏହି ଅଞ୍ଚଳରେ ବୌଦ୍ଧ ସଂସ୍କୃତିକୁ ସୁରକ୍ଷିତ ରଖିବା, ଯାହାକି ଭାରତରେ ଅବଲମ୍ବନ କରାଯାଉଥିବା ବୌଦ୍ଧ ଧର୍ମରୁ ଅନେକାଂଶରେ ଆହରଣ କରିଛି ଏବଂ ଯାହା ତିବ୍ବତ ସହିତ ସାଂସ୍କୃତିକ ଓ ଧାର୍ମିକ ସମ୍ପର୍କକୁ ସୁଦୃଢ଼ କରିଛି । ୨୦୨୦ରେ ଗଲୱାନ୍‌ରେ ସଂଘର୍ଷ ପରେ ସୀମା ପ୍ରସଙ୍ଗ ଉପରେ ଚୀନ୍ ସହିତ ଆଲୋଚନା ଯଦିଓ ପ୍ରାରମ୍ଭିକ ସମୟରେ ସହମତି ଭିତ୍ତିରେ ସମାଧାନ କରିବାକୁ ସ୍ଥିର ହୋଇଥଲା, ତାହା ବର୍ତ୍ତମାନ ସେପରି କିଛି ଆଗେଇ ପାରିନାହିଁ ଏବଂ ଭାରତର ଏ ବାବଦରେ ଯେଉଁ ସୁବିଧା ଥିଲା, ତାହା ବ୍ୟର୍ଥ ହୋଇ ସାରିଛି । ସେଥିପାଇଁ ସମ୍ଭବତଃ ତିବ୍ବତୀୟ ଧର୍ମଗୁରୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମେରିକୀୟ ଆଇନ ନିର୍ମାତା, ଯେଉଁମାନଙ୍କୁ ଚୀନ୍ ବିଚ୍ଛିନ୍ନତାବାଦୀର ଆଖ୍ୟା ଦେଇଛି, ସେମାନଙ୍କ ପାଇଁ ଏକ ସୁଗମକାରୀର ଭୂମିକାରେ ଅବତୀର୍ଣ୍ଣ ହୋଇ ଭାରତ ଚୀନ୍‌କୁ ପରୋକ୍ଷରେ ଏକ ସଙ୍କେତ ପ୍ରଦାନ କରିଛି ।

## ରାଜନୀତିରେ ବଳି ପଡୁଛି ମହାନଦୀ



ବିଷ୍ଣୁ ପ୍ରସାଦ ଦାସ

ମହାନଦୀ ଭାରତର ଛତିଶଗଡ଼ ପ୍ରଦେଶର ବସ୍ତର ମାଳଭୂମିରେ ଅବସ୍ଥିତ ଅମରକଣ୍ଟକ ପର୍ବତରୁ ଜନ୍ମନେଇ ଦୀର୍ଘ ୮୫୧ କିଲୋମିଟର ପଥ ଅତିକ୍ରମ କରି ବଙ୍ଗୋପସାଗରରେ ମିଶିଛି । ଓଡିଶା ପ୍ରଦେଶ ପାଇଁ ମହାନଦୀର ଅନେକ ଅବଦାନ ରହିଅଛି ତେଣୁ ଏହାକୁ ଓଡ଼ିଶାର ଜୀବନରେଖା କୁହାଯାଏ, ମହାନଦୀର ଅନେକ ନାମ ଅଛି ସେଗୁଡିକ ହେଲା କନକ ନନ୍ଦିନୀ, ଚିତ୍ରୋତ୍ପଳା, ନୀଳୋତ୍ପଳା, ମହାନନ୍ଦା, ମହାଶ୍ୱେତା ଇତ୍ୟାଦି । ଚୀର ସ୍ରୋତା ନଦୀ ହୋଇ ନ'ଥିବାରୁ କେବଳ ବର୍ଷା ଋତୁରେ ବୃଷ୍ଟିକୁ ପାଥେୟ କରି ଏଥିରେ ଆବଶ୍ୟକତା ଠାରୁ ଅଧିକ ଜଳ ପ୍ରବାହିତ ହୋଇଥାଏ ଯାହାକି ଅନେକ ସମୟରେ ଧନ, ଜୀବନ ପ୍ରତି ବିପଦ ସାବ୍ୟସ୍ତ ହୋଇଛି । ପ୍ରାକୃତିକ ବିପଦର ମୁକାବଲା ତଥା ବର୍ଷସାରା କୃଷିକ୍ଷେତ୍ରକୁ ଜଳ ଯୋଗାଇବା ଉଦେଶ୍ୟରେ ସରକାରଙ୍କ ଦ୍ୱାରା ଡ୍ୟାମ୍ / ଜଳଭଣ୍ଡାର ସୃଷ୍ଟିକରିବା କାର୍ଯ୍ୟ ସମ୍ପାଦନ ହୋଇଛି, ମହାନଦୀ ଉପରେ ଗଢି ଉଠିଥିବା ଡ୍ୟାମ୍ ମାନଙ୍କ ମଧ୍ୟରୁ ହୀରାକୁଦ ଡ୍ୟାମ୍ ( ଓଡିଶା) ଅନ୍ୟତମ, ସମୁଦାୟ ୮୫୧ କିଲୋମିଟର ପଥ ମଧ୍ୟରୁ ଛତିଶଗଡ଼ରେ ୩୫୭ କିଲୋମିଟର ଏବଂ ଓଡ଼ିଶାରେ ୪୯୪ କିଲୋମିଟର ପଥ ଅତିକ୍ରାନ୍ତ କରିଛି, ଏଥିରୁ ଅନୁମେୟ ଛତିଶ ଗଡ଼ ଠାରୁ ଓଡିଶା ପ୍ରଦେଶରେ ମହାନଦୀ ୧୩୭ କିଲୋମିଟର ଅଧିକ ପଥ ଅତିକ୍ରାନ୍ତ କରିଛି। ବର୍ତ୍ତମାନ ଏହି ନଦୀର ଜଳ ପରିଚାଳନା ତଥା ଜଳ ବଣ୍ଟନକୁ ନେଇ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି, ଛତିଶଗଡ଼ ସରକାର ତାଙ୍କ ରାଜ୍ୟରେ ଜଳସେଚନ ନିମନ୍ତେ ଅନେକ ଗୁଡିଏ ଡ୍ୟାମ୍ / ଜଳ ଭଣ୍ଡାର ନିର୍ମାଣ କରିବା ଦ୍ୱାରା ମହାନଦୀର ଜଳ ପୂର୍ବବତ ହୀରାକୁଦ ଜଳ ଭଣ୍ଡାର ଭିତରକୁ ପ୍ରବେଶ କରି ପାରୁ ନାହିଁ । ହୀରାକୁଦ ଜଳଭଣ୍ଡାରର ସର୍ବନିମ୍ନ ଜଳଧାରଣ କ୍ଷମତା ଠାରୁ ଜଳ କମିବାର ଉପକ୍ରମ କରୁଛି, ଏହା ଓଡିଶା ବାସୀଙ୍କ ଲାଗି ଏକ ଚିନ୍ତାଜନକ ବିଷୟ ହୋଇ ଉଠିଛି। ହୀରାକୁଦ ଜଳ ଭଣ୍ଡାରର ଜଳଧାରଣ କ୍ଷମତା ଉପରେ ବିଦ୍ୟୁତ ଶକ୍ତି ଉତ୍ପାଦନ ନିର୍ଭର କରିବା ସହିତ କୃଷିକ୍ଷେତ୍ର ପାଇଁ ଜଳ ଯୋଗାଣ ଓଡିଶା ପାଇଁ ଏକ ଆହ୍ୱାନ ପାଲଟିଛି । ଦେଖାଯାଉ ଓଡ଼ିଶା ସରକାର ଏହି ବିଷୟକୁ କେତେ ଗୁରୁତ୍ୱ ଦେଇ ଏହାର ସ୍ଥାୟୀ ସମାଧାନର ପନ୍ଥା ବାହାର କରୁଛନ୍ତି ।

୧୯୫୭ ଜାନୁଆରୀ ୧୩ ତାରିଖ ଦିନ ଉଦ୍ଘାଟିତ ହୋଇଥିବା ମହାନଦୀ ଉପରେ ହୀରାକୁଦ ଡ୍ୟାମ୍ ପୃଥିବୀର ସବୁଠାରୁ ଦୀର୍ଘତମ ମାଟିବନ୍ଧ ଏହା ଓଡ଼ିଶାର ସମ୍ବଲପୁର ସହର ଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଅବସ୍ଥିତ, କଂକ୍ରିଟ ବନ୍ଧର ଗୋଟିଏ ପଟେ ହୀରାକୁଦ ଟାଉନ ଏବଂ ଅନ୍ୟ ପଟେ ବୁର୍ଲା ଟାଉନ ଅବସ୍ଥିତ। ୧୯୮୦ ମସିହା ମଧ ଭାଗରୁ ମହାନଦୀ ଜଳ ବିବାଦର ସୂତ୍ରପାତ ହୋଇଛି, ହୀରାକୁଦର ଉପର ମୁଣ୍ଡରେ ଛତିଶଗଡ଼ ସରକାର ଜଳଭଣ୍ଡାର କରିଛନ୍ତି ତନ୍ମଧ୍ୟରୁ ମିନି ମାତା ଡ୍ୟାମ୍, ଆଗରିଆ ଡ୍ୟାମ୍, ଆମଚୁହା ଡ୍ୟାମ୍, ଆଡ଼ପଥର ଡ୍ୟାମ୍ ଇତ୍ୟାଦି ଅନ୍ୟତମ । ସେହି ସମୟରୁ ଓଡିଶା ମହାନଦୀ ଜଳ ବଣ୍ଟନ ପାଇଁ ଚିନ୍ତିତ ଥିଲା, ଅନେକ ଆଲୋଚନା, ସମାଲୋଚନା, ରାଜନୈତିକ ଆରୋପ, ପ୍ରତ୍ୟାରୋପ, ରାଜ୍ୟ, କେନ୍ଦ୍ର ଭିତରେ ଅହଂ ଭାବ ଲାଗି ବୁଝାମଣାର ଅଭାବ ତଥା ନ୍ୟାୟିକ ପ୍ରକ୍ରିୟା ମଧ୍ୟ ଦେଇ ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଜଳ ଟ୍ରିବୁନାଲରେ ବିବାଦ ସମାଧାନ ନିମନ୍ତେ ଦୀର୍ଘ ଦିନ ଧରି ପଡି ରହିଛି । ଏଥି ମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ସରକାର କ୍ଷମତାସୀନ ହୋଇ ଛନ୍ତି ପୁନଶ୍ଚ ଶାସନ ଗାଦୀରୁ ବିଦାୟ ନେଇ ଯାଇଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ଫିଟିଲା ନାହିଁ । ନେତା ମନ୍ତ୍ରୀ ସମସ୍ତେ କାନ୍ଦି ଛନ୍ତି, ଆଖିରୁ ଲୁହ ବୋହିଛି ଆଉ ରୁମାଲରେ ସବୁ ପୋଛି ଦେଇଛନ୍ତି, ପୂର୍ବବତ୍ ମହାନଦୀ ଯେମିତି ଶୁଖିଲା ଥିଲା ଠିକ୍ ସେମିତି ଭାଗ୍ୟକୁ ଆଦରି ଶୁଖିଲା ରହିଛି ।

କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ ଜଳ ବହୁଳେ ସୃଷ୍ଟି ନାଶ' । ପୃଥିବୀ ପୃଷ୍ଠରେ ବାସ କରୁଥିବା ଲକ୍ଷ ଲକ୍ଷ ଜୀବଜନ୍ତୁ, କୀଟ ପତଂଗ, ଜଳଚର ପ୍ରାଣୀ, ବୃକ୍ଷ ଲତା ଠାରୁ ଆରମ୍ଭ କରି ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ସମସ୍ତେ ଜୀବନ ଧାରଣ କରିବା ପାଇଁ ମୁଖ୍ୟତଃ ଜଳ, ବାୟୁ ଉପରେ ଶତ ପ୍ରତିଶତ ନିର୍ଭରଶୀଳ । ବାୟୁରେ ଥିବା ଅମ୍ଳଜାନ ଜୀବଜଗତ ଜୀବନ ଧାରଣ ପାଇଁ ପ୍ରଶ୍ୱାସରେ ନେଇଥାଏ ଏବଂ ଜଳ ପାନୀୟ ରୂପେ ଗ୍ରହଣ କରିଥାଏ । ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟାସନାଲ ଏକାଡେମୀ ଅଫ ସାଇନ୍ସ, ଇଞ୍ଜିନିଅରିଂ ଆଣ୍ଡ ମେଡ଼ିସିନ ଦ୍ୱାରା ପରୀକ୍ଷାରୁ ଅନୁମେୟ ଜଣେ ସୁସ୍ଥ ମନୁଷ୍ୟ ପାଇଁ ସର୍ବନିମ୍ନ ୩.୭ ଲି (ପୁରୁଷ) ୨.୭ ଲି (ମହିଳା) ପାନୀୟ ଜଳର ଆବଶ୍ୟକତା ପଡିଥାଏ, ଏହାଛଡା ନିତ୍ୟ ବ୍ୟବହାର ପାଇଁ ମଧ ଜଳର ଆବଶ୍ୟକତାକୁ କେହି ଅସ୍ୱୀକାର କରିବେ ନାହିଁ । ଆମେମାନେ ଯଦି ତର୍ଜମା କରିବା ତେବେ ଜାଣିବାକୁ ପାଇବା ଯେ, ପୃଥିବୀର ଗଚ୍ଛିତ ଜଳ ମଧ୍ୟରୁ ୯୬.୫୪ ପ୍ରତିଶତ ବା ୯୭ ପ୍ରତିଶତ ଲବଣ ଯୁକ୍ତ ସମୁଦ୍ର ଜଳ ଯାହାକି ପାନୀୟ ପାଇଁ ଅନୁପଯୁକ୍ତ । ବରଫ ପାହାଡ଼, ଗ୍ଲାସିଆର୍ ଏବଂ ସ୍ଥାୟୀ ବରଫ ୧.୭୪ ଭାଗ, ଭୂତଳ ଜଳ ୧.୬୯ ଭାଗ, ସତେଜ ଜଳ ୦.୭୬ ଭାଗ ତେଣୁ ଅନୁମାନ କରନ୍ତୁ ତିନି ଚତୁର୍ଥାଂଶ ଜଳ ମଧ୍ୟରୁ କେତେ ଭାଗ ଆମେ ବ୍ୟବହାର କରି ପାରିବା ? ସାଧାରଣତଃ ଆମେମାନେ ନଦୀ ଗୁଡିକ ଉପରେ ନିର୍ଭରଶୀଳ, କିଛି ସ୍ଥାନରେ ଭୂତଳ ଜଳର ମଧ ଉପଯୋଗ କରା ଯାଇଥାଏ, ଭାରତ ସହିତ ଅନ୍ୟ କିଛି ବିକଶିତ ରାଷ୍ଟ୍ର ଗୁଡିକ ଏବେ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟିତ ଅଛନ୍ତି । ଜଳ ସଂରକ୍ଷଣ ନ' କଲେ ଆଗାମୀ ପିଢୀ ଆମକୁ ଆମର ଦାୟିତ୍ୱ ହୀନତା ପାଇଁ ଦାୟୀ କରିବେ । ସ୍ୱଚ୍ଛ ପାନୀୟ ଜଳକୁ ସଞ୍ଚିତ କରି ରଖିବା ତଥା ନିତ୍ୟ ବ୍ୟବହୃତ ଜଳକୁ ବିଶୋଧିତ କରି ପୁନଃ କାର୍ଯ୍ୟ ରେ ଲଗା ଯାଇ ପାରେ । ଆଦିମ ଯୁଗରୁ ମନୁଷ୍ୟ ତଥା ଗୃହପାଳିତ ଜୀବଜନ୍ତୁ ନଦୀ କୂଳରେ ବସ ବାସ କରୁଥିଲେ ଏବଂ ଆଜି ମଧ୍ୟ ପୃଥିବୀର ଅଧିକାଂଶ ବଡ଼ ବଡ଼ ସମୃଦ୍ଧଶାଳୀ ନଗରୀ ପୃଥିବୀର ଅନେକ ନଦୀ କୂଳରେ ଅବସ୍ଥିତ। ଏହି ନଗରୀ ଗୁଡିକ ଶିକ୍ଷା ସଂସ୍କୃତି, କଳା ଭାସ୍କର୍ଯ୍ୟ, ବିଜ୍ଞାନ, ବାଣିଜ୍ୟ ତଥା ଆଧୁନିକ ଜୀବନ ଶୈଳୀ କୁ ବହନ କରି ଶତାବ୍ଦୀ ଶତାବ୍ଦୀ ଧରି ରହି ଆସିଛି, ଏଥିରୁ ଅନୁମେୟ ଆମ ପାଇଁ ନଦୀର ଭୂମିକା ଏବଂ ଜଳ କେତେ ଗୁରୁତ୍ୱପୂର୍ଣ୍ଣ । ନଦୀ ଗୁଡିକ ଦେଶର ଜୀବନ ରେଖା କହିଲେ ଅତ୍ୟୁକ୍ତି ହେବନାହିଁ, ଦେଶର କୃଷି, ବାଣିଜ୍ୟ, ଯୋଗାଯୋଗ, ଜଳ ବିଦ୍ୟୁତ ଉତ୍ପାଦନ ଅର୍ଥନୀତିକୁ ସବଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜଳସେଚନ ଦ୍ୱାରା କୃଷି ଏବଂ ଶିଳ୍ପର ଉନ୍ନତି ସହିତ ଦେଶ ଆତ୍ମନିର୍ଭରଶୀଳ ହୋଇଥାଏ, ଏହି ଦୃଷ୍ଟିରୁ ଓଡିଶା ରାଜ୍ୟ ପାଇଁ ମହାନଦୀର ଜଳ ସୁପରିଚାଳନା ନିତ୍ୟାନ୍ତ ଜରୁରୀ ହୋଇ ପଡିଛି । ଘୃଣିତ ରାଜନୀତିର କୁଫଳ ରାଜ୍ୟବାସୀ ଅଙ୍ଗେ ଅଙ୍ଗେ ଅନୁଭବ କରି ଛନ୍ତି, ଏହି ପରିସ୍ଥିତି ଲାଗି ରହିଲେ ମହାନଦୀର ଉଭୟ ପାର୍ଶ୍ୱରେ ଗଢି ଉଠିଥିବା ଜନବସତି ଶିଳ୍ପ କୃଷିକ୍ଷେତ୍ର କାର୍ଯ୍ୟ ପାଇଁ ଜଳ ପାଇବେ ନାହିଁ ଏପରିକି ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେବା ଅବସ୍ଥା ଉପନୀତ ହୋଇଛି । ଦଳ ବଳ, ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରହି ରାଜ୍ୟ ବାସିଙ୍କ ସ୍ୱାର୍ଥ, ଜୀବନ, ଜୀବିକାକୁ ନଜରରେ ରଖି ସମୟୋପଯୋଗୀ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟବାସୀଙ୍କ ତରଫରୁ ନିବେଦନ ।

ବର୍ତ୍ତମାନ ବହୁଚର୍ଚ୍ଚିତ ଡବଲ ଇଂଜିନର ସରକାର, କେନ୍ଦ୍ର, ରାଜ୍ୟ, ପଡୋଶୀ ଛତିଶଗଡ଼ ସରକାର ଚାହିଁଲେ ଏହି ସମସ୍ୟା ଦୂର ହୋଇ ପାରିବ ତାହା ଛଡା ଓଡିଶା ସରକାର ହୀରାକୁଦ ଡ୍ୟାମ୍‌ର ତଳ ମୁଣ୍ଡରେ ଅନେକ ଗୁଡିଏ ଚେକ ଡ୍ୟାମ୍, ବ୍ୟାରେଜ୍ କରି ବର୍ଷାଦିନେ ସମୁଦ୍ରକୁ ବୋହି ଯାଉଥିବା ଜଳକୁ ସଂରକ୍ଷଣ କରି ରଖି ପାରିବେ, ସେଥି ମଧ୍ୟରୁ ଟିକରପଡା ଏବଂ ନାରାଜ (ବର୍ତ୍ତମାନ୍ ନରାଜଠାରେ ଗୋଟାଏ ବ୍ୟାରେଜ୍ ରହିଛି) ଠାରେ ଯଦି ଦୁଇଟି ମଧ୍ୟମ ଧରଣର ଡ୍ୟାମ୍ ହୋଇ ପାରନ୍ତା ତେବେ କୃଷି କାର୍ଯ୍ୟ ପାଇଁ ଜଳ ସଂରକ୍ଷଣ କରାଯାଇ ପାରନ୍ତା ବୋଲି ମୋର ବିଶ୍ୱାସ ତେବେ ବୈଷୟିକ ଟିମ୍ ତଥା ଯନ୍ତ୍ରୀ ମାନେ କ'ଣ ନିର୍ଣ୍ଣୟ ନେବେ ତାହା ଭବିଷ୍ୟତ କହିବ । ଭୂତଳ ଜଳ ସ୍ତର ହ୍ରାସ ଏବେ ପୃଥିବୀର ଅନେକ ଦେଶର ବଡ଼ ବଡ଼ ସହରରେ ଦେଖା ଦେଲାଣି, ଭାରତର ଦିଲ୍ଲୀ, ବେଙ୍ଗାଲୁରୁ ତଥା ଗଙ୍ଗା ନଦୀର ଅବବାହିକାରେ ଭୂତଳ ଜଳ ସ୍ତର କମି କମି ଯାଉଛି । ଦିଲ୍ଲୀ ଏବଂ ବେଙ୍ଗାଲୁରୁ ସହର ବାସୀ ପାନୀୟ ଜଳ ପାଇଁ ହା ହା କାର ଡାକ ଦେଲେଣି, ସେହିପରି ଓଡ଼ିଶାର ମହାନଦୀର ଅବବାହିକାର ପାର୍ଶ୍ୱବର୍ତ୍ତି ସହର, ଗ୍ରାମ ଗୁଡିକ ଗ୍ରୀଷ୍ମ ଦିନେ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି । ମହାନଦୀ ଆଜି କାନ୍ଦୁଛି ତାହାର କୋଳରେ ପ୍ରବାହିତ ହେଉଥିବା ଜଳ ଆଜି ନାହିଁ କେବଳ ଉତ୍ତପ୍ତ ବାଲୁକା ରାଶି ଦେଖିବକୁ ମିଳୁଛି କିନ୍ତୁ ଏଥିପ୍ରତି ସରକାରଙ୍କର କୌଣସି ନିଘା ନାହିଁ ବା ଅନ୍ତରରୁ ଆଗ୍ରହ ମଧ୍ୟ ନାହିଁ, ନେତୃତ୍ୱ ନେଉଥିବା ବ୍ୟକ୍ତି ମାନେ ଆଜିକାଲି ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁ ଙ୍କ ପରି ହେବାକୁ ଚାହୁଁ ନାହାନ୍ତି । କଥାରେ ଅଛି ନିଜେ ବଞ୍ଚିଲେ ବାପର ନାଁ ତେଣୁ କାହାରି ଆଗ୍ରହ ନାହିଁ । ମିଳିତ ଜାତିସଙ୍ଘ ଏବଂ ବୈଜ୍ଞାନିକ ମାନେ ଚେତାବନୀ ଦେଇ ସାରିଲେଣି ଦେଶରେ ପ୍ରାୟ ୧.୫ ଡିଗ୍ରୀ ସେଲସିଅସ ତାପ ମାତ୍ରା ବଢିବ ଏଥିରେ ସନ୍ଦେହ ନାହିଁ ।

ଏଠାରେ ଚୀନ ଦେଶର ଗୋଟିଏ ନଦୀର ଉଦାହରଣ ଦେଉଛି, ସେଠାରେ ସରକାର କିପରି ଭାବରେ ନଦୀ ଜଳ ସୁପରିଚାଳନା କରିଛନ୍ତି, ତାହାର ୧୦ ଭାଗରୁ ୧ ଭାଗ ଯଦି ହୋଇ ପାରନ୍ତା ତେବେ ଓଡ଼ିଶାର ଅନେକ ଉନ୍ନତି ହୋଇ ପାରନ୍ତା ବୋଲି ଆଶା କରାଯାଏ। ୟଙ୍ଗଟେଜ ନଦୀ ଚୀନ୍ ଦେଶର ସବୁଠାରୁ ଦୀର୍ଘତମ ନଦୀ ଏହାର ଦୈର୍ଘ୍ୟ ୬୩୦୦ କିଲୋମିଟର , ଏହାର ଉତ୍ପତ୍ତି ସ୍ଥଳ କୁଇନ୍ ଘାଇରୁ ବାହାରି ଚୀନ୍ ଦେଶର ମୁଖ୍ୟ ସହର ଚଙ୍ଗକୁଇଂ, ଜିଙ୍ଗଝୋଉ, ଇବିନ୍, ଲୁଜହୋଉ, ପାଞ୍ଜିହଉ ଇତ୍ୟଦି ସହର ଦେଇ ଦକ୍ଷିଣ ଚୀନ୍ ସାଗରରେ ମିଶିଛି । ଏହି ନଦୀ ଚୀନ୍ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ଏହାର ପାର୍ଶ୍ୱରେ କୃଷି, ବିରାଟ ଶିଳ୍ପ, ବିରାଟ ମାଛ ଚାଷ, ଘୁଷୁରୀ ଚାଷ ପରି ଲାଭଜନକ ବ୍ୟବସାୟ ଗଢିଉଠିଛି । ୧୯୫୦ ମସିହା ଠାରୁ ଏହି ନଦୀରେ ପ୍ରାୟ ୫୦ ହଜାର ଛୋଟ ବଡ଼ ଡ୍ୟାମ୍ ନିର୍ମିତ ହୋଇ ଜଳ ସଂରକ୍ଷଣ ସହିତ ଉଚିତ୍ ମାର୍ଗରେ ଜଳ ସମ୍ପଦର ପରିଚାଳନା କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇ ପାରିଛି । ଚୀନ୍‌ଠାରୁ ଆମକୁ ଅନେକ ସକାରାତ୍ମକ ବିଷୟ ଶିଖିବାର ଅଛି । ନଦୀ ଜଳର ସୁ ପରିଚାଳନା ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ । ନଦୀ ସଂଯୋଗୀ କରଣ ଦ୍ୱାରା ଜଳ ସମ୍ପଦର ଉତ୍ତମ ବିନିଯୋଗ ହୋଇ ପାରିବ ବୋଲି ବିଶ୍ୱାସ ତେବେ ଏହି ସ୍ୱପ୍ନର ପ୍ରକଳ୍ପ କେବେ ସତ୍ୟ ହୋଇ ସମ୍ପୂର୍ଣ୍ଣ ହେବ? ଅସମ୍ଭବ ବୋଲି କିଛି ଜିନିଷ ନାହିଁ, ସରକାର ଚାହିଁଲେ ଗଙ୍ଗା - ମହାନଦୀ - ଗୋଦାବରୀ ନଦୀକୁ କେନାଲ ଦ୍ୱାରା ସଂଯୋଗୀ କରଣ କରାଯାଇ ପାରିବ ଏବଂ ମହାନଦୀକୁ ବଞ୍ଚାଇ ହେବ, ଚାଷୀ କୂଳକୁ ଜଳ, ପାନୀୟ ଜଳର ସମସ୍ୟା ରହିବ ନାହିଁ, ନୌ ବାଣିଜ୍ୟ, ଜଳ ପଥରେ ଯାତ୍ରୀ ପରିବହନ ମଧ୍ୟ ସମ୍ଭବ ହୋଇ ପାରିବ । ଏହା ସରକାରଙ୍କ ପାଇଁ ଏକ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ସରକାରଙ୍କ ନିଦ କେବେ ଭାଙ୍ଗୁଛି ଦେଖିବା କଥା ।

ବାଦ ବିବାଦ ଛାଡି ଜନତାଙ୍କ ହିତ ଦୃଷ୍ଟିରୁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ଦରକାର, ଶାସନ ଗାଦିର ଲୋଭ ନ'ରଖି ଜନହିତକର କାର୍ଯ୍ୟ କରିଲେ ଯୁଗ ଯୁଗକୁ ଜନତା ମନେ ରଖିବେ । ଦଳୀୟ ସ୍ୱାର୍ଥକୁ ବାଦ ଦେଇ ସମୂହ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେବା ଶ୍ରେୟସ୍କର । କେନ୍ଦ୍ର, ରାଜ୍ୟ ପରସ୍ପର ସହିତ ହାତ ମିଳାଇ ସମସ୍ୟାର ସମାଧାନ କରି ପାରିଲେ ମହାନଦୀ ଛତିଶଗଡ଼ ଏବଂ ଓଡିଶା ଦୁଇଟି ପ୍ରଦେଶର ଜଳସଂକଟ ଦୂର କରିବା ସହିତ ଦୁଇଟି ରାଜ୍ୟକୁ ଭାରତର ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ କରିବ । ଅହଂ ଭାବ, ଇଚ୍ଛା ଶକ୍ତିର ଅଭାବ, ଅସୂୟା ମନୋଭାବ ତଥା ହିଂସା ଏହିସବୁ ଉନ୍ନତିର ପରିପନ୍ଥୀ ଅଟେ। ରାଜ୍ୟର ନେତା, ମନ୍ତ୍ରୀ , ଯନ୍ତ୍ରୀ, କୃଷକ, ଶିଳ୍ପପତି, ବ୍ୟବସାୟୀ, ବୁଦ୍ଧିଜୀବୀ, ଜନସାଧାରଣ ସବୁ ଏକ ହୋଇ ସବୁ ଭେଦ ଭାବ ଭୁଲି ଆସନ୍ତୁ ଆମେ ଆମ ଓଡ଼ିଶାର ଜୀବନରେଖା ମହାନଦୀକୁ ବଞ୍ଚାଇବା, ଯେଉଁ ଗୋଡ଼ଟଣା ମାନେ ବିରୋଧ କରୁଛନ୍ତି ସେମାନଙ୍କୁ ମଧ୍ୟ ମାନବିକତାର ଦ୍ୱାହିଦେଇ ମହାନଦୀ ବଞ୍ଚାଇବା କାର୍ଯ୍ୟରେ ସାମିଲ କରିବା ଏହି ଲେଖାର ଉଦ୍ଦେଶ୍ୟ । ମହାନଦୀ ବଞ୍ଚିଲେ ଓଡିଶା ବଞ୍ଚିବ, ଓଡିଶା ବଞ୍ଚିଲେ ସାଢେ ଚାରିକୋଟି ରୁ ପାଞ୍ଚକୋଟି ଓଡିଶା ବାସୀଙ୍କର ଅସ୍ମିତା ବଞ୍ଚିବ ।


+ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ:୯୯୩୭୧୭୪୦୯୭


## ସାମ୍ବିଧାନିକ ପୋଷ୍ଟରେ ରହି ଆସିଥିବା ଲୋକଙ୍କ ନାମରେ ବିଚାରଧୀନ ମାମଲା



ସୁବ୍ରତ କର

ଏହି ଖବର ସଦ୍ୟ ହାଇକୋର୍ଟ ୱେବସାଇଟରେ ପ୍ରକାଶିତ । ସାରା ରାଜ୍ୟରେ ୪୩୪ଟି ମାମଲା ବିଚାରଧୀନ ରହିଛି । ଆଗରେ ଖୋର୍ଦ୍ଧା ଜିଲ୍ଲା ଏବଂ ପରେ ପରେ କୋରାପୁଟ ଆଉ ଗଞ୍ଜାମ । ରାଜ୍ୟର ୩୦ ଜିଲ୍ଲାରୁ ହାଇକୋର୍ଟରୁ ବାହାରିଥିବା ରିପୋର୍ଟ ଅନୁସାରେ ୨୦୨୪ ଜାନୁଆରୀ ୧ରୁ ମେ ୩୧ ତାରିଖ ମଧ୍ୟରେ ୪୧ଟି ମାମଲା ରୁଜୁ ହୋଇଛି । ବିଚାରଧୀନ ଥିବା ୪୩୪ଟି ମାମଲା ମଧ୍ୟରୁ ୬୯ଟି ମାମଲା ଟାଏଲ ଷ୍ଟେଜରେ ପହଞ୍ଚି ସାରିଛି। ଅନୁଗୋଳରେ ୨୭, ବଲାଙ୍ଗୀରରେ ୨୮, ବାଲେଶ୍ୱରରେ ୨୩, ବରଗଡ଼ରେ ଗୋଟାଏ, କଟକରେ ୩୯, ମୟୂରଭଞ୍ଜରେ ୨୮ଟି କଳାହାଣ୍ଡିରେ ଗୋଟାଏ, ସମ୍ବଲପୁରରେ ୫୦ଟି, ସୁନ୍ଦରଗଡ଼ରେ ୩୯ଟି, ପୁରୀରେ ୪ଟି, ନୟାଗଡ଼ରେ ୫ଟି ମାମଲା ଏମ୍‌ପି, ବିଧାୟକଙ୍କ ବିରୋଧରେ ବିଚାରଧୀନ ଅଛି । ଅନ୍ୟପକ୍ଷରେ ଭଦ୍ରକ, ବୌଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, ଝାରସୁଗୁଡ଼ା, ଫୁଲବାଣୀ, ନବରଙ୍ଗପୁର ପ୍ରଭୃତି ଜିଲ୍ଲା ମାନଙ୍କରେ ଗୋଟାଏ ବି ମାମଲା ବିଚାରଧୀନ ନାହିଁ । ୨୦୨୦ ସେପ୍ଟେମ୍ବର ୧୬ ତାରିଖରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଥିଲେ ଏମାନଙ୍କ ନାଁରେ ଥିବା ମାମଲାଗୁଡ଼ିକୁ ତ୍ୱରିତ୍ ଶୁଣାଣି ଓ ଫଇସଲା ପାଇଁ ସ୍ୱତନ୍ତ୍ର ଅଦାଲତ ଗଠନ କରିବ ପାଇଁ । ଏମ୍.ପି, ପୂର୍ବତନ ଏମ୍.ପି ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ନାଁରେ ଥିବା ଅପରାଧିକ ମୂଳକ ମାମଲା ଗୁଡ଼ିକର ଫଇସଲା ପାଇଁ ରାଜ୍ୟ ସରକାରଙ୍କ ୧୧ଟି ସିଭିଲ୍ ଜଜ୍ ଅଦାଲତକୁ ସ୍ୱତନ୍ତ୍ର ଅଦାଲତରେ ମାନ୍ୟତା ଦେଇଛନ୍ତି ଏବଂ ସେହି କୋର୍ଟ ମାନଙ୍କ ଦ୍ୱାରା ତ୍ୱରିତ୍ ଫଇସଲା ହେବା ପାଇଁ ତିନୋଟି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍‌କୁ କ୍ଷମତା ଦିଆଯାଇଛି । ପରବର୍ତ୍ତୀ ସମୟରେ ଏମାନଙ୍କ ବିରୁଦ୍ଧରେ ଥିବା ସବୁ ପ୍ରକାରର ମାମଲାକୁ ଜିଲ୍ଲା ଜଜ୍‌ଙ୍କ କୋର୍ଟକୁ ପଠାଇ ଦିଆଯାଇଛି ଫଇସଲା ପାଇଁ ।

ଏଇଠି ପ୍ରଶ୍ନ ଉଠୁଛି ଯଦି ସାମ୍ବିଧାନିକ ଜାଗାରେ ରହି ତାଙ୍କ ନାମରେ ୪୩୪ଟି ମାମଲା ରହିଲା ତେବେ ସାଧାରଣ ଲୋକଙ୍କ ଅବସ୍ଥା କଣ ହେବ ? ଜନ ସାଧାରଣ ଏମାନଙ୍କ ଭୋଟ ଦେଇ ବାଛୁଛନ୍ତି ଏବଂ ବହୁତ କିଛଇ ଆଶା କରି ବିଧାନସଭା ଏବଂ ପାର୍ଲ୍ୟାମେଣ୍ଟକୁ ପଠାଉଛନ୍ତି ଏବଂ ସେମାନେ ଜନସାଧାରଣଙ୍କ ଆଦର୍ଶ ହେବା ଉଚିତ ବୋଲି ଆମେ ଆଶା କରିବା କଥା କିନ୍ତୁ ଏବେ ଦେଖାଗଲା ସେମାନଙ୍କ ନାଁରେ ୪୩୪ଟି ମାମଲା ଖାଲି ଆମ ରାଜ୍ୟରେ। ଏବେ ଚିନ୍ତା କରିବା ସାରା ଦେଶରେ କେତେ ହଜାର ବିଚାରଧୀନ ମାମଲା ପଡ଼ି ରହିଛି ଏବଂ ପ୍ରତିଦିନ ଶହଶଡ ମାମଲା ଯୋଡ଼ି ହେଉଛି । ଏହା କଣ ଦେଶର ଗଣତନ୍ତ ଠିକ୍ ବାର୍ତ୍ତା ବହନ କରିଛନ୍ତି କି ? ଏମାନେ ବିଶେଷ ଭାବରେ ଦାୟିତ୍ୱବାନ ହେବା ଦରକାର ଏବଂ ଲୋକଙ୍କ ଆଦର୍ଶ ହୋଇ ରହିବା ଉଚିତ । ସେମାନେ ଜଲଦି ସୁଧିରିବା ଦରକାର ଏବଂ ଦେଶ ପାଇଁ ଭଲ।




### ସହରରେ କର୍ଫ୍ୟୁ

ନୀଳମଣି ଚାନ୍ଦ

ସହରରେ କର୍ଫ୍ୟୁ ଏବେ
ସବୁ ଗୃହବନ୍ଦୀ
ଶୂନଶାନ୍ ଲାଗୁଥାଏ
ସବୁ ଗଳିକନ୍ଦି।

ବାହାରକୁ ଯିବା ମନା
ଚୁପଚାପ୍ ରୁହ
ସଭାସମିତି ଆଉରେ
ଏବେ ଜମା ନୁହଁ।

ବାହାରେ ପୋଲିସ ଗାଡ଼ି
ମାରେ ପଇଁତରା
ଏ ବର୍ଷାରେ ମନେ ଜମେ
ଖରା ଆଉ ଖରା।

ଯେଉଁମାନେ ବୁଣିଦେଲେ
ଅଶାନ୍ତିର ବୀଜ
ସେମାନେ କାହୁଁ ବୁଝିବେ
କର୍ଫ୍ୟୁ କଥା -ମଞ୍ଜ।

ଶାନ୍ତିକାନନ ରହିଛି
ନିରବିତ ହୋଇ
ଲାଗେ ନେଇଛି ସହରୁ
ସୁଖଶାନ୍ତି ଧୋଇ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ଲାସ୍ୟମୟୀ ଚିଲିକା...

ରାମଚନ୍ଦ୍ର ବେହେରା

ଆଗୋ ସୁକୁମାରୀ ବ୍ରହ୍ମାଣ୍ଡ ସୁନ୍ଦରୀ
ନୀଳବର୍ଣ୍ଣା ଅପସରୀ
ତବ ରୂପକାନ୍ତି ଭରିଦିଏ ଶାନ୍ତି
ଆନନ୍ଦାଶ୍ରୁ ପଡେ ଝରି।

ତୋ ବକ୍ଷେ ଖେଳନ୍ତି ଅଗଣିତ ପକ୍ଷୀ
ବାଣ୍ଟି ପ୍ରେମ ଅନାବିଳ
ତୋ ଭବ୍ୟ ଦର୍ଶନ ଚୋରିକରେ ମନ
ତୋ ପାଇଁ ଧନ୍ୟ ଉତ୍କଳ।

କାହାପାଇଁ ପୁଣି କୁହୁକର ମୁଣି
ସାଜୁ ତୁ ସର୍ବ ମଂଗଳା
ଅସରନ୍ତି ଶୋଭା ସାଇତି ରଖିଛୁ
ବକ୍ଷେ ଜଳଧିର ଧାରା।

ପ୍ରଭାତର ଶୋଭା ଗୋଧୂଳିର ଆଭା
ଉଦୟ ଅସ୍ତର ରାଗ
ତୋ ରୂପ ଲାବଣ୍ୟ ଓଡିଶା ଭୂଇଁରେ
ହସୁଥାଉ ଯୁଗ ଯୁଗ।

ତୋର ଶାନ୍ତ ସ୍ନିଗ୍ଧା ବିମଣ୍ଡିତା ରୂପ
କବିତାରେ ଶୋଭା ପାଉ
ତୋ ଅପୂର୍ବ କାନ୍ତି ସଭିଂଙ୍କ ପରାଣେ
ସୁଖ ଶାନ୍ତି ବାଣ୍ଟୁଥାଉ।


+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬


### ତୁମେ ଆସଗୋ ମୌସୁମୀ

ନୂତନ କୁମାର ବେହେରା

ତୁମେ ଆସ ଗୋ ମୌସୁମୀ
ସ୍ୱାଗତ କରୁଛୁଁ ତୁମକୁ
ଅନ୍ତରରୁ ଶ୍ରଦ୍ଧା ଭକ୍ତିରେ ପ୍ରଣମି
ଚାତକର ଚାହାଁଣିରେ ଚାହିଁଛି ଧରଣୀ
ନିଦାଘ କ୍ଲିଷ୍ଟ ରୁକ୍ଷ ଶୁଷ୍କ ତା' କୋଳ
ଲାଗେ ସବୁ ଶୂନ୍ୟ ଶୂନ୍ୟ ମରୁଭୂମି
ଜଳ ବିହୁନେ ଜଳୁଛି ଜୀବନ
ଆତଙ୍କିତେ ସକଳ ପ୍ରାଣୀ
ଯନ୍ତ୍ରଣାରେ ମର୍ମାହତ ଅସହାୟ
ଭାବନ୍ତି କି କଷ୍ଟ ଧରାପୃଷ୍ଠେ ଜନମି
ତୁମେ ଆସ ଗୋ ମୌସୁମୀ
ତୁମେ ଯେ ମୃତ୍ୟୁ ସଂଞ୍ଜିବନୀ ମନ୍ତ୍ର
ପିଣ୍ଡରେ ପ୍ରାଣ କର ସଞ୍ଚାରିତ
ତୁମଠାରେ ନତ ମସ୍ତକ ପରାକ୍ରମୀ
ତୁମ ଶୁଭାଗମନେ ଆକାଶ
ମେଘାଡାମ୍ବରେ ଦିଶେ ଶୋଭାମୟ
ଉର୍ଦ୍ଧ୍ୱେ ଧବଳ ଓ କୃଷ୍ଣକାୟ ବାଦଲ ଭ୍ରମି
ଆଶା ଆଶ୍ୱାସନାର ଦିଅନ୍ତି ଆଶିଷ
ସାନ୍ତ୍ୱନାରେ ମନ ଯାଏ ନରମି
ଆସିଲେ ତୁମେ ତୁମ ଅଭ୍ୟର୍ଥନାରେ
ବରଷାରାଣୀ ଓଢଣି ଟାଣି
ନିଝୁମ୍ ବରଷି ଯିବ ଛମ୍ ଛମ୍
ହୃଦୟ ସାଗରେ ନାଚିବ ଆଶାର ଉର୍ମି
ତୁମେ ଆସ ଗୋ ମୌସୁମୀ
ଜ୍ୟେଷ୍ଠ ଯାଇ ଆସିଛି ଆଷାଢ଼
ଆଲୋକ ତରଙ୍ଗେ ବିଜୁଳି ଝଟକେ
ଘଡ଼ଘଡ଼ି ଶବ୍ଦେ କମ୍ପେ ମେଦିନୀ
ପ୍ରବଳ ଗ୍ରୀଷ୍ମତାପ ଯାଏନା ତ ଥମି
ସବୁଜ ସୁନ୍ଦର ତରୁଲତା
ହେବେ ପଲ୍ଲବିତ ତୁମରି ପ୍ରଭାବେ
ସୁବୁଜିମାରେ ଭରି ଗଲେ ସୁଷମା
ଉପବନ ଶିରୀ ଯିବ ସରମି
ଯୁଇ ଜାଇ ଟଗର କେତକୀ କଦମ୍ବ
ଫୁଲେ ଫୁଲେ ମହକିବ ଉଠିବ ମହୀ
ଉଡି ଆସି ମଧୁପ ଯିବ ଚୁମି ଚୁମି
ଚଷା ବିଲେ ତାର ଯିବ ବେଗି ବେଗି
ରୁଆ ବିହୁଡାରେ କାଦୁଅ ଘାଣ୍ଟିବ
ସବୁରି ଜୀବନ ଲାଗି ସେ ପରିଶ୍ରମୀ
ସ୍ୱାଗତ କରୁ ଅନ୍ତରରୁ ପ୍ରଣମି
ଆଉ ବିଳମ୍ବେ ଅଧୈର୍ଯ୍ୟ ନ କରାଇ
ତୁମେ ଆସ ଗୋ ମୌସୁମୀ।


+କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

# ପତ୍ର



## ପ୍ରଶାନ୍ତ ଚନ୍ଦନ



ପତ୍ର ମାନେ ଗଛ,
ଗଛ ମାନେ ପତ୍ର...

ହେଲେ ଏ ପତ୍ର ସହ ମଣିଷର ବ୍ୟବହାର ଯେ କ'ଣ ବୋଇଲା ବେଳକୁ ନିଶ୍ଚୟ ଶାଗ, ତୁଣ କଥା ଉଠିବ । ଉଠିବ ପୁଣି ତା' ଉପରେ ରଖି କି ଭୋଜି, ଭାତ କରି ଖାଇବା ତ ସେ କ'ଣ ଖଲି ପତ୍ର ନୁହେଁ ?

ଆରେ ଏବେ ପରା ସବୁଠି ବଫେ ପାର୍ଟିର ଯୁଗ ତମେ ଖଲି ପତ୍ର କଥା କହୁଛ ? ହଁ ମୁଁ କହୁଛି । ସେଠି କି, କି ପତ୍ର ଜାଣ କି...

କିଏ କ'ଣ, କ'ଣ କହିବ । ମୁଁ କିନ୍ତୁ କହିବି ଶିଆଳୀ, ଶାଳ ( ସର୍ଗି ), ପିପ୍ପଳ, ପଣସ, ପଳାସ, କରଞ୍ଜ, କୁରେଇ ଆଦିରେ ଖଲି, ଦନା ତିଆରି ହୁଏ । ଯାହାକୁ କେତେକ ଅଞ୍ଚଳରେ ଠୋଲା, କୁଡୁଆ, ଚକ୍ରି ଡୁବ୍ଲା ବି କୁହାଯାଏ ।

ତେବେ ଗୋଟିଏ ଖଲିକୁ ଯେ ପ୍ରାୟ ଚାରି, ପାଞ୍ଚଟା ଦନା ଦରକାର । ଅବଶ୍ୟ ଆଇଟମ୍ ହିସାବରେ ଗୋଟିଏ ଦି'ଟା କମ୍, ଅଧିକ ବି ହୋଇପାରେ...

ସେପରି ଗୋଟିଏ ପତ୍ର ହେଉଛି କଦଳୀ । ହଁ ଏହାକୁ ଖଲି, ଦନା ତ ତିଆରି କରା ନ ଯାଇ ପାରେ ମାତ୍ର ବ୍ୟବହାର ଯେ ଏକା ଥରକେ ତିନି, ଚାରି ଲୋକ ଆରାମରେ ଖାଇ ପାରିବେ । କାଟି, କାଟି କରି । ଚିରି, ଚିରି କରି ।

ତା' ଛଡା ବିଭିନ୍ନ ପର୍ବ, ପର୍ବାଣି ତଥା ମାଙ୍ଗଳିକ, ଶବଯାତ୍ରା ବେଳେ ବି କଦଳୀ ପତ୍ରକୁ ଆମ୍ବ ପତ୍ର ପରି ଗୋଟା, ଗୋଟା କୋକେଇରେ ବାନ୍ଧି ସ୍ମଶାନକୁ ନିଅନ୍ତି...

କହନ୍ତି ଏହାଠୁ ଆଉ କିଛି ଶୁଭ ନାହିଁ।

କିନ୍ତୁ ଆମେ ଯେ ବୁଝି ପାରୁନୁ...

ମୁଁ ବୁଝାଇ ଦେବି, ଶୁଣିବ କି ଶୁଣ ତା'ହେଉଛି ଗୁଣ । ଯାହା କାଗଜରେ ନ ଥାଏ କି ପ୍ଲାଷ୍ଟିକରେ ବି ନ ଥାଏ ।

ମାନେ ତମେ ଏଠି ଜରିକୁ ବି ଯୋଗ କରି ନେଇ ପାରିବ ତ କହୁନ ଏ ସବୁର ପ୍ରୟୋଗ ହୋଇଥିବା ବଳକା ଖାଦ୍ୟ ବା ଅଇଁଠା ଖାଇ ଗାଇଗୋରୁ, ଛେଳି, ମେଣ୍ଢା, ମହିଷୀ ଆଦି ଗୃହ ପାଳିତ ପଶୁ ରୋଗ ମୁଖରେ ବି ପଡିବା ଏଡାଇ ଦେଇ ହେବ କି ?

ମାତ୍ର ପତ୍ର ଖଲିରେ ଏ ସମସ୍ୟା ନ ଥାଏ, ନୁହେଁ... କଥାକୁ କୁହାଯାଇ ପାରେ ଯେ ଖାଲି ଅଇଁଠା ନୁହଁ ବରଂ ଅଇଁଠା ସହ ପତ୍ର ଖଲିକୁ ବି ଖାଇ ଦେଲେ କିଛି ପ୍ରଭାବ ନ ଥାଏ ।

ବିଚରା ପାଳକ ବା ଅଧିକାରୀ ବି ଚିନ୍ତାଶୁନ୍ୟ...

ହେଲେ ବଫେ ପ୍ଲେଟ୍ କୋଉଠୁ ଆରମ୍ଭ ହେଲା ?

ତା'ପୂର୍ବରୁ ତ ପତ୍ର ଖଲି ହିଁ ଗୋଟିଏ ବିକଳ୍ପ ଥିଲା । ଆଜି କାଲି ଯେ ପତଳା ଜରି ବ୍ୟବହୃତ ପ୍ଲେଟ୍ ହେଉ କି ପୁରା ପ୍ଲାଷ୍ଟିକ୍, ରବର, କାଗଜ, ସୋଲ ଆହୁରି କେତେ କ'ଣ ଭଳିକି ଭଳି ପ୍ରକାର, ପ୍ରକାରର ରଙ୍ଗ ବେରଙ୍ଗର ବଫେ ପ୍ଲେଟ୍।

କି ଗରିବ, ଧନୀ...

ତେବେ ସେ ବି ଆରମ୍ଭ ହୋଇଥିଲା ଷ୍ଟିଲ୍ ଥାଳିରେ... ପରେ, ପରେ ସେ ଥାଳିରେ ଟିସୁ ପେପର୍ ହେଉ କି ହେଉ ସେ ଭଳି ପତଳା ଜରି ନା ମନେ ନାହିଁ ତମର ?

ଅବଶ୍ୟ ଏବେକାର ପନ୍ଦର, କୋଡିଏ ବର୍ଷର ଯୁବ କିଶୋର ମାନଙ୍କଠାରେ ନ ବି ଥିବ ତେବେ ସେମାନେ, ସେମାନଙ୍କର ବୟୋଜେଷ୍ଠ ପିତା, ମାତା, ଭାଇ, ଭଉଣୀ ତଥା ଅନ୍ୟାନ୍ୟ ସମ୍ପର୍କୀୟ ସବୁକୁ ବୁଝି ନେଇ ପାରିବେ...

ସେପରି ଆଉ ଗୋଟିଏ ଗୁଣ ହେଲା ଏ ପତ୍ର ଖଲି ଗୁଡିକର ରୋଗ ପ୍ରତିରୋଧକ ଶକ୍ତି ମଧ ଅଛି । ଏଣୁ ବୈଦରାଜ ତଥା ଆୟୁର୍ବେଦିକ ଶାସ୍ତ୍ରରେ ଉଲ୍ଲେଖ ଅଛି ଯେମିତି କି ପଳାଶ ପତ୍ର ଖଲିରେ ଖାଇଲେ ରକ୍ତ ସଫା ରହେ ।

ସେମିତି ରକ୍ତସ୍ରାବରୁ ବହୁତ ଫାଇଦା ମିଳେ।

ସେମିତି ଆଣ୍ଠୁ ଗଣ୍ଠି ରୋଗ ପାଇଁ କରଞ୍ଜ ପତ୍ରର ଖଲି ଉପଯୁକ୍ତ ମନେ କରାଯାଏ । ଏବଂ ମାନସିକ ସ୍ଥିତି ଠିକ ରହୁ ନ ଥିଲେ ପିପ୍ପଳ ପତ୍ରର ଖଲିରେ ଭୋଜନ କଲେ ଆରାମଦାୟକ ଲାଗେ...

ଆଉ ଶ୍ରାଦ୍ଧ ଜନିତ ପିଣ୍ଡଦାନରେ ଯେ ପଣସ ପତ୍ର ଖଲି ଭଲ ମନାଯାଏ ।

ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଖାଇରେ କୁରେଇ ପତ୍ର ଖଲି, ଦନା ହିଁ ପ୍ରୟୋଗ କରାଯାଏ ମାନେ ମଣିଷର ସଂସ୍କୃତିଟିଏ ନୁହେଁ ସତେ ଯାହା ଆଧୁନିକତା ନାଁରେ ଦିନକୁ ଦିନ କମ୍ ହେବାରେ ଲାଗୁଛି ମାନେ କିଛି ହାତ ଗଣତି ପିଆଜି, ପକୁଡି ଠେଲା ବାଲାଏ ଛଡା ବେଶି ଆଉ ଦିଶୁନି । ବରଂ ସେଠି ବି ଏବେ କାଗଜର ଗିନା ( ଦନା ) ଆଦି ସ୍ଥାନ ନେବାକୁ ବସିଲାଣି ।

ତେବେ ସୁଖର କଥା ଯେ ପ୍ରାଗ୍ଐତିହାସିକ ଯୁଗରୁ ପୋଡି ଖାଇ ଆସୁଥିବା ଭଳି ଏବେ ସହର ଗାଁ ସବୁଥିରେ ତେଲ, ମସଲା ଗୋଳେଇ ପତ୍ରକୁ ବାନ୍ଧି ନିଜ, ନିଜ ହିସାବରେ ପୋଡି, ସିଝାଇ ଖାଇବାରେ ଆଗ୍ରହ ବଢାଇଲେଣି...

ଯାହା ଆଞ୍ଚଳିକ ଭିତ୍ତିରେ କୋଉଠି ଶିଆଳୀ ତ କୋଉଠି ଶାଳ ( ସର୍ଗି, କେତେକ ସ୍ଥାନରେ ରେଙ୍ଗାଲ୍ ବୋଲି କହନ୍ତି ), ପୁଣି କୋଉଠି, କୋଉଠି କଦଳୀ, ପଳାଶ ବି ।

ସେଥିପାଇଁ ବୋଧହୁଏ କଳି, ଝଗଡା ହେଲେ ଆଜି ବି ସ୍ତ୍ରୀ, ପୁରୁଷ କହି ହେଉଥାନ୍ତି ଦେଖ୍ ଅଧିକ ରାଗ କର୍ନା ନ ହେଲେ ତୋତେ ବି ଜଡା ପତ୍ରେ ପୁର୍ଗି ଦେମି... ଅର୍ଥାତ୍ ସେଇ ସ୍ୱାଦନୁସାର ପତ୍ରଟିଏ ପୋଡି ଖାଇ ଦେବି ମାନେ ତୁଚ୍ଛା, ତୁଚ୍ଛା ଆଉ ଅଧିକ ପାଞ୍ଚ, ଦଶ ଟଙ୍କା ଖର୍ଚାନ୍ତ ହେଉନୁ...

ଯେତେବେଳେ କି ଆମ ରାଜ୍ୟ ସାରା ଦେଶରେ ତ ଦେଶ ସାରା ପୃଥିବୀରେ ଯେଉଁ ସ୍ୱତନ୍ତ୍ରତା ବଜାୟ ରଖୁଛି ତା'ମଧ ଅତୁଟ ରହନ୍ତାନି ?

ତେଣିକି ଗ୍ରୀଷ୍ମ କଷ୍ଟ ବା ଖରା ଅତିଷ୍ଠତା ରହନ୍ତାନି ମାନେ ପତ୍ର, ଗଛ...

ଗଛ, ପତ୍ର ତ...

ଆଶ୍ଚର୍ଯ୍ୟର କଥା ଶହେ, ଶହେ ବର୍ଷରୁ ଅଧିକ ବଞ୍ଚୁଥିବା ତଥା ଗଛ ଭିତରର ରଜା କୁହା ଯାଉଥିବା ପିପ୍ପଳ ବା ଓଶ୍ୱତ ସହ ବଟ, ନିମ୍ବ ଗଛକୁ ବି ସରକାର ଇଚ୍ଛା ପ୍ରକାଶ କରୁ ନାହାନ୍ତି। ନଚେତ୍ ପରିବେଶକୁ ସୁରକ୍ଷିତ ରଖିବାରେ ଯେ ଏ ଗଛ ଗୁଡା ଅଧିକ ।

ଏକ ସର୍ଭେନୁଯାୟୀ ପିପ୍ପଳ ଗଛରେ ଶତକଡା ଶହେ ପ୍ରତିଶତ କାର୍ବନ୍ ଡାଇ ଅକ୍ସାଇଡ୍ ରହୁଥିବା ବେଳେ ବଟ ଗଛରେ ଅଶି ତ ନିମ୍ବ ଗଛରେ ପଞ୍ଚସ୍ତରି ପ୍ରତିଶତ ରହୁଛି ।

ଯାହା ଦ୍ୱାରା ସ୍ୱଚ୍ଛ ଅମ୍ଳଜାନ ଯୋଗାଇବାରେ ବି ପିପ୍ପଳ ଗଛ ଆଗ ମାନେ ମଣିଷ ସୁସ୍ଥ ରହିବ କିପରି ?

ତେଣୁ ତମେ ଆମେ ସବୁ ମିଶି ଏ ପରମ୍ପରାକୁ ଆଗେଇ ନେବା ଦରକାର ।

ଏହା ଦ୍ୱାରା ଗଛ ବି ରହିବ । ପତ୍ର ବି ମିଳିବ। ଲୋକେ ପୁଣି ପ୍ରଚଳନ କରିବାକୁ ବି ଚେଷ୍ଟା କରିବେ...

ନଚେତ୍ ରାସ୍ତା ଚୌଡାକରଣ କରିବା ପରି ଜୀବନ ବି ସଙ୍କୁଚିତ ହୋଇଯିବ...

ଆଉ ଆଗକୁ ଭାବି ପାରି ନ ଥିଲି ସ୍ତ୍ରୀ ପ୍ରମିଳା ଆସି କହିଥିଲା, ଆରେ ତମେ କ'ଣ ମୋବାଇଲ୍ ଧରି ବସି ପଡିଲ ? କାଲି ଫୋନ୍ କଲାବେଳେ କହୁଥିଲ ତମେ ଚିନ୍ତା କରନା ପାଞ୍ଚ, ଛଅ ଜଣ ତ ବଫେ ପ୍ଲେଟ୍ ଗିନା କିଣି ଆଣିଲେ ହେବନି ? ଯାଅ ସନ୍ଧ୍ୟାକୁ ପଛରେ ଦୋକାନ, ଦୋକାନ ହୋଇ, ହୋଇ ଭୁଲି ହୋଇଗଲା ବୋଲି ମୋତେ ହିଁ ଅଧିକ ହୈରାଣ ହେବାକୁ ପଡିବ ?

ସତ କଥା ହେଲେ ପ୍ରମିଳା ମୁଁ କ'ଣ କହୁଥିଲି କି ଏ ପତ୍ର ଖଲି ଆଣି ଚଳାଇ ଦେଲେ ହେବନି ?

ଆହୁରି ଭଲ ହେବ ତା'କୁ ଯେ ଅଳିଆ ଗାଡିକୁ ବି ଦେବାକୁ ପଡିବନି ବରଂ ପୋଡିଦେଲେ ସେ ବି ଖତ ହୋଇଯିବ...

ତା'କୁ ବି କିଛି ଦିନ ରଖି ଫୁଲ, ଫଳ ଗଛରେ ବ୍ୟବହାର କରି ଦେଲେ ଆହୁରି ଭଲ ହେବ ।

ହଉ ମୁଁ ଚାଲିଲି । ତମେ ଦେଖ ଆରମ୍ଭ କଲେ ସଙ୍ଗେ, ସଙ୍ଗେ ନ ହେଲେ ବି ପ୍ରତି ସାମାଜିକ ସ୍ତରରେ କମ୍ ହୋଇ, ହୋଇ ପୁନ ପ୍ରଚଳନର ଗତି ତ ବଢିବ ନିଶ୍ଚୟ ।

ପତ୍ର ପୁଣି ଗଛ ସହ ଅନ୍ୟକୁ ବି ଦୃଷ୍ଟି ଆକର୍ଷଣ କରିବ ।

ରଶି ସନ୍ଦିପନୀର ତଥ୍ୟ କ'ଣ ମିଥ୍ୟା ହେବ, କହୁନ, କହୁନ ??

+ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୬୩୭୦୦୬୪୭୯୨

# ଅମୂଲ୍ୟ ସମ୍ପଦ



## ପଦ୍ମାଳୟା ସାମଲ



ସଞ୍ଜ ଗଡି ରାତି ହେଲାଣି । ବିପ୍ରବାବୁଙ୍କର ତିନି ଝିଅ ଘରୁ ବାହାର ଓ ବାହାରୁ ଘର ହୋଇ ବ୍ୟସ୍ତ ବିବ୍ରତ ହୋଇପଡୁଥାଆନ୍ତି । ମାଆ କଲ୍ୟାଣୀ ଯେତେ ବୁଝେଇଲେ ବି ସେମାନେ ସ୍ଥିର ହୋଇ ଗୋଟିଏ ଜାଗାରେ ବସୁନଥାନ୍ତି । ରାତି ଯେତେ ବଢୁଥାଏ ବାପାଙ୍କ ଫେରିବା ବାଟକୁ ଚାହିଁ ସେମାନଙ୍କର ଦୁଶ୍ଚିନ୍ତା ସେତେ ବଢୁଥାଏ । ଅପରାହ୍ନ ପାଞ୍ଚଟା ଭିତରେ ଶିକ୍ଷକ ବିପ୍ରବାବୁ ଘରେ ପହଞ୍ଚିଯାଆନ୍ତି । ରାତି ଆଠଟା ହେଲାଣି, ଏତେବେଳ ଯାଏ ଘରେ ପହଞ୍ଚି ନାହାନ୍ତି ସେ । ନାନା ପ୍ରକାର ଅଜଣା ଆଶଙ୍କାରେ ଝିଅମାନଙ୍କ ମନ ବ୍ୟାକୁଳିତ ହୋଇ ଉଠୁଥାଏ । ରାତି ପାହିଲେ ପହିଲି ରଜ ।

ବଡ଼ ଝିଅ ରିନା ବାପାଙ୍କର ଭାରି ଗେହ୍ଲି । ଗ୍ରାମଦେବତୀ ମା ଖୁମେଇସୁଣୀଙ୍କୁ ଦୁଇ ହାତ ଯୋଡି ପ୍ରାର୍ଥନା କରୁଥାଏ, 'ମା' ଲୋ ! ତୁହି ସାହା ଭରସା । ମୋ ବାପାଙ୍କୁ ତୋ ଘଣ୍ଟ ପଣତ ତଳେ ଉହାଡ଼ କରି ରଖିଥା ।' ଆଖିରୁ ଧାର ଧାର ହୋଇ ଲୁହ ବୋହି ଯାଉଛି । ଗୁଣୁଗୁଣୁ ହୋଇ ପ୍ରାର୍ଥନା କରିଚାଲିଛି । ସାନ ଭଉଣୀ ଝିନା ତାକୁ ହଲେଇ ଦେଇ କହିଲା, ଦିଦି ! ସେଦିନ ଭଳି କିଛି ଦୁର୍ଘଟଣା ଆଜି ହୋଇନାହିଁ ତ ବାପାଙ୍କ ଫେରିବା ବାଟରେ। ଦୁଇ ବର୍ଷ ପୂର୍ବେ ଦିନେ ସ୍କୁଲରୁ ଘରକୁ ଫେରିବା ବାଟରେ ବିପ୍ରବାବୁଙ୍କୁ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ସେ ଅଚେତ୍ ହୋଇ ରାସ୍ତାରେ ପଡିଥିବାର ଦେଖି ଜଣେ ଅଜଣା ଭଦ୍ର ବ୍ୟକ୍ତି ତାଙ୍କ ମୁଣ୍ଡରେ ଗାମୁଛା ଭିଡି ପାଖ ଡାକ୍ତରଖାନା ନେଇ ଯାଇଥିଲା । ଡାକ୍ତରଖାନାରେ ତାଙ୍କର ଚେତା ଫେରିବାରୁ ବ୍ୟକ୍ତି ଜଣକ ଘରକୁ ଖବର ଦେଇଥିଲେ । ଏମିତିକି ତାଙ୍କୁ ଗାଡ଼ିରେ ଆଣି ଘରେ ଛାଡ଼ିଦେଇ ଯାଇଥିଲେ । ସେଦିନ ସାନଝିଅ ବାପାଙ୍କ ମୁଣ୍ଡରେ ବ୍ୟାଣ୍ଡେଜ ଦେଖି ଅଚେତ ହୋଇ ତଳେ ପଡିଯାଇଥିଲା । ସେମିତି କିଛି ଅଘଟଣର ଆଶଙ୍କା କରି ଝିଅମାନଙ୍କର ଛାତି ଥରି ଉଠୁଥାଏ ।

ଝିଅମାନଙ୍କର ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି ବିପ୍ରବାବୁଙ୍କର ସାଇକେଲ୍ ଘଣ୍ଟି ବାଜି ଉଠିଲା ରାତି ପାଖାପାଖି ନଅଟା ବେଳକୁ। ଦାଣ୍ଡରେ ବାପାଙ୍କୁ ଦେଖି ତିନି ଝିଅଙ୍କର ଖୁସି କହିଲେ ନସରେ । ସାଙ୍ଗେସାଙ୍ଗେ ତାଙ୍କ ପାଖକୁ ଯାଇ ଚାରି ପଟରୁ ଘେରିଗଲେ, ଘରକୁ ଫେରିବା ବିଳମ୍ବ ହୋଇଥିବାରୁ ତାଙ୍କୁ ତାଗିଦା କଲେ। ଘରକୁ ଆସି ବଡ଼ ଝିଅ ରିନା ହାତକୁ ବିପ୍ରବାବୁ ଗୋଟେ ପଲିଥିନ ବ୍ୟାଗ ବଢ଼େଇ କହିଲେ,'ୟା ଭିତରେ ତୁମ ତିନି ଜଣଙ୍କର ରଜ ପାଇଁ ଡ୍ରେସ ଅଛି, ଦେଖିନିଅ । ଛୋଟ ବଡ଼ ହେଲେ ଫେରସ୍ତ ହେଇପାରିବ । ଡ୍ରେସ ଦେଖି ବଡ଼ ଝିଅ ରିନା ଯେତିକି ଆଶ୍ଚର୍ଯ୍ୟ ହେଲା ସେତିକି ବିରକ୍ତ ହେଲା ବାପାଙ୍କ ଉପରେ । ସେ ଜାଣେ ଏ ମାସରେ ବାପାଙ୍କର ଦରମା ମିଳିନାହିଁ । ସେଥିପାଇଁ ବାପାଙ୍କୁ କହିସାରିଛି ଯେ ଏଥର ରଜରେ ସେମାନେ ନୂଆ ଜାମା ପିନ୍ଧିବେ ନାହିଁ । ସେ ଖୁସି ହେବ କଣ, ବାପାଙ୍କ ଉପରେ ବର୍ଷିଗଲା -'ମନା କରିଥିଲି ନା ! ଏ ବର୍ଷ ରଜରେ ଆମେ ଚଳେଇଦେବୁ । କାହାଠାରୁ ଧାର ଆଣିବନି ବୋଲି । ରାଜା ଦୋକାନୀ ତ ତୁମକୁ ବାକି ଦେଇ ନଥିବ । ତା ଠାରୁ ବାକି ଆଣିଥିଲ ଯେ ଏପର୍ଯ୍ୟନ୍ତ ସୁଝିନ । ତମେ ଏସବୁ କୋଉଠୁ ଆଣିଲ ?'

ବିପ୍ରବାବୁ କହିଲେ, ଆରେ ମା ! ତୁ ଚକୁଳି ଖାଇବା ପିଲା ବିନ୍ଧ କାହିଁକି ଗଣୁଛୁ ? କଥା ଛଡେଇ ରିନା କହିଲା,'ଏବେ ମୁଁ ବଡ଼ ହେଲିଣି ବାପା । ଘରର ପରିସ୍ଥିତି ବୁଝିଲିଣି । ଆଉ ସେ ଛୋଟ ପିଲା ହେଇକି ନାହିଁ ଯେ ମତେ ଯାହା ନାହିଁ ତାହା କହି ଭୁଲେଇ ଦେବ। ଯାଅ, ଯାହାଠାରୁ ଆଣିଛ ତାକୁ ଫେରେଇ ଦିଅ । ଆମେ କେହି ପିନ୍ଧିବୁନି।

ଝିଅର ଏମିତି ରାଗ ତମତମ ଅବସ୍ଥା ଦେଖି ବିପ୍ରବାବୁ ବୁଝେଇବା ଢଙ୍ଗରେ କହିଲେ,'ଆରେ ନାଇଁରେ ମା ! ଏସବୁ ଦୈବୀ ଯୋଗ। ସେ ଦୋକାନୀ ସହିତ ମୋର ଆଦୌ ପରିଚୟ ନଥିଲା । ସ୍କୁଲରୁ ଫେରିବା ବାଟରେ ଦେଖିଲି ଦୋକାନରୁ ଲୋକମାନେ ନିଜ ଝିଅମାନଙ୍କ ପାଇଁ ଜାମା କିଣି ନେଉଥାଆନ୍ତି। ସେଇ ଦୋକାନ ବାରଣ୍ଡାରେ ପଡ଼ିଥିବା ବେଞ୍ଚରେ ମନ ଉଣା କରି ଘଡିଏ ଅଟକିଗଲି । ଅବଶ୍ୟ ଅସଲ ଉଦେଶ୍ୟ ଥିଲା ବାକିରେ ଡ୍ରେସ ଆଣିବା, କିନ୍ତୁ ଭରସି କିଛି କହିପାରୁନଥାଏ ଦୋକାନରେ ଅସମ୍ଭବ ଭିଡ଼ ଦେଖି । ଅନ୍ୟମନସ୍କ ହୋଇ କେତେ ସମୟ ଚାଲିଯାଇଥିଲା ମତେ ଜଣା ନଥିଲା । ଦୋକାନ ଫାଙ୍କା ହେବାରୁ ଦୋକାନର ମାଲିକ ପାଖକୁ ଆସି କହିଲେ, ଆଜ୍ଞା ! ଦୋକାନରୁ କିଛି ନେବାର ଅଛିକି ? ମୁଁ ତାଙ୍କ କଥା ଶୁଣି ପ୍ରକୃସ୍ଥିତ ହେଲି ଏବଂ ଧୀରେ ମୁଣ୍ଡ ଟୁଙ୍ଗାରିଲି। ସେ ମୋ ମୁହଁକୁ କିଛି ସମୟ ଚାହିଁ କହିଲେ, 'ସାର ! ଆପଣ ମତେ ଜାଣି ନାହାନ୍ତି, ମୁଁ କିନ୍ତୁ ଆପଣଙ୍କୁ ଜାଣେ । ଆପଣ ବାଣପୁର ସ୍କୁଲରେ ଶିକ୍ଷକତା କରନ୍ତି । ଏଇ ବାଟ ଦେଇ ସବୁଦିନ ଯାଉଥିବାର ଦେଖିଛି । ଆପଣ ଯଦି ଖରାପ ନ ଭାବିବେ ଗୋଟେ କଥା କୁହନ୍ତି। -ଆରେ...ଆରେ.. କୁହନ୍ତୁ ।

'ମତେ ଲାଗୁଛି ଆପଣ କିଛି ବାକିରେ ନେବାକୁ ଚାହୁଁଛନ୍ତି, କିନ୍ତୁ ପାଟି ଖୋଲି କହି ପାରୁନାହାନ୍ତି 'ଦୋକାନୀଟି ପାଖକୁ ଲାଗି ଆସି କହିଲା ।

ଦୋକାନ ମାଲିକର ପାଟିରୁ କଥା ଛଡେଇ କହିଲି, ହଁ ଆଜ୍ଞା ଝିଅ ତିନିଜଣଙ୍କ ପାଇଁ ଡ୍ରେସ ନେବାକୁ ଚାହୁଁଥିଲି । ମଧ୍ୟବିତ୍ତ ପରିବାରର ଅସହାୟତାକୁ ଆପଣ ମୋ ମୁହଁରୁ ପଢିନେଲେ ବୋଧେ । 'ତା ପରେ ସେ କଣ କହିଲେ ଶୁଣିବୁ ?

'ମୁଁ ମଧ ମଧ୍ୟବିତ୍ତ ପରିବାରରୁ ଆସିଛି । ମୋର ବି ଆପଣଙ୍କ ଝିଅମାନଙ୍କ ଭଳି ଝିଅଟିଏ ଥିଲା । ତାକୁ ଯେତେବେଳେ ପନ୍ଦର ବର୍ଷ ବୟସ ମଝିରଜ ଦିନ ପଟା ଦୋଳିରୁ ଗୋଡ଼ ଖସି ତଳେ ପଡ଼ି ଅଚେତ ହୋଇ ପଡିଲା । ତାକୁ ସାଙ୍ଗେ ସାଙ୍ଗେ ଡାକ୍ତରଖାନା ନେଇଗଲୁ । ତାର ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ଆଗଭଳି ଆଉ ଚଲାବୁଲା କରିପାରିଲା ନାହିଁ, ବିଛଣାରେ ପଡ଼ି ରହିଲା । ପାଣି ଭଳି ପଇସା ଖର୍ଚ୍ଚ କଲି, କିନ୍ତୁ କିଛି ଲାଭ ହେଲାନି । ବର୍ଷେ ପରେ ସେ ଆଖି ବୁଜିଲା । ରଜ ଆସିଲେ ମୋର ତା କଥା ଭାରି ମନେ ପଡେ। ସେ ବଞ୍ଚିଥିବାବେଳେ ରଜ ଘଡ଼ିରେ ଆମ ଦୋକାନକୁ ନୂଆ ମାଲ ଆସିଲେ ମୋ ସହିତ ଦୋକାନକୁ ଆସି ନିଜ ପାଇଁ ତିନି ହଳ ଜାମା ବାଛିନିଏ କାହିଁକିନା ଆଗକୁ ଜାମା ବଛିଆରି ହେଇଯିବ । ରଜ ତିନି ଦିନ ସେ ନୂଆ ଜାମା ପିନ୍ଧି ଭାରି ଖୁସି ହୁଏ । ଆପଣ ଝିଅମାନଙ୍କ ପାଇଁ ପସନ୍ଦ ଅନୁସାରେ ଜାମା ବାଛି ନିଅନ୍ତୁ । ସେମାନେ ପିନ୍ଧିଲେ ମତେ ଲାଗିବ ମୋ ଝିଅ ସେପୁରରେ ଥାଇ ଖୁସି ହେଉଛି । ବାକି ପଇସା ନେଇ ଆପଣ ଆଦୌ ବ୍ୟସ୍ତ ହେବେନି । ଆପଣଙ୍କର ଯେବେ ସୁବିଧା ହେବ ମତେ ଶୁଝିଦେବେ ।' ବୁଝିଲୁ ମା ! ତାଙ୍କ କଥା ଶୁଣି ମୁଁ କିଛି ସମୟ ସ୍ଥାଣୁ ପାଲଟିଗଲି । ଭିତରୁ ଏକ ରକମ ନିରବ ହୋଇଗଲି। ଭାବିଲି ଏ ଦୁନିଆଁରେ ଲୋକ ମାନଙ୍କର କେତେ କେତେ କଷ୍ଟ ଯନ୍ତ୍ରଣା ରହିଛି । ଜୀବନରେ କଷ୍ଟ ସହିଥିବା ଲୋକ ହିଁ ଅନ୍ୟର କଷ୍ଟକୁ ବୁଝିପାରେ । ଅସମୟରେ ଅନ୍ୟକୁ ସାହାଯ୍ୟ କରିପାରେ । ମତେ ଲାଗିଲା ଯେମିତି ଭଗବାନ ତାଙ୍କ ରୂପରେ ମତେ ସାହାଯ୍ୟ କଲେ। ଏକଥା କହିଲା ବେଳକୁ ବିପ୍ରବାବୁଙ୍କ ଆଖି କୋଣରେ ଜକେଇ ଆସିଥିଲା କେଇବୁନ୍ଦା ଲୁହ।

ବାପାଙ୍କ କଥା ଶୁଣି ନିଆଁରେ ପାଣି ପଡିବା ଭଳି ରିନାର ରାଗ ଥମିଗଲା । ବାପାଙ୍କ ପାଖକୁ ଲାଗିଯାଇ ଆଖିରୁ ଲୁହ ପୋଛିଦେଲା । ବିପ୍ରବାବୁ ଝିଅକୁ କୋଳେଇ ନେଇ କହିଲେ, ' ମୋ ଦରମା ଆଜି ମିଳିନାହିଁ କାଲି ମିଳିବ, ହେଲେ ରଜ ପରା ଦିନେ ତୁମମାନଙ୍କର ଓଠରେ ଧାରେ ଖୁସି ମୋ ପାଇଁ ଅମୂଲ୍ୟ ସମ୍ପଦ।

କେତେବେଳୁ ଖାଇବା ପାଇଁ ଡାକିବାକୁ ଆସି ଅଟକି ଯାଇଥିବା କଲ୍ୟାଣୀ ବାପ ଝିଅଙ୍କର ହସ ଲୁହର ଏ ଖେଳ ଦେଖି ଆତ୍ମ ବିଭୋର ହୋଇ କହିଲେ -ଆଉ କେଇ ଘଣ୍ଟା ପରେ ରଜ । ଚାଲ ସମସ୍ତେ ଜଲଦି ଖାଇ ଶୋଇପଡ । ଏକାସାଙ୍ଗରେ ଘରୁ ବାହାରିଗଲେ ସମସ୍ତେ ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଆହାର



## ସୁଦର୍ଶନ ମହାପାତ୍ର

ଏଥର ନିର୍ବାଚନରେ ଆହାର କେନ୍ଦ୍ରକୁ ନେଇ ବିରୋଧି ଦଳଙ୍କୁ ଏକ ଖୋରାକ ମିଳିଗଲା ସରକାରଙ୍କ ବିରୁଦ୍ଧରେ କୁତ୍ସାରଟନା କରିବାକୁ। ଘଟଣାଟି ଥିଲା ଏମିତି। ଲଗାତାର ତିନି ଚାରିଦିନ ଧରି ଆହାର କେନ୍ଦ୍ରକୁ ଯାଇ ନିରାଶ ହୋଇ ଫେରୁଥିଲେ ଶ୍ରମଜୀବୀ କେତେଜଣ।ବିଶେଷ ଭାବରେ ବସଷ୍ଟାଣ୍ଡରେ କାମ କରୁଥିବା କୁଲି, ରିକ୍ସା ଓ ଟ୍ରଲି ଚାଳକ ମାନେ। ସେମାନଙ୍କ ସହିତ ଯୋଗ ଦେଲେ ବସଷ୍ଟାଣ୍ଡରେ ନିଜ ବିପଣୀ ମାନଙ୍କର ବିଜ୍ଞାପନ ଦେଇ ବିକ୍ରି ଜାରି ରଖିଥିବା କିଛି ଲୋକ।

ଚଟପଟି ଖବର ପରିବେଷଣ କରି ନିଜର ଦକ୍ଷତା ପ୍ରତିପାଦିତ କରିବାକୁ ଚେଷ୍ଟିତ ସାମ୍ବାଦିକଙ୍କ କାନରେ ପଡିଲା ଏ କଥା। ବିଦ୍ୟୁତ ବେଗରେ ସାରା ରାଜ୍ୟରେ ଖେଳିଯାଇଥିଲା ଏଇ ଖବର ସମ୍ବାଦପତ୍ର ଜରିଆରେ। ଏଇ ଆହାର କେନ୍ଦ୍ର ହିଁ ଲୋକ ମାନଙ୍କୁ କୁଡିଆ କରି ଦେଉଛି ବୋଲି ଆରୋପ ଲଗାଇଥିବା ବିରୋଧୀଦଳଙ୍କ ବିପକ୍ଷରେ ଯାଇଥିଲା ଗତ ନିର୍ବାଚନର ଜନମତ। ସୁତରାଂ ଏଥର ସେ ବିଷୟରେ ଏପର୍ଯ୍ୟନ୍ତ ନୀରବ ରହିଥିବା ବିରୋଧୀ ଦଳ ହାତରେ ଏବେ ଥିଲା 'ଆହାରକେନ୍ଦ୍ର' ରୂପକ ଅସ୍ତ୍ର । ଗତ ନିର୍ବାଚନରେ 'ଆହାର' ଯୋଜନା ଶାସକଦଳଙ୍କୁ ଜିତାପଟ ଦେଇଥିବା ବେଳେ ବିରୋଧୀଙ୍କ ଉପରେ ବସାଇଥିଲା ଛାଟ। ବିରୋଧୀଦଳଙ୍କ ଆଖିରେ କଣ୍ଟା ସଦୃଶ ସେଇ ଯୋଜନା ଏ ଯାବତ୍ ରହିଆସିଛି।ଏଥର ନିର୍ବାଚନରେ ଶାସକଦଳ କୁ ଚକମା ଦେବାକୁ ବିରୋଧୀ ଦଳ ଗୋଟି ଚାଳନା କରିବାକୁ ଚେଷ୍ଟା କରୁଛନ୍ତି ବୋଲି ବୁଝି ଯାଇଥିଲେ ଶାସକ ଦଳ। ଘଟଣାର ତ୍ୱରିତ ତଦନ୍ତ ହେଲା। ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ଯାଞ୍ଚ




କରିବାରୁ ସତ୍ୟାସତ୍ୟ ଜଣାପଡ଼ିଲା। ଭିଡ଼ିଓରେ ଘୁରି ବୁଲିଲା ଅସଲ ଘଟଣା। ନିର୍ବାଚନ ପ୍ରଚାର ଅବସରରେ ଆହାର କେନ୍ଦ୍ରକୁ ଆସି ବିରୋଧୀ ଦଳର କର୍ମକର୍ତ୍ତା ମାନେ ପେଟ ଭରି ଖାଇ ବାହାରି ଯାଉଥିଲେ।ପକେଟ ମଧ୍ୟରେ ଦଳୀୟ ଉତ୍ତରୀୟକୁ ମୋଡିମାଡି ରଖିଥିଲେ ମଧ କେଇ ଜଣଙ୍କ ପକେଟରୁ ଉବୁକି ସ୍ୱଷ୍ଟ ଦେଖାଯାଉଥିଲା ବାହାରକୁ।

ଏବେ ଶାସକଦଳର ପାଲା ଭାରି ହୋଇଯାଇଥିବା ମନେକରି 'ସେମାନେ ଆମ ଦଳର କେହି ବି ନୁହଁନ୍ତି ବୋଲି ପରଦିନ ପ୍ରତିଟି ଖବରକାଗଜରେ ପ୍ରଥମ ପୃଷ୍ଠାରେ ସ୍ୱଷ୍ଟୀକରଣ ଦେଲେ ବିରୋଧୀ ଦଳ।'

ସେତିକିରେ ସନ୍ତୁଷ୍ଟ ନଥିଲେ ବିରୋଧୀ ଦଳ। ସୋସିଆଲ ମିଡିଆରେ ବିଭିନ୍ନ ନକରାତ୍ମକ ଭିଡିଓ ଅପଲୋଡ଼ କରି ଶାସକ ଦଳକୁ ଅପାରଗ, ଅପଦାର୍ଥ ଏବଂ ଆମ ଅସ୍ମିତାକୁ କଳଙ୍କିତ କରୁଥିବା ଦଳ ରୂପେ ଚିତ୍ରଣ କଲେ ସେମାନେ। ନିର୍ବାଚନ ପ୍ରଚାରରେ 'ଆହାର କେନ୍ଦ୍ର' ଟାଇଟେଲରେ ଗୀତ ପରିବେଷଣ କରିବା ସଙ୍ଗେ ସଙ୍ଗେ ଭିଡିଓ ଟିଏ ବି ଅପଲୋଡ଼ କଲେ। ଆହାର କେନ୍ଦ୍ରରେ ଶାସକଦଳର କର୍ମକର୍ତ୍ତାମାନେ ହିଁ ଆହାର ସବୁକୁ ଉଦରସ୍ଥ କରୁଛନ୍ତି ବୋଲି ସେଥିରେ ଦୃଶ୍ୟାୟିତ ହୋଇଥିଲା। ନିର୍ବାଚନ ସରି ଯାଇଥିଲା।ପାଶା ପଲଟି ଯାଇଥିଲା। ଶାସକଦଳ ହାରି ଯାଇଥିଲା ବିରୋଧୀଙ୍କ ସୁଚିନ୍ତିତ ଚାଲରେ। ରାଜ୍ୟରେ ନୂଆ ସରକାର ଗଠନର ପରଦିନକୁ ବଦଳି ଯାଇଥିଲା ଆହାର କେନ୍ଦ୍ରର ଦୃଶ୍ୟପଟ୍ଟ। ତାଲା ବନ୍ଦ ଥିବା ଆହାର କେନ୍ଦ୍ର ମାନଙ୍କ ପାଖରେ ଥିଲା ବୁଭୁକ୍ଷୁ ମାନଙ୍କ ଗହଳି। ସରକାରୀ ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଝୁରି ହେଉଥିଲେ ଗରିବ ଲୋକମାନେ। ମୁଠାଏ ଭାତ ଖାଇ ଦେହରେ ବଳ ଜୁଟଉଥିବା ବସଷ୍ଟାଣ୍ଡର ଶ୍ରମଜୀବୀ ମାନେ ହତାଶ ଆଖିରେ ଚାହିଁଥିଲେ ଆହାରକେନ୍ଦ୍ରକୁ । ରାତି ଅନ୍ଧକାରର ସୁଯୋଗ ନେଇ ଆହାରକେନ୍ଦ୍ରର ଫଳକ ସବୁକୁ କିଏ ଛିନଭିନ କରି ଦେଇଥିଲେ ଅବା କେଉଁ ଜାଗାରେ ଫଳକ ଆଦୌ ଦୃଶ୍ୟ ହେଉ ନଥିଲା...!

+କୁଞ୍ଜବିହାରୀ ଲେନ, କଟକ
୯୪୩୮୧୭୫୫୪୨

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ




ରୂପସା , ୨୩/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ମୁନିରାଜ ଖଗେଶ୍ୱର ମହାଲିକ -ମୁନିମତୀ ବାସନ୍ତୀ ମହାଲିକ ଙ୍କ ସୁ ପୁତ୍ର ଆୟୁଷ୍ମାନ୍ ମୁନିକୁମାର ଜ୍ୟୋତିରଞ୍ଜନ ମହାଲିକ ଏବଂ ଆଶ୍ରମର ମୁନି ହରିହର ଲେଙ୍କା-ମୁନିରାଜ୍ଞୀ ବିମଳା ଲେଙ୍କା ଙ୍କ ସୁ ପୁତ୍ର ଆୟୁଷ୍ମାନ୍ ରାଜେସ୍ ଲେଙ୍କାଙ୍କ ଶୁଭ ଜନ୍ମଦିନ ଏକ ସଙ୍ଗରେ,ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ। ସ୍ୱତନ୍ତ୍ର ଅତିଥି ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ। ବକ୍ତା ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ। ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଉଭୟଙ୍କୁ ସେମାନଙ୍କର ନୀରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତ ର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଯୋଗୀ ଭିକାରି ଚରଣ ମୁନି,ଆଜି ବିଶ୍ୱ ରକ୍ତଦାତା ଦିବସ ହେତୁ ତା ଉପରେ ଆଲୋକପାତ ସହିତ ଆଶିର୍ବାଦ ପ୍ରଦାନ କରିଥିଲେ। ଯୋଗୀ ପରମାନନ୍ଦ ମୁନି,ଆଜି ପବିତ୍ର ରଜ ପର୍ବ ହେତୁ, ତା ଉପରେ ଆଲୋକପାତ ସହିତ ଆଶିର୍ବାଦ ପ୍ରଦାନ କରିଥିଲେ।ଜଣେ ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନ କରି ଚାଲିଲେ,ସେ ନିଶ୍ଚୟ ସୁଖ ଶାନ୍ତି ଆନନ୍ଦ ପାଇବା ସହିତ ଆତ୍ମଦର୍ଶନ ପାଇବ ହିଁ ପାଇବ,ଏହା ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଥିଲେ, ଆଶ୍ରମର ଉପାଧକ୍ଷା ଆତ୍ମଜ୍ଞାନୀ କନକଲତା ମହାପାତ୍ର, ମୁନିମତୀ ଯମୁନା ବର, ମୁନିମତୀ ପ୍ରଭାସିନୀ ବର, ମୁନିକୁମାରୀ ନୀହାରିକା ବର, ମୁନିକୁମାରୀ ନିବେଦିତା ବର, ମୁନିମତୀ ଆରତୀ ଗିରି, ମୁନିମତୀ କୁନି ମାଝୀ, ମୁନିମତୀ ଉର୍ମିଳା ପଣ୍ଡା, ମୁନିମତୀ ଶକୁନ୍ତଳା ପରିଡ଼ା, ସେ ସଦ୍ଗୁରୁ ଦେବଙ୍କ ବନ୍ଦନା ସଙ୍ଗୀତ ଗାନ କରିଥିଲେ, ମୁନିମତୀ ନୀନ ସାହୁ, ମୁନିମତୀ ସରସ୍ୱତୀ ନନ୍ଦ, ମୁନିମତୀ ପୂର୍ଣ୍ଣିମା ବର, ମୁନିରାଜ୍ଞୀ ସୁମତୀ ଦଳାଇ, ସେ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ, ମୁନି ସତ୍ୟ ସେନାପତି, ମୁନି ମାର୍କଣ୍ଡ ବର, ମୁନି ଗଣେଶ୍ୱର ବର,ମୁନି ଶଶଧର ସେନାପତି, ମୁନି ଯୋଗେଶ୍ୱର ବେହେରା ଏବଂ ମୁନି ରାଜ ଅନାଦି ବାରିକ ପ୍ରମୁଖ। ଶେଷରେ ଆଦର୍ଶ ଯୋଗ ସାଧିକା ବାସନ୍ତୀ ମହାଲିକ, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ, ମୁନିରାଜ୍ଞୀ ବିମଳା ଲେଙ୍କା ସମସ୍ତଙ୍କୁ ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# କବି ବଳରାମ ପୂଜାରୀଙ୍କ ନୂତନ କବିତା ସଙ୍କଳନ ଉନ୍ମୋଚିତ

ମାଲକାନଗିରି, ୨୩/୬ (ନି.ପ୍ର): ଆଦିଭୂମି ମାଲ୍ୟବନ୍ତ ର କବି ବଳରାମ ପୂଜାରୀ ନିଜର କଠିନ ଅଧ୍ୟବସାୟ ଓ ନିଷ୍ଠା ବଳରେ ମାଲକାନଗିରି ମାଟି ଓ ଅବିଭକ୍ତ କୋରାପୁଟ ମାଟିର ଆଦିବାସୀ ଅସ୍ମିତାର ସ୍ୱାଭିମାନୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଜୀବନ ଜୀବିକା, ପର୍ଯ୍ୟଟନ କ୍ଷେତ୍ରକୁ ଆଧାର କରି ଛଅ ଖଣ୍ଡ କବିତା ସଙ୍କଳନ ପ୍ରକାଶିତ କରିଛନ୍ତି। ଶବ୍ଦବ୍ରହ୍ମ, ମେଘଲଗ୍ନା, ମାଟିମଗ୍ନା, ଈଶ୍ୱରଙ୍କ ଭାଡ଼ି, ଶ୍ୱେତପତ୍ର ଓ କୋଣ୍ଡାକାମେରୁ ଖୁଆଡ ମାଧ୍ୟମରେ ମାଲକାନଗିରି ମାଟିର ସ୍ୱରକୁ ସମଗ୍ର ଓଡ଼ିଶାରେ ପରିବ୍ୟାପ୍ତ କରିବା ପାଇଁ ଅହରହ ଚେଷ୍ଟିତ। ଏହାର ପ୍ରତିଦାନ ସ୍ୱରୂପ ଓଡ଼ିଆ ଭାଷା ସାହିତ୍ୟର ଅଗ୍ରଗଣ୍ୟ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପବ୍ଲିକେଶନ ଆଚାର୍ଯ୍ୟ ବିହାର ଭୁବନେଶ୍ୱର ତଥା ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ତରଫରୁ ଅଧକ୍ଷ ଶୁଭ୍ରାଂଶୁ ପଣ୍ଡା ଗତ ଜୁନ୍ ୧୬ ତାରିଖ ଦିନ ହୋଟେଲ ହିନ୍ଦୁସ୍ଥାନ ଇନ୍ଟରନେସନାଲ, ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ବର୍ଣ୍ଣାଢ଼୍ୟ ଉତ୍ସବରେ କବି ବଳରାମ ଙ୍କୁ ସମ୍ମାନୀତ କରିବା ସହ ତିନି ଗୋଟି ବହୁ ବିକ୍ରି ପୁସ୍ତକର ରାଜଭାଗ ଅର୍ଥ ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଓଡିଶାରୁ ଓ ଓଡ଼ିଶା ବାହାରୁ ୧୫୦ ଜଣ ସାହିତ୍ୟକ ବୁଦ୍ଧିଜୀବି ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଦାଶ ବେନହୁର, ବିଶିଷ୍ଟ ଅନୁବାଦକ ଯତିନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା, କବି ପବିତ୍ର ମୋହନ ଓ ପେନ୍ ଇନ୍ ବୁକ୍ସ ର ଅଧକ୍ଷ ଶୁଭ୍ରାଂଶୁ ପଣ୍ଡା ମଞ୍ଚାସୀନ ଥିଲେ। ମୋଟ ୪୪ ଜଣ ବରିଷ୍ଠ ସାହିତ୍ୟିକ, କବି, ଲେଖକ, ପ୍ରାବନ୍ଧିକ, କଥାକାର ମାନଙ୍କୁ ମଞ୍ଚରେ ସମ୍ମାନୀତ କରିବା ସହ ରାଜଭାଗ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଓଡିଶାର ବରିଷ୍ଠ ସାହିତ୍ୟିକ ମାନଙ୍କ ମଧ୍ୟରେ କବି ବଳରାମ ପୂଜାରୀ ଓ ତାଙ୍କ ସହଧର୍ମିଣୀ ପୁଷ୍ପାଞ୍ଜଳୀ ରଣା ଓ ପୁତ୍ର ରୁଦ୍ରାଭିଷେକ ପୂଜାରୀ ଯୋଗଦେଇଥିଲେ। କବି ଶ୍ରୀ ପୂଜାରୀ କୁଡୁମୁଲୁଗୁମ୍ମା, ମାଲକାନଗିରି ମାଟିରୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ ସହ ଏ ମାଟିର ଗୌରବମୟ ଅତୀତ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିବା ସହ ସୀମାନ୍ତ ସରହଦର ମାଲ୍ୟବନ୍ତ ଭୂମିର ଉନ୍ନତି ନିମିତ ସମଗ୍ର ଓଡ଼ିଶାବାସୀ ସହଯୋଗ କରନ୍ତୁ ବୋଲି ଆହ୍ୱାନ ଦେବା ସହ ମାଲକାନଗିରି ମାଟିର ସମସ୍ତ ଯୁବ ସାହିତ୍ୟିକ ଲେଖାଲେଖି ଜାରି ରଖିବା ସହ ଆଗାମୀ ପିଢ଼ି ପାଇଁ ନିଜସ୍ୱ ବହି ପ୍ରକାଶନ କରନ୍ତୁ ବୋଲି ନିବେଦନ କରିଛନ୍ତି। ମିଳିଥିବା ରାଜଭାଗ ଅର୍ଥରାଶିକୁ ସେ ସାହିତ୍ୟ ନିମନ୍ତେ ବ୍ୟୟ କରିବା ସହ ଏ ସମ୍ମାନକୁ ସମସ୍ତ ମାଲକାନଗିରି ମାଟିକୁ ସମର୍ପିତ କରିଛନ୍ତି।

## ଭିତରକନିକା ଜାତୀୟ ଉଦ୍ୟାନରୁ କାଠ ମାଫିଆ ଗିରଫ

ପଟ୍ଟାମୁଣ୍ଡାଇ, ୨୩/୬ (ନି.ପ୍ର): ଏକ ବିଶେଷ ସୂତ୍ରରୁ ଖବର ପାଇ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ତାଲଚୁଆ ଫରେଷ୍ଟର ଲକ୍ଷ୍ମୀଧର ବାରିକ, ବନରକ୍ଷୀ ଅବକାଶ ପାତ୍ର, କଞ୍ଚତରୁ ସେଠୀ ପ୍ରମୁଖ ଭୋର ୪ଟା୩୦ ସମୟରେ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟସ୍ଥ କାଳିଭଞ୍ଜଡ଼ିଆ ଜଙ୍ଗଲ ମଧ୍ୟରୁ ରାଜକନିକା ଅଂଚଳର ଜଣେ କାଠ ମାଫିଆକୁ ଗିରଫ କରିଛନ୍ତି। ଗିରଫ କାଠ ମାଫିଆଙ୍କ ନାମ ରତ୍ନାକର ମଲ୍ଲିକ ଓ ସେ ରାଜକନିକା ଜୟନଗର ଅଂଚଳର ବୋଲି ଜଣାପଡିଛି। କଟୁରୀ ସାହାଯ୍ୟରେ ବାଡେରା ଏବଂ ଗରାଣୀ ଚେର କାଟୁଥିବା ସମୟରେ ଧରିଥିଲେ ବନ କର୍ମଚାରୀ । ଅଭିଯୁକ୍ତ ନିକଟରୁ ଦୁଇଟି ହରିଣ ଫାସ, ଦୁଇଟି କଟୁରୀ, ଗୋଟିଏ କୁରାଢ଼ୀ ସହ ୬ ବସ୍ତା ବାଡେରା, ୨ ବସ୍ତା ଗରାଣୀ ଚେର ଜବତ କରାଯାଇଛି। ଜବତ କାଠର ଓଜନ ପାଖାପାଖି ଚାରି କୁଇଂଟାଲ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ଏହାର ତଦନ୍ତ କରିବା ପରେ ରାଜନଗର ସ୍ଥିତ ଗ୍ରାମ୍ୟ ନ୍ୟାୟାଳୟକୁ ପଠାଇଥିଲେ । ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବାରିମୂଳ ଜେଲ୍ କୁ ପଠାଯାଇଥିଲା।

# ଦୁର୍ଦ୍ଦିନରେ ନୂଆପଡ଼ା ଜିଲ୍ଲାର ବୁଣାକାର

ନୂଆପଡ଼ା, ୨୩/୬ (ନି.ପ୍ର): ଶିଳ୍ପ ବିପ୍ଲବ ଆସିବା ପୂର୍ବରୁ ଅରଟରେ ସୂତା କାଟିବା ଓ ବସ୍ତ୍ର ବୁଣିବା କାମ କରାଯାଉଥିଲା। ଏପରିକି ଜାତିର ପିତା ମହାତ୍ମା ଗାନ୍ଧୀ ମଧ କାଟି ପିନ୍ଧ, କୁଟି ଖାଅର ଆହ୍ୱାନ ଦେଇଥିଲେ। ଖରଡ଼ରେ ବସ୍ତ୍ର ବୁଣିବା କାର୍ଯ୍ୟ ଏବେ ମଧ ଆମ ଦେଶରେ ଦେଖାଯାଏ।ଆମ ରାଜ୍ୟ ଓଡ଼ିଶାରେ ମଧ ବହୁଳ ଭାବରେ ଲୁଗା ବୁଣା କାମ ଖରଡ଼ରେ କରାଯାଏ। ବିଶେଷ କରି ମେହେର ବା ତନ୍ତି ଜାତିର ଲୋକେ ଏହାକୁ କୌଳିକ ବୃତି ରୂପରେ ଗ୍ରହଣ କରି ଆସିଥିବା ବେଳେ ସରକାରୀ ପ୍ରୋତ୍ସାହନର ଅଭାବ ଓ ପ୍ରିଣ୍ଟ କପଡା ପ୍ରତି ଲୋକଙ୍କ ଆଗ୍ରହ ଏହି ବୃତିଧାରୀଙ୍କୁ ଅନ୍ୟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବାଧ କରୁଛି। ବସ୍ତ୍ର ବୟନ କର୍ମରେ ଲାଗି ଜୀବିକାର୍ଜନ କରି ବଂଚନ୍ତି ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ଭୁଲିଆ-ମେହେର ସଂପ୍ରଦାୟ। ଏମାନେ ସପରିବାର ରାତିଦିନ କଠିନ ପରିଶ୍ରମ କରି ତିଆରି କରନ୍ତି ଶାଢ଼ୀ, ଲୁଂଗି, ଗାମୁଛା ଆଦି ବିଭିନ୍ନ ପ୍ରକାର ବସ୍ତ୍ର। ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମରେ ବସବାସ କରୁଥିବା ବୁଣାକାର ପରିବାରମାନେ ବଙ୍ଗୋମୁଣ୍ଡାରୁ ସୂତା କିଣି ବସ୍ତ୍ର ତିଆରି କରନ୍ତି। ଖଡ଼ି/ମଂଘା ବା ତନ୍ତ ବ୍ୟତୀତ ଏହି ବସ୍ତ୍ର ତିଆରି ହୋଇ ପାରିବ ନାହିଁ। ତନ୍ତରେ ଖଞ୍ଜିବା ପୂର୍ବରୁ ସୂତାକୁ ପାଇ କରାଯାଏ, ଶୁଖାଯାଏ। ଶୁଖିଲା ପରେ ତାକୁ କାଠ ବା ପ୍ଲାଷ୍ଟିକ ତିଆରି ଏକ ନଳି-- ଯାହାକୁ ''ନଡ଼ା'' କହାଯାଏ, ସେଥିରେ ସୂତା ଗୁଡ଼ାଯାଏ ଅରଟ ଦ୍ୱାରା। ଏହାକୁ ''ସୂତା ଘୁରା'' କହାଯାଏ। ''ସୂତାଘୁରା ମଧ ଦୁଇ ଭାଗରେ ବିଭକ୍ତ, ଗୋଟିଏ ''ନଡ଼ାଘୁରା'' ଅନ୍ୟଟି ''ନଳିଘୁରା''। ''ତନା'' ବା ''ତାନ'' ପାଇଁ ଯେଉଁ ଅପେକ୍ଷାକୃତ ବଡ଼ ନଳି ବା ନଡ଼ାରେ ସୂତା ଘୁରାହୁଏ, ତାହାକୁ ''ନଡ଼ାଘୁରା'' କହାଯାଏ। ବୁନା ପାଇଁ ବ୍ୟବହୃତ ଛୋଟ ନଳିରେ ଯେଉଁ ସୂତା ଘୁରା ହୁଏ, ତାହାକୁ ନଳିଘୁରା କହାଯାଏ। ଅରଟରେ ସୂତାଘୁରାଇବା କାର୍ଯ୍ୟ ସାଧାରଣତଃ ପରିବାରର ସ୍ତ୍ରୀଲୋକମାନେ କରନ୍ତି, ଅଥବା ଯେଉଁମାନେ ଲୁଗାବୁଣିବା କାମରୁ ଅବ୍ୟାହତି ପାଇଥାଂତି, ସେଇ ବୟସ୍କ ମାନେ ଏହିକାମ ତୁଲାଇ ଥାଆଂତି। ଖଡ଼ିଆଳ ବ୍ଲକର ତୁକଲା ଓ ରିଷିଗାଁ ଗ୍ରାମ ପଂଚାୟତର ଦୁଇ ଶହ ପରିବାର ପାଖରେଲୁଗାବୁଣାଯନ୍ତ୍ର (ଖରଡ଼ି)ରହିଛି। ଆଗେ ପାଂଚ ଶହ ପରିବାର ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ବିଶେଷ ଲାଭ ହେଉ ନଥିବା ଦର୍ଶାଇ ଅନେକ ପରିବାର ଏବେ ଅନ୍ୟ ଧନ୍ଦା କରୁଛନ୍ତି। ବୁଣାଳୀ ମାନଙ୍କ ଉନ୍ନତି ପାଇଁ ତୁକଲା ଓ ମାଲପଡା ରେ ଦୁଇଟି ସମବାୟ ସମିତି ଗଠନ ହୋଇଛି। ତୁକଲାରେ ପୁଷ୍ପାଞ୍ଜଳି ତନ୍ତୁବାୟ ସହଯୋଗ ସମିତି ସ୍ଥାପନ ହୋଇଥିବା ବେଳେ ମାଲପଡାରେ ଗଣପତି ତନ୍ତୁବାୟ ସହଯୋଗ ସମିତି ସ୍ଥାପନ ହୋଇଛି।ଲୁଗା ବୁଣାଳୀ ମାନଙ୍କୁ ସରକାରୀ ସୁବିଧା ସୁଯୋଗ ବ୍ୟବସ୍ଥା କରିବା, ପ୍ରଶିକ୍ଷଣ ଦେବା ଓ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଘର, ତନ୍ତଶାଳା,ବୁଣା ସାମଗ୍ରୀ ପାଇବାରେ ସହଯୋଗ କରିବା ଏହି ସମିତିର ଲକ୍ଷ୍ୟ।ଏହି ଦୁଇ ସମିତି ପାଇଁ ଘର ମଧ ନିର୍ମାଣ ହୋଇଥିଲା ଓ ୧୯୮୦ରୁ କାର୍ଯ୍ୟ କରି ଆସୁଥିଲା।ଏବେ କିନ୍ତୁ ସମିତି ନିଷ୍କ୍ରିୟ ହୋଇ ପଡିଛି ଓ ଘର ଦୁଇଟି ଭୂତ କୋଠି ପାଲଟିଛି।ସରକାର ଏଦିଗରେ ଯତ୍ନବାନ ହେଲେ ଆମର ପୁରୁଣା ପରମ୍ପରା ବଂଚି ରହିବା ସହ ଅନେକ ପରିବାର କର୍ମ ନିଯୁକ୍ତି ପାଇ ପାରନ୍ତେ।

# ବାଲେଶ୍ୱରର ୬ଟି ଜଗନ୍ନାଥ ମନ୍ଦିରକୁ ପଟିଦିଅଁ ବିଜେ



ବାଲେଶ୍ୱର, ୨୩/୬ (ନି.ପ୍ର): ବାଲେଶ୍ୱର ସ୍ଥାନୀୟ ବାମପଦାସ୍ଥ ନୋସି ଉତ୍କଳା ଶିଳ୍ପଗ୍ରାମ ପରିସରରେ ନୋସି କଲଚ୍ୟୁରାଲ ଏକାଡେମି ଦ୍ୱାରା ଆୟୋଜିତ ୧୦ମ ପଟିଦିଅଁ ଅଙ୍କନ ଉତ୍ସବ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଯଥାବିଧି ସମାପନ ହୋଇଯାଇଛି। ୨୦ ଜଣ ଚିତ୍ରକର ପଟିଦିଅଁ ଅଙ୍କନ ସେବାରେ ନିୟୋଜିତ ହୋଇ ଗତ ୧୭ ତାରିଖରୁ ପାରମ୍ପରିକ ରୀତିରେ ନୀଳଗିରି, ସାଶଙ୍ଗ, ଜୟଦେବ କସବା, ରେମୁଣା , ଗଣେଶ୍ୱର ପୁର ଓ ଦୁବଲାଗଡି ଜଗନ୍ନାଥ ମନ୍ଦିର ପାଇଁ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ମାଆ ଭୁବନେଶ୍ୱରୀଙ୍କ ପଟିଦିଅଁ ଅଙ୍କନ କରିଥିବା ବେଳେ ଆଠଜଣ ଶିଶୁ ଚିତ୍ରକର ଙ୍କୁ ପଟ୍ଟଚିତ୍ର ପ୍ରଶିକ୍ଷକା ମାନେ ଉତ୍କଳୀୟ ପଟ୍ଟଚିତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଅତିଥି ଓ ଆଲୋଚକ ମାନଙ୍କ ଦ୍ୱାରା ପଟିଦିଅଁ ଓ ପଟ୍ଟଚିତ୍ର ବିଷୟରେ ଆଲୋଚନା ସହ ଜଗନ୍ନାଥ ଜଣାଣ, ଭଜନ, ନୃତ୍ୟ ଗୀତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା।

ଦେବସ୍ନାନ ପୂର୍ଣ୍ଣିମା ଅପରାହ୍ନରେ ଚିତ୍ରକର ମାନଙ୍କ ଦ୍ୱାରା ତିନି ପଟିଦିଅଁଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ପୂର୍ବୋକ୍ତ ଜଗନ୍ନାଥ ମନ୍ଦିରରୁ ପୂଜକମାନେ ମନ୍ଦିରରୁ ଆଜ୍ଞାମାଳ ସହ ତୁରୀଭେରୀ, ଖୋଳ କରତାଳ ଧରି ପଟିଦିଅଁ ବିଜେ ଉତ୍ସବରେ ଯୋଗ ଦେଇଥିଲେ। ଦେବସ୍ନାନ ପୂର୍ଣ୍ଣିମା ମଧ୍ୟରାତ୍ରରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିରର ରତ୍ନବେଦୀ ସମ୍ମୁଖରେ ଯଥାବିଧି ପୂଜା ପାଇବେ ଓ ଭକ୍ତମାନେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପବିତ୍ର ଓ ପୂର୍ଣ୍ଣ ରୂପ ଦର୍ଶନ କରିବାର ସୁଯୋଗ ପାଇବେ।

ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ପାଇ ସ୍ୱୀକୃତି ଗ୍ରହଣ କରିଥିବା ତିନିଜଣ ଚିତ୍ରକର ଶିଳ୍ପୀ କେଶୁ ଦାସ, ଦେବାଶିଷ ପତି ଓ ଭବାନୀ ଶଙ୍କର ନାୟକ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବାବେଳେ ଚିତ୍ରକର ଅରୁଣ ବାରିକ, ଧନଞ୍ଜୟ ଧଳ, ଗଦାଧର ମହାନ୍ତି, ପପୁନ ପ୍ରଧାନ, ଯଶସ୍ୱୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପିପିଲିର ବିଶିଷ୍ଟ ପଟ୍ଟଚିତ୍ର ଗୁରୁ ମାଆ ସଞ୍ଜୁକ୍ତା ଦାସ, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ପ୍ରମୁଖ ପଟ୍ଟଚିତ୍ର ପ୍ରଶିକ୍ଷଣ ଶିବିର କୁ ସୁଚାରୁରୂପେ ପରିଚାଳନା କରିଥିଲେ। ଅତିଥି ଓ ଆଲୋଚକ ଭାବରେ ନୀଳଗିରି ରାଜବଂଶର ରାଜା ଜୟନ୍ତ ମର୍ଦ୍ଦରାଜ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୁବ୍ରତ ନାୟକ, ଭଗବାନ ଦାସ ଖଣ୍ଡେଲୱାଲ, ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ପ୍ରଶାନ୍ତ ପଟେଲ, ସଞ୍ଜୁକ୍ତା ଦାସ, ମରୁତ ରାଉତ, ପ୍ରତାପ ରାଉତ, ପ୍ରୀତମନାୟକ, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ସନ୍ଧ୍ୟା ର ସାଂସ୍କୃତିକ କାର୍ଯ୍ୟକ୍ରମ ରେ କଣ୍ଠଶିଳ୍ପୀ କୁମାର ସୋମୁ, କୁମାର ଅତନୁ, କୁମାର ଆର୍ଯ୍ୟ, ସମ୍ବଲପୁରୀ ନୃତ୍ୟ ଶିଳ୍ପୀ ମାନସୀ ମାଝି, ସ୍ୱପ୍ନା ସିଂ, ହିରଣ୍ୟା ଦାସ ଓ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପ୍ରଜ୍ଞା ପାରମିତା ମାହାର୍ଣ୍ଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଯୁବକକୁ ମରଣାନ୍ତକ ଆକ୍ରମଣ : ବାପା ପୁଅ ଗିରଫ

ବଲାଙ୍ଗିର, ୨୩/୬ (ନି.ପ୍ର): ଆଗଲପୁର ଥାନା ଛେଲଖାଇ ଗ୍ରାମର ଅବିନ ବାଗଙ୍କୁ ସେହି ଗ୍ରାମର ଗୋପାଳ ମହାକୁର ଓ ତାଙ୍କ ପୁଅ ଠେଙ୍ଗାରେ ଆକ୍ରମଣ କରିବା ଯୋଗୁଁ ଅବିନ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତି ହୋଇଥିବା ଜଣାଯାଇଛି । ପୂର୍ବ ଶତ୍ରୁତାରୁ ଗୋପାଳ ଓ ତାଙ୍କ ପୁଅ ଗିରିଧାରୀ ଏକ ଠେଙ୍ଗା ଦ୍ୱାରା ଅବିନଙ୍କୁ ଆକ୍ରମଣ କରିଥିଲେ । ଫଳରେ ଅବିନ ଗୁରୁତର ଆହତ ହୋଇଥିଲେ। ତାଙ୍କ ଅଭିଯୋଗ କ୍ରମେ ଆଗଲପୁର ପୋଲିସ ୩୦୭ ଦଫାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିବା ସହିତ କୋର୍ଟଚାଲାଣ କରିଥିବା ଥାନାଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି ।

# ରେଡିଓ ଭାବଗ୍ରାହୀରେ ବିଶ୍ୱ ଯୋଗ ଓ ସଙ୍ଗୀତ ଦିବସ ପାଳିତ

କେନ୍ଦ୍ରାପଡ଼ା, ୨୩/୬ (ନି.ପ୍ର): ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ବାରୁଅ ସ୍ଥିତ ରେଡିଓ ଭାବଗ୍ରାହୀ ଏବଂ ଭାବଗ୍ରାହୀ କଳା ନିକେତନର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ବିଶ୍ୱ ଯୋଗ ଓ ସଙ୍ଗୀତ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କଳା ନିକେତନ ତଥା ରେଡିଓ ଭାବଗ୍ରାହୀର ପ୍ରାଣ ପ୍ରତିଷ୍ଠାତା ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ତଥା ବିଶିଷ୍ଟ ସମାଜସେବୀ ଭୁବନ ମୋହନ ଜେନା ଯୋଗଦେଇ ଏହି ଭବ୍ୟ ସାରସ୍ୱତ ସାଂସ୍କୃତିକ ସମାରୋହକୁ ଉଦ୍ଘାଟନ କରିବା ସହିତ ମଣିଷ ଜୀବନରେ ଉଭୟ ଯୋଗ ଏବଂ ସଙ୍ଗୀତର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବରେ ଓଡିଶା ସାହିତ୍ୟ ଏକାଡେମୀର ଜିଲ୍ଲା ପ୍ରତିନିଧି ସରୋଜ କୁମାର ମହାନ୍ତି ଯୋଗଦେଇ ସୁସ୍ଥ ମଣିଷ ଏବଂ ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଏବଂ ସଙ୍ଗୀତର ପ୍ରଭାବ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଂଜନ ପରିଡା, ପ୍ରାଧ୍ୟାପକ ପ୍ରଶାନ୍ତ ସାମଲ, କଣ୍ଠଶିଳ୍ପୀ ଅଜୟ ମହାନ୍ତି, ପଣ୍ଡିତ ପ୍ରମୋଦ ତ୍ରିପାଠୀ, ପଣ୍ଡିତ୍ ପଦ୍ମନାଭ ଦାଶ, ପ୍ରକୃତି ପ୍ରେମୀ କବି ନୃସିଂହ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଶ୍ୱ ଯୋଗ ଓ ସଂଗୀତ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ । ଗୀତିକାର ବିମଳ ପରିଡା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଆଜିକାଲି ଚିକିତ୍ସା ବିଜ୍ଞାନରେ ଉଭୟ ଯୋଗ ଏବଂ ସଂଗୀତ ଥେରାପିର ସଫଳ ପ୍ରୟୋଗ ଏବଂ ସୁପ୍ରଭାବ ସଂପର୍କରେ ଯୁକ୍ତିନିଷ୍ଠ ତଥ୍ୟ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ସଙ୍ଗୀତ ଗୁରୁ ପ୍ରମୋଦ ଦାସ, କବି ଡା.ରତ୍ନାକର ମଲିକ, କଣ୍ଠଶିଳ୍ପୀ ସୁରେନ୍ଦ୍ର ରାଉତ୍, ମାଗୁଣି ସାହୁ, ବିଷ୍ଣୁ ଚରଣ ବାରିକ,ଅଜୟ ଜେନା, ତୋଫାନ ମଲିକ, ପ୍ରତାପ ପରିଡା, କେଦାର ସ୍ୱାଇଁ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ୍, ନାଟ୍ୟ ନିର୍ଦ୍ଦେଶକ ଭୀମସେନ ପ୍ରଧାନ, ଆର୍‌ଡିସିଓ୍ୱାଇଓ ର ସଂପାଦକ ଚିତରଂଜନ ପ୍ରଧାନ, ପ୍ରଭାତ ବେହେରା, ଶ୍ରାବଣୀ ସେଠୀ, ପାୟଲ୍ ତ୍ରିପାଠୀ, ଅଙ୍କିତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମୀତା ସୂତାର, ଅର୍ଚ୍ଚନା ପରିଡା, ଭାଗ୍ୟଲକ୍ଷ୍ମୀ ପରିଡା ଓ ରାଜଲକ୍ଷ୍ମୀ ପରିଡା ସ୍ୱାଗତ ସଂଗୀତ ଗାଇଥିଲେ । ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକ ପେନସନ ଓ ସୁରକ୍ଷା ସମେତ ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କଲା ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ

ଭୁବନେଶ୍ୱର,୨୩/୬ : ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ସଭାପତି ରବି ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକ ପେନସନ ଓ ସୁରକ୍ଷା ସମେତ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ବିଜ୍ଞାପନ ପ୍ରଦାନ କରିବା କ୍ଷେତ୍ରରେ କ୍ରମାଗତ ଭାବେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପ୍ରତି ଅବହେଳା କରାଯାଉଥିବା ଘଟଣାର ତଦନ୍ତ କରି ଯେଭଳି ବିଜ୍ଞାପନ ପ୍ରଦାନରେ ସ୍ୱଚ୍ଛତା ରକ୍ଷା କରାଯାଇପାରିବ ସେ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯାଉ । ସରକାରଙ୍କ ସ୍ୱୀକୃତି ଅନୁମୋଦନ ପାଇଁ ଆବେଦନ କରିଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ଗ୍ରହଣ ସହ ସ୍ୱୀକୃତି ପ୍ରଦାନ କରିବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଉ । ଯେଉଁମାନେ ସରକାରଙ୍କ ନୀତି ଅନୁସାରେ ଧାରାବାହିକ ଭାବେ ସମ୍ବାଦପତ୍ର ପ୍ରକାଶନ କରୁଛନ୍ତି, ସେମାନଙ୍କ ପ୍ରତି ପାତର ଅନ୍ତର ନ କରି ସରକାରୀ ସ୍ୱୀକୃତି ପ୍ରଦାନ କରାଯାଉ ଏବଂ ସମ୍ପ୍ରତି ସମ୍ବାଦପତ୍ରର ସମ୍ପାଦକମାନଙ୍କୁ ରାଜ୍ୟ ସ୍ତରୀୟ ଅଧିସ୍ୱୀକୃତି ପ୍ରଦାନ କରାଯାଉ। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ପୂର୍ବରୁ ଦିଆଯାଉଥିବା ସର୍ବନିମ୍ନ ବିଜ୍ଞାପନ ଦେୟକୁ ବୃଦ୍ଧି କରି କାଗଜ, କାଳି ଓ ବୈଦ୍ୟୁତିକ ଖର୍ଚ୍ଚ ଏବଂ ବିଭିନ୍ନ ସାମଗ୍ରୀର ବୃଦ୍ଧି ଦୃଷ୍ଟିରୁ ଏହାକୁ ସର୍ବନିମ୍ନ କଲମ୍ ସିମ୍ ପ୍ରତି ୨୫ ଟଙ୍କା କରାଯାଉ। ସମସ୍ତ ପ୍ରକାଶକମାନ ଓ ସମ୍ପାଦକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପରିସରଭୁକ୍ତ କରିବା ସହ ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ । ଭାରତ ବର୍ଷର ୧୭ଟି ରାଜ୍ୟରେ ସାମ୍ବାଦିକ ପେନସନ ଆଇନ ପ୍ରଣୟନ ହୋଇଥିବା ବେଳେ ଓଡ଼ିଶାରେ ଦୀର୍ଘ ୪ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀମାନେ ପେନସନ ଯୋଜନା ପ୍ରଣୟନ କରାଯିବ ବୋଲି ବହୁ ସମୟରେ ଘୋଷଣା କରିଥିଲେ ମଧ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ତେଣୁ ଏ ଦିଗରେ ଆପଣ ପଦକ୍ଷେପ ନେବେ ବୋଲି ଆମର ଅନୁରୋଧ । ଫଳରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ସାମ୍ବାଦିକମାନେ ଏହାର ସୁଫଳ ପାଇପାରିବେ। ଏଥିସହ ମହାରାଷ୍ଟ୍ର, ଛତିଶଗଡ଼ ରାଜ୍ୟ ସରକାରଙ୍କ ଭଳି ସାମ୍ବାଦିକ ସୁରକ୍ଷା ଆଇନ ମଧ ପ୍ରଣୟନ କରାଯାଉ । ଡିଏଭିପି ଦର ଅନୁଯାୟୀ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ଦର ଦିଆଯିବା ନିୟମ ଥିଲେ ମଧ ଏ ସମ୍ପର୍କରେ ବହୁବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପାତର ଅନ୍ତର ନୀତି ଅବଲମ୍ବନ କରୁଛନ୍ତି, ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସକ୍ଷେପ। ଜିଏସଟି ନଥିବା ବିଲଗୁଡ଼ିକ ବର୍ଷ ବର୍ଷ ଧରି ପେମେଣ୍ଟ ନ ହୋଇ ପଡ଼ି ରହିଛି। ତେଣୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଉ । ସରକାରୀ ସ୍ୱୀକୃତି ପାଇଥିବା ସମ୍ବାଦପତ୍ରଗୁଡ଼ିକର ରାଜ୍ୟ କାର୍ଯ୍ୟାଳୟ ଖୋଲିବା ପାଇଁ ଭୁବନେଶ୍ୱର ଠାରେ ସରକାରୀ କ୍ୱାଟର ପ୍ରଦାନ କରାଯାଉ । ନତୁବା ଦିଲ୍ଲୀରେ ଇଣ୍ଡିଆନ ନ୍ୟୁଜ୍ ପେପର ସୋସାଇଟି (ଆଇଏନଏସ୍) କୋଠା ଭଳି ଓଡ଼ିଶାରେ ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ରମାନଙ୍କ ପାଇଁ ଏକ କୋଠା ନିର୍ମାଣ କରାଯାଇ ସମ୍ପୃକ୍ତ ସମ୍ବାଦପତ୍ରଗୁଡ଼ିକର କାର୍ଯ୍ୟାଳୟ ଖୋଲିବା ପାଇଁ ବ୍ୟବସ୍ଥା କରାଯାଉ । ସମସ୍ତ ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ରଗୁଡ଼ିକ (ଆରଏନଆଇ ପଞ୍ଜିକୃତ) ର ବାର୍ଷିକ ଉତ୍ସବ ପାଇଁ ପୂର୍ବରୁ ଥିବା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ସହାୟତା ପ୍ରଦାନ କରାଯାଉଥିଲା। ପୂର୍ବ ସରକାର ଅମଳରେ ବାର୍ଷିକ ଉତ୍ସବ ପାଇଁ ବିଜ୍ଞାପନ ପ୍ରଦାନ ପାଇଁ ଆବେଦନ କଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଅନୁରୋଧ । ଏହି ପ୍ରତିନିଧି ଦଳରେ ପ୍ରକାଶ ଚନ୍ଦ୍ର ନାୟକ, ସ୍ୱଦେଶ ଚନ୍ଦ୍ର ଦାସ, ରମାକାନ୍ତ ପରିଜା, ମନୋଜନ କୁମାର ବେହେରା, ମୁରଲୀ ମିଶ୍ର, ବାବୁଲି ବେହେରା, ଜ୍ୟୋତି ରଂଜନ ବେହେରା, ନିତ୍ୟ ନିରଞ୍ଜନ ପଣ୍ଡାଙ୍କ ସମେତ ସମ୍ପାଦକ ଉପସ୍ଥିତ ଥିଲେ।

# ଓଷ୍ଟା ପକ୍ଷରୁ ଏ ୱାନ ଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ

ନୂଆପଡ଼ା, ୨୩/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ କ୍ଷତ୍ରୀୟ ସମାଜ ଭବନ ଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟା ପକ୍ଷରୁ ସ୍ୱତନ୍ତ୍ର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ ୱାନ ଗ୍ରେଡ ହାସଲ କରିଥିବା ଜୟ ପ୍ରକାଶ ସାହୁ, ଶକ୍ତି ରଂଜନ ବିଶ୍ୱାଳ ଓ ତ୍ରିବିକ୍ରମ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଛାତ୍ର ମାନଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ମଧ ଓଷ୍ଟା ପକ୍ଷରୁ ସମ୍ମାନିତ କରାଯାଇଥିଲା।

ଏହି ବୈଠକରେ ଓଷ୍ଟା ଜିଲ୍ଲା ଉପ ସଭାପତି ଭରତ ଚନ୍ଦ୍ର ବେହେରାଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲା ଓଷ୍ଟା ସଭାପତି ବନବିହାରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା କାର୍ଯ୍ୟକାରି ସଭାପତି ସୁଶାନ୍ତ କୁମାର ବିଶି, ଜିଲ୍ଲା ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ, ଓଷ୍ଟା କାର୍ଯ୍ୟକାରି ସଭ୍ୟ ପ୍ରଦୀପ୍ତ କୁମାର ଯୋଷୀ, ବରିଷ୍ଠ ଶିକ୍ଷକ ଅଶ୍ୱିନୀ କୁମାର ଯୋଷୀ, ପ୍ରଦୀପ କୁମାର ପତି, ଦେବାନନ୍ଦ ବେହେରା ପ୍ରମୁଖ ମଂଚାସିନ ରହିଥିଲେ। ଦିଲୀପ କୁମାର ନାୟକ ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିବା ବେଳେ ଚତୁର୍ଭୁଜ ସିଂ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗଣିନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦିବସ

ଖଇରା, ୨୩/୬ (ନି.ପ୍ର): ଖଇରା ବ୍ଲକ ଅଧୀନ ବିଭିନ୍ନ କଲେଜରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଯୋଗ ଉପରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନେ ଯୋଗ ପ୍ରଦର୍ଶନ କରିଛନ୍ତି । ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଅଗଣିନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ଯୋଗ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସମହାପାତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ତତସହିତ ଯୋଗ ଶିକ୍ଷକ ମାନସ କୁମାର ତିଆଡି ଏବଂ ତାଙ୍କର ସହଯୋଗି ଗଣ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ଯୁବ ରେଡକ୍ରସର କାଉନସିଲର ଅଧ୍ୟାପକ ଦେବେନ୍ଦ୍ର କୁମାର ପଲେଇ ଯୋଗର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ସମସ୍ତ ଶିକ୍ଷକ ଅଣଶିକ୍ଷକ ଓ କର୍ମଚାରୀ ଯୋଗଦାନ କରିଥିଲେ ।



# ସାରସକ୍ଷେତ୍ରାଧିପତିଙ୍କ ମହାସ୍ନାନ

ବାରିପଦା, ୨୩/୬ (ନି.ପ୍ର): ପବିତ୍ର ସ୍ନାନପୂର୍ଣ୍ଣମା ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠରେ ବିରାଜମାନ ସାରସକ୍ଷେତ୍ରାଧିପତି ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ ପାରମ୍ପାରିକ ଭାବେ ଆନନ୍ଦ ଉଲ୍ଲାସ ମଧ୍ୟଦେଇ ଅନୁଷ୍ଠିତ ହୋଇଯାଇଛି। ପୁଣ୍ୟ ଦିବସ ପ୍ରାତଃରେ ଜୀଉଗଣ ସେବାୟତ ଓ ସଂଖ୍ୟାଧିକ ଭକ୍ତଙ୍କ ଗହଣରେ ନିକଟସ୍ଥ ନୂହାମାଳିଆ ସଂକୀର୍ତ୍ତନ ଦଳ ତଥା ସ୍ଥାନୀୟ ଶ୍ରୀଜଗନ୍ନାଥ ଭଜନ ମଣ୍ଡଳୀଙ୍କ କାହାଳୀ, ମୃଦଙ୍ଗ ଓ କରତାଳ ବାଦ୍ୟର ତାଳେ ତାଳେ ହରିବୋଲ ହରିନାମ ଏବଂ ମା'ମାଉସୀଙ୍କ ଶଙ୍ଖ ହୁଳହୁଳି ମଧ୍ୟଦେଇ ପହୁଣ୍ଡିରେ ଆସି ସ୍ନାନବେଦୀରେ ବିଜେ କରିଥିଲେ। ଯୁଗ୍ମଭାବେ ନାମ ସଂକୀର୍ତ୍ତନ ତଦାରଖ କରିଥିଲେ ସଞ୍ଜୟ କୁମାର ଭୋଳ ଓ ଯୋଗେଶ୍ୱର ନାଏକ।ପରେ ପରେ ପୂର୍ଣ୍ଣମା ବ୍ରତଚାରିଣୀଙ୍କ ସେବା ସହାୟତା ଓ ଦେଉଳ ପୁରୋହିତ ସର୍ବଶ୍ରୀ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର ଏବଂ ଦିବ୍ୟ ସୁନ୍ଦର କରଙ୍କ ତତ୍ତ୍ୱାବଧାନରେ ଅମର



ବିକାଶ ଷଡ଼ଙ୍ଗୀ ଓ ଟିଟୁନନା ପ୍ରମୁଖ, ମନ୍ଦିର ବେଢ଼ାର ସୁନାକୂଅରୁ ୧୦୮ କଳସ ଜଳଆଣି ବେଦମନ୍ତ୍ର ପାଠ ପୂର୍ବକ ଚାରିଦିଅଁଙ୍କୁ ଅଗୁରୁଚନ୍ଦନ ଚର୍ଚ୍ଚିତ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ମହାସ୍ନାନ ଅନ୍ତେ ବେଦୀପରେ ଶ୍ରୀଜୀଉମାନଙ୍କୁ ସୁସ୍ୱାଦୁ ଆମ୍ବ ଓ ପାଚିଲା ପଣସ ଆଦି ପ୍ରସାଦ ଲାଗି ହୋଇଥିଲା। ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ଶ୍ରୀଜୀଉଗଣ ଅଣସର ପିଣ୍ଡିକୁ ବିଜେ କରିଥିଲେ। ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ମନ୍ଦିର ପରିଚାଳନା ଟ୍ରଷ୍ଟ ତରଫରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଦସ୍ୟ ସର୍ବଶ୍ରୀ ଡ.ଉପେନ୍ଦ୍ର ନାଥ ସାହୁ, ସୁରଥ କୁମାର ସାହୁ, ଅତୁଲ ଚନ୍ଦ୍ର ଦାସ, ନବକିଶୋର ସେଠୀ,ପ୍ରଦୀପ କୁମାର ପାଲିତ, ଶ୍ରୀଧର ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ଅନ୍ତର୍ଯ୍ୟାମୀ ସାହୁ, ସମ୍ପାଦକ ଜଗନ୍ନାଥ ସାହୁ ଓ ନିମାଇଁ ଦଣ୍ଡପାଟ ପ୍ରମୁଖ। ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କୁ ପାନୀୟ ଜଳସେବା ଯୋଗାଇଥିଲେ ନାରାୟଣ ମହାକୁଡ଼ ଓ ବିମଳ ସିଂ।

# ଅବକାରୀ ଚଢ଼ାଉ: ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ: ୪ଗିରଫ

ନୀଳଗିରି , ୨୩/୬ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଏବଂ ବାଲେଶ୍ୱର ମୋବାଇଲ ସ୍କ୍ୱାର୍ଡ ମିଳିତ ଚଢ଼ାଉରେ ନୀଳଗିରିର ବିଭିନ୍ନ ସ୍ଥାନରୁ ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ କରିବା ସହିତ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ନୀଳଗିରି ଥାନା ସିଆଡିମାଳ ପଞ୍ଚାୟତ ସୀତାପତିପୁର ଗ୍ରାମର ଶରତ ବେହେରା (୩୩) ଙ୍କ ଠାରୁ ୫ଲିଟର ୨୦୦ମି. ଲି ବିଅର ଜବତ କରାଯାଇଥିବା ବେଳେ ନୀଳଗିରି ହାଟସାହି ଗ୍ରାମର ପଦ୍ମାବତୀ ଜେନାଙ୍କ ଠାରୁ ୩୦ଲିଟର ଦେଶୀ ମଦ, ପୋଡ଼ାଶୂଳ ଗ୍ରାମର ପ୍ରକାଶ ଚନ୍ଦ୍ର ପତିଙ୍କ ଠାରୁ ୧୬ଲିଟର ୯୦୦ମିଲି ଲିଟର ବିଭିନ୍ନ ପ୍ରକାରର ବିଦେଶୀ ମଦ ଜବତ ହୋଇଛି। ସେହିଭଳି କଳାକାଦ ଅଞ୍ଚଳର ସୁଧାକର ସିଂଙ୍କ ଠାରୁ ୨୫ଲିଟର ଦେଶୀ ମଦ ଜବତ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ରଧାକିଶୋରପୁର ଅଞ୍ଚଳରେ ୨୯୭୫ଲିଟର ପଚୋ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ନଷ୍ଟ କରାଯାଇଥିବା ବେଳେ ୩୭୦ଲିଟର ମଦ ଜବତ କରାଯାଇଛି। ଏହି ପୋଚ ଏବଂ ମଦର କୌଣସି ଦାବିଦାର ମିଳିନଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ସମେତ ବାଲେଶ୍ୱର ମୋବାଇଲ ଟିମ୍ ର ଅଧିକାରୀ ସାମିଲ ଥିଲେ।

# ଦିନତମାମ ଜେସିବିରେ ଘାଣ୍ଟିଲେ: ନିଖୋଜ ମା'ର ଖବର ମିଳିଲାନି

ଖଇରା, ୨୩/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ଗ୍ରାମରେ ସମ୍ପତ୍ତି ପାଇଁ ରମେଶ ବେହେରା ନାମକ ପୁଅ ମାବାପାଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ଶନିବାର ବାପା ପ୍ରଭାକର ବେହେରା ଙ୍କର ମୃତଦେହ ଘରପାଖ ସାରୁଖାଲରୁ ମିଳିଥିଲେ ହେଁ ମା ଚମ୍ପାବତୀ ବେହେରାଙ୍କର ପତ୍ତା ଅଦ୍ୟାବଧି ମିଳି ପାରୁନି । ସିମୁଳିଆ ପୋଲିସ ରବିବାର ଦିନତମାମ ଜେସିବି ଲଗାଇ ବିଭିନ୍ନସ୍ଥାନରେ ଖୋଳାଖୋଳି କରିଥିଲେ ହେଁ ଖାଲି ହାତରେ ଫେରିଛି । ସେପଟେ ଅଭିଯୋଗକୁ ୩ଦିନ ବିତିଯାଇଥିଲେ ହେଁ ହତ୍ୟାକାରୀ ଫେରାର ପୁଅ ରମେଶକୁ ଠାବ କରିବାରେ ସିମୁଳିଆ ପୋଲିସକୁ ସଫଳତା ମିଳିପାରୁନି ।

# ଦୁର୍ଘଟଣାରେ ଶ୍ରମିକ ମୃତ: ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଖଇରା, ୨୩/୬ (ନି.ପ୍ର): କୁପାରୀ ରାଣିତାଲ ରାସ୍ତାର ଖଇରା ଥାନା ଅଧୀନ ପାଣିଛତ୍ର ଛକ ନିକଟରେ ରବିବାର ଅପରାହ୍ନରେ ଏକ ବୋଲେରୋ ସନାତନ ମହାନ୍ତି(୫୮) ନାମକ ଶ୍ରମିକଙ୍କୁ ଧକ୍କା ଦେବା ଯୋଗୁଁ ସନାତନଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଉତ୍ତ୍ୟକ୍ତ ଗ୍ରାମବାସୀ ମାନେ ବୋଲେରୋ କୁ ଭଙ୍ଗାରୁଜା କରିବା ସହ ୧୦ଲକ୍ଷ ଟଙ୍କାର କ୍ଷତିପୁରଣ ଦାବି ରେ ପାଣୀଛତ୍ର ଛକରେ ଟାୟାର ଜାଳି ରାସ୍ତାକୁ ଅବରୋଧ କରିଛନ୍ତି । ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପାଇଁ ଉଦ୍ୟମ ଜାରି ରଖିଛି । ଅପରାହ୍ନରେ ସନାତନ କାମରୁ ଫେରି ରାସ୍ତା ପାର ହୋଇ ଅପରପାର୍ଶ୍ୱରେ ଥିବା ଘରକୁ



ଯାଉଥିବା ବେଳେ ଧୋବାଗଡିଆରୁ ରାଣିତାଲ ଅଭିମୁଖେ ଯାଉଥିବା ବେଲେରୋ ଧକ୍କା ଦେଇ କିଛି ବାଟ ଘୋଷାରି ନେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା ।

# ଦୁର୍ଘଟଣାରେ ଆହତ ଯୁବକଙ୍କୁ ଭେଟିଲେ ବିଧାୟକ

ମାଲକାନଗିରି, ୨୩/୬ (ନି.ପ୍ର): ଆଜି ସକାଳେ ମାଲକାନଗିରି ଡିଏନକେ ଛକ ଠାରେ ହୋଇଥିବା ଦୁର୍ଘଟଣାରେ ପାର୍ବତୀ ପାଣିଗ୍ରାହୀ ନାମକ ମହିଳାଙ୍କ ମୃତ୍ୟୁବରଣ ହୋଇଥିବା ବେଳେ ତାଙ୍କ ପୁଅ ସାଗର ଗୁରୁତର ଅବସ୍ଥାରେ ଆହତ ହୋଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛି । ଏ ଖବର ପାଇ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଚିକିତ୍ସାଳୟ କୁ ଯାଇ ଆହତ ସାଗରର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ଏବଂ ତାକୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକଙ୍କ ସହ ଉପଜିଲ୍ଲାପାଳ ଓ ବିଜେପି ଜିଲ୍ଲା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଅଣସର ଘରେ ...

ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ କୋଟି ପୂଣ୍ୟ ମିଳିଥାଏ। ଶ୍ରୀଜଗନ୍ନାଥଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କଲେ ଯେଉଁ ଫଳ ପ୍ରାପ୍ତି ହୋଇଥାଏ, ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେହି ଫଳ ପ୍ରାପ୍ତି ହୋଇଥାଏ। ଶ୍ରୀମନ୍ଦିର ଭୋଗନୀତି ପରି ଅଲାରନାଥ ପୀଠରେ ମଧ ଭୋଗ ହୁଏ । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଅଲାରନାଥଙ୍କ ପୀଠରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଜଣେ ଏସପି, ୨ ଜଣ ଡିଏସପି ଓ ୪ ଜଣ ଇନସପେକ୍ଟରଙ୍କ ସମେତ ୬ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି।

## ଭାଙ୍ଗି ଯିବ କି...

ନିବାସରେ କବିସୂର୍ଯ୍ୟନଗର, ତେଲକୋଇ, ବାଙ୍କୀ ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀଙ୍କୁ ଭେଟିବା ବେଳେ ଏକଜୁଟ୍ ରହିବାକୁ ପରାମର୍ଶ ଦେଇଛନ୍ତି ନବୀନ। ଏହାସହ କହିଛନ୍ତି, ରାଜ୍ୟରେ ବିଜେପି ସରକାର ଅଛି ସତ, ହେଲେ ମ୍ୟାଜିକ ନମ୍ବରରୁ ମାତ୍ର ୨ରୁ ୩ ଜଣ ଅଧିକ ଅଛନ୍ତି। ସେହିପରି କେନ୍ଦ୍ରରେ ସଂଖ୍ୟାଲଘୁ ସରକାର ରହିଛି। ତେଣୁ ଅପେକ୍ଷା କର ଓ ଆଉ ଏକଜୁଟ୍ ହୋଇ ରୁହ। ଦଳକୁ ମଜବୁତ କର। ଆଉ ନବୀନଙ୍କ ଏହି ମନ୍ତବ୍ୟକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଯେତିକି, ବିଜେଡି ଅନ୍ଦର ମହଲରେ ବି ଆଲୋଚନା ସେତିକି। କାହିଁକି ହଠାତ୍ ଏକାଠି ରହିବାକୁ କର୍ମୀଙ୍କୁ ଦେଲେ ନବୀନ? ବଡ଼ କଥା ହେଲା ଏବେ ପ୍ରତିଦିନ ନିର୍ବାଚନ ମଣ୍ଡଳୀ ଓ୍ୱାରି କିଛି ନେତାଙ୍କୁ ଡାକି ଆଲୋଚନା କରୁଛନ୍ତି ନବୀନ। ଫିଡ୍ ବ୍ୟାକ୍ ବି ନେଉଛନ୍ତି। କିନ୍ତୁ ପ୍ରଶ୍ନ ହେଲା, ନିର୍ବାଚନ ପରାଜୟର ସମୀକ୍ଷା ନ କରି କାହିଁକି ଡେଲି ନେତାଙ୍କୁ ଡାକି ସେ ଆଲୋଚନା କରୁଛନ୍ତି? କେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ନବୀନଙ୍କୁ ଭେଟୁଚନ୍ତି ନେତା? ସେପଟେ ନବୀନଙ୍କ ଏହି ମନ୍ତବ୍ୟ କେବଳ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ବୋଲି କହିଛନ୍ତି ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର। ଅନ୍ୟପକ୍ଷରେ ଯଦିଓ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି, ତା ସତ୍ତ୍ୱେ ବି ଦଳରେ ବଢିବାରେ ଲାଗିଛି ପାଣ୍ଡିଆନ ବିରୋଧୀ ଅସନ୍ତୋଷ। ନିକଟରେ ପରାଜୟ ପାଇଁ ପାଣ୍ଡିଆନ ତଥା କୋଟେରୀ ଗୋଷ୍ଠୀ ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ରଙ୍କ ବିରୋଧରେ ବିକ୍ଷୋଦଗାର କରିଥିଲେ ଖୋଦ ବିଜେଡି ସଂଖ୍ୟାଲଘୁ ସେଲର ସାଧାରଣ ସଂପାଦକ ପଲ୍ଲବ କୁମାର ଲିମା। ସେହିପରି ଦୁଇ ଦିନ ତଳେ ଭୁବନେଶ୍ୱର ଓ କଟକ ମହାନଗର ନିଗମ କମିଟି ଅଧ୍ୟକ୍ଷ ନିର୍ବାଚନରେ ବି ପଦାରେ ପଡ଼ିଥିଲା ବିଜେଡି ଗୋଷ୍ଠୀ କନ୍ଦଳ। ପ୍ରଶ୍ନ ଉଠୁଛି ଦଳରେ ବିଭାଜନ ଆଶଙ୍କାରେ ପରାଜୟର ସମୀକ୍ଷା କରିବାକୁ ପଛାଉଛନ୍ତି କି ନବୀନ? ନିର୍ବାଚନ ଚାଲିଥିବା ବେଳେ ପାଣ୍ଡିଆନ ମଧ ସମାନ ଆଶାଙ୍କା କରିଥିଲେ। ବିଜେପି ୫୦ ଉପରକୁ ଗଲେ ବିଜେଡିକୁ ଭାଙ୍ଗି ସରକାର କରିବା ଥୟ ବୋଲି ସେ କହିଥିଲେ। ତେଣୁ ଏବେ ପ୍ରଶ୍ନ ଉଠୁଛି କାହିଁକି ନିଜ ଦଳର ନେତାଙ୍କ ଉପରେ ଭରସା କରିପାରୁ ନାହାନ୍ତି ଦଳର ଟପ୍ ଲିଡର ବିଜେଡିରେ କମୁଛି କି ନେତାଙ୍କ ବିଶ୍ୱସନୀୟତା? ଅନ୍ୟପଟେ ପରାଜୟ ସମୀକ୍ଷା ପୂର୍ବରୁ ବିଜେଡି ସଙ୍ଗଠନରେ ନବ କଳେବର ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି।

## କଂଗ୍ରେସରୁ ୫ ...

ସାସମଲ (ଏନ୍ଏସ୍ୟୁଆଇ, ରାଜ୍ୟ ସଂପାଦକ)। ଗତ ଶୁକ୍ରବାର ପିସିସି ସଭାପତି ଶରତ ପଟ୍ଟନାୟକ କଂଗ୍ରେସ ଭବନରେ ତାଙ୍କ ଚାମ୍ବରରେ ବସିଥିବା ବେଳେ ତାଙ୍କ ଉପରକୁ କାଳିମାଡ଼ କରାଯାଇଥିଲା। ବହିଷ୍କୃତ ହୋଇଥିବା ଉପରୋକ୍ତ କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀମାନେ ତାଙ୍କ ଉପରକୁ କାଳି ମାଡ଼ କରିଥିଲେ। ଏହା ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ସହିତ ଦଳର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିଥିଲା। ସେଥିପାଇଁ ପିସିସି ସଭାପତି ସେମାନଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରିଛନ୍ତି।

## ଆଶ୍ୱସ୍ତି ପାଇଁ ସୁପ୍ରିମକୋର୍ଟ ....

ଲଗାଇଥିବା ରୋକକୁ ହଟାଇବା ପାଇଁ ଆଜି କେଜ୍ରିଓ୍ୱାଲ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା କେଜ୍ରିଓ୍ୱାଲ ଏବେ ତିହାର ଜେଲରେ ରହିଛନ୍ତି। ଗୁରୁବାର ସନ୍ଧ୍ୟାରେ ତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଜାମିନ ଦେଇଥିଲେ। ଶୁକ୍ରବାର ସେ ମୁକୁଳିବାର ଥିଲା। କିନ୍ତୁ ଇଡି ଜାମିନକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପହଞ୍ଚି ଯାଇଥିଲା। ହାଇକୋର୍ଟ ଏହାକୁ ଗ୍ରହଣ କରି ଶୁଣାଣି ଶେଷ ନ ହେବା ଯାଏ କେଜ୍ରିଓ୍ୱାଲଙ୍କ ଜାମିନ ଉପରେ ରୋକ ଲଗାଇ ଦେଇଛନ୍ତି। କୋର୍ଟ ୨/୩ ଦିନ ମଧ୍ୟରେ ଚୂଡ଼ାନ୍ତ ରାୟ ପ୍ରକାଶ କରିବେ ବୋଲି କହିଛନ୍ତି। କିନ୍ତୁ କେଜ୍ରିଓ୍ୱାଲଙ୍କ ଓକିଲ ଆଜି ସୁପ୍ରିମକୋର୍ଟରେ ପହଞ୍ଚି ଆସନ୍ତାକାଲି ଆବେଦନର ଶୁଣାଣି ପାଇଁ ନିବେଦନ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ୨୧ରେ ଗିରଫ ହୋଇଥିବା କେଜ୍ରିଓ୍ୱାଲଙ୍କୁ ମେ' ୩୦ରେ ସୁପ୍ରିମକୋର୍ଟ ୨୧ ଦିନ ପାଇଁ ଜାମିନ ଦେଇଥିଲେ। ଜୁନ ୨ରେ ସେ ଲୋକସଭା ନିର୍ବାଚନ ସାରି ପୁଣି ତିହାର ଜେଲକୁ ଫେରିଥିଲେ। ସେବେଠାରୁ ସେ ଜେଲରେ ରହିଛନ୍ତି।

## ବାଲେଶ୍ୱରରେ ଆଜିଠାରୁ...

ଶୋସାଆଲ ମିଡିଆ ପୋଷ୍ଟ ଉପରେ ନଜର ରଖିଛି ସାଇବର ଟିମ୍। ଜଣେ ଗୁଜବକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କହିଛନ୍ତି ଏସପି ସାଗରିକା ନାଥ। ଯେଉଁ ବ୍ୟକ୍ତି ଏଭଳି ଗୁଜବ ପ୍ରଚାର କରିବ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ଓ ଏସପି ସାଗରିକା ନାଥ କହିଛନ୍ତି। ଘଟଣାଟି ହେଉଛି ୧୭ ତାରିଖ ସୋମବାର ବାଲେଶ୍ୱର ସହରର ଭୁଜାଖିଆ ପୀର ନିକଟରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏହାପରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଫୋର୍ସ ଉପରକୁ ପଥର ମାଡ଼ ହୋଇଥିବା ଅଭିଯୋଗ ହୋଇଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ଲାଠିଚାର୍ଜ କରିଥିଲା ପୁଲିସ। ଗଣ୍ଡଗୋଳରେ ୪ରୁ ୫ ଜଣ ଆହତ ହୋଇଥିବା ବେଳେ ୧୫ରୁ ୨୦ଟି ଗାଡ଼ି ଭଙ୍ଗାରୁଜା ହୋଇଥିଲା। ବିଳମ୍ବିତ ରାତିରେ ମଧ ସୁଏଲପୁର ଓ ଦପ୍ତରସାହିର ଅଞ୍ଚଳର କିଛି ସ୍ଥାନରେ ଗାଡ଼ି ଭଙ୍ଗାରୁଜା ଓ ଦୋକାନ ଆସବାବପତ୍ରରେ ନିଆଁ ଲଗାଯିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ପୁଲିସ ଉପସ୍ଥିତିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପରସ୍ପରକୁ ଢେଲା ପଥର ମାଡ଼ କରିଥିଲେ। ଢେଲା ପଥର ମାଡ଼ରେ ସାଧାରଣ ଜନତା, ପୁଲିସ ଓ କିଛି ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଥିଲେ। ଏହାପରେ ସମଗ୍ର ବାଲେଶ୍ୱର ପୌରାଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ...

ସୂଚନାଯୋଗ୍ୟ, ପୂର୍ବରୁ କେନ୍ଦୁଝର ଉପଜିଲ୍ଲାପାଳ ଓଏଏସ୍ ତ୍ରିଲୋଚନ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଓ ଓଡ଼ିଶା ସଚିବାଳୟ ସେବାର ବିନୋଦ ବିହାରୀ ସିଂଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅନୁସଚିବ ଏବଂ ଅତିରିକ୍ତ ବ୍ୟକ୍ତିଗତ ସଚିବ ଭାବେ ସତୀଶ ଚନ୍ଦ୍ର ସାମଲଙ୍କୁ ଅବସ୍ଥାପିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତମାସ ୧୨ତାରିଖରେ ଦାୟିତ୍ୱ ନେଇଥିଲେ ମଧ ସେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ନିଜର କାର୍ଯ୍ୟ ଆରମ୍ଭ କରିପାରିନାହାନ୍ତି । ରାଜ୍ୟ ଅତିଥି ଭବନରେ ସେ ନିଜର ଅସ୍ଥାୟୀ ଅଫିସ୍ କରିଛନ୍ତି ।

# ତିନି ରଥର ଚକ ପହିରେ କ୍ଲାମ୍ପ ଲାଗିଲା

ପୁରୀ, ୨୩/୬ (ନି.ପ୍ର): ତିନି ରଥ ନିର୍ମାଣ କାର୍ଯ୍ୟ ଯୋରସୋରରେ ରଥଖଳାରେ ଆଗେଇ ଚାଲିଛି । ଗତ ଦୁଇଦିନ ତଳେ ତିନିରଥର ବିଭିନ୍ନ ଚକରେ ଫାଟ ଥିବା ସମ୍ପର୍କରେ ଖବର ପ୍ରକାଶ ପାଇଥିଲା । ଏ ସଂପର୍କରେ ଶ୍ରୀମନ୍ଦିର ପ୍ରଶାସନ ଓ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ ହେବାରୁ ରବିବାର ଅପରାହ୍ନରେ ତାଙ୍କ ମିଳିତ ଟିମ ତିନି ରଥର ୪୨ ଚକ ଯାଂଚ୍ କରିବା ସହ ପ୍ଲେଟ କ୍ଲାମ୍ପ ସଂଯୋଗ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନର ଇଆଇସି ଇଞ୍ଜିନିୟର ଡକ୍ଟର ଏନ ସି ପାଲଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗର ଏସଡିଓ ଇଂ. ଚକ୍ରଧର ମହାରଣା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଜଗନ୍ନାଥ ମିଶ୍ର, ରେଲଓ୍ୱେ ସିନିୟର ସିଡିଓ ସୁରେନ୍ଦ୍ର କୁମାର ପାଢୀ, ମନୋଜ, ବଟକୃଷ୍ଣ, ରବୀନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ତିନିରଥର ମୁଖ୍ୟ ମହାରଣା ଯଥା ନନ୍ଦିଘୋଷ ରଥର ବିଜୟ ମହାପାତ୍ର, ଦର୍ପଦଳନ ରଥର ନାରାୟଣ ମହାରଣା ଓ ତାଳଧ୍ୱଜ ରଥର ନୃସିଂହ ମହାରଣା ପ୍ରମୁଖ ଉପସ୍ଥିତ ରହିବା ସହ ଓଝା ସେବକ ପଇରେ ବିନ୍ଧ କରି କ୍ଲାମ୍ପ ବାଡେଇ ନଟବୋଲ୍ଟ ଫିଟିଙ୍ଗ କରିଥିଲେ ।

ପ୍ରତି ରଥର ଲମ୍ବ ଓ ଓସାର ୩୫ ଫୁଟରେ ୩୫ ଫୁଟ ହୋଇଥିବା ବେଳେ ଏହା ୧୨୨୫ ଫୁଟ ଗୋଲେଇ ମଧରେ ଦଣ୍ଡାୟମାନ ହୋଇଛି । ରଥ ଉପରେ ସେବକ ମାନଙ୍କ ଓଜନ ଚାପ ଅଖ ଓ ଚକ ଉପରେ ପଡିଥାଏ । ପ୍ରତିଦିନ ଇଞ୍ଜିନିୟର ମାନେ ରଥର ବିଭିନ୍ନ ସ୍ଥାନରେ ପରିଦର୍ଶନ କରି ତନଖି କରୁଛନ୍ତି ।

# ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ

ବାଲେଶ୍ୱର, ୨୩/୬ (ନି.ପ୍ର): ଯୋଗ ମହୋତ୍ସବ ସମିତି ବାଲେଶ୍ୱର ଦ୍ୱାରା ଜିଲ୍ଲାର ସୋର, ବାଲିଆପାଳ, ଜଳେଶ୍ୱର ପ୍ରଭୃତି ବ୍ଲକ୍ ସ୍ତରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଚାନ୍ଦିପୁର ସ୍ଥିତ ଗୋଳାବାରୁଦ ପରୀକ୍ଷାଗାରର ମୋଭିଲା ମଞ୍ଚରେ ଅନୁଷ୍ଠାନର ବିଭିନ୍ନ ବର୍ଗର କର୍ମଚାରୀମାନେ ଏକତ୍ରିତ ହୋଇ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିଥିଲେ । ଯୋଗ



ଶିକ୍ଷକ ସଞ୍ଜିବ କୁମାର ଖଲଦି ଯୋଗ ଶିକ୍ଷା ତାଲିମ୍ ଦେଇଥିଲେ । ସେହିଭଳି ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଦାସ ଆଇଟିଆଇ ପ୍ରଭୃତି ଶିକ୍ଷାନୁଷ୍ଠାନରେ ମଧ ଯୋଗ ଦିବସ ପାଳିତ ହୋଇଥିଲା ବୋଲି ମହୋତ୍ସବ ସମିତିର ସଭାପତି ସୁଜିତ କୁମାର ଜେନା ଜଣାଇଛନ୍ତି ।

# ପୋଲିସ ପକ୍ଷରୁ ମାଦିକୁନ୍ଦା ରିଜର୍ଭ ପଡ଼ିଆ ପରିସରରେ ରକ୍ତଦାନ ଶିବିର : ୧୨୨ ୟୁନିଟ୍ ରକ୍ତ ସଂଗୃହୀତ

କନ୍ଧମାଳ, ୨୩/୬ (ନି.ପ୍ର): କନ୍ଧମାଳ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ପୋଲିସ ପକ୍ଷରୁ ଫୁଲବାଣୀ ମାଦିକୁନ୍ଦା ରିଜର୍ଭ ପୋଲିସ ପଡିଆ ପରିସରରେ ଥିବା ପୋଲିସ ମେଡିକାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ନିଜେ ରକ୍ତଦାନ କରି ଉଦଘାଟନ କରିଥିଲେ ଏହି ଅବସରରେ ଡେପୁଟି କମାଣ୍ଡେଣ୍ଟ ପ୍ରଦିପ୍ତ ରାଉତ, ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଦିଲ୍ଲିପ ମେହେର, ଫୁଲବଣୀ ରିଜର୍ଭ ଇନ୍ସପେକ୍ଟର ବିରସିଂ ଶବର, ହୋମଗାର୍ଡ ଆରଆଇ ବାଲୁକେଶ୍ୱର କାଟାପ୍, ଫୁଲବାଣୀ ରକ୍ତଦାନ ସମିତି ର ସହ ସମ୍ପାଦକ ତଥା ବିଶିଷ୍ଟ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ଭି. ଲୋକନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲା ର ଦାରିଙ୍ଗବାଡି, ବ୍ରାହ୍ମଣୀଗାଁ, ଖଜୁରୀପଡ଼ା, ଗୋଛାପଡ଼ା, ଚକାପାଦ, ଫିରିଙ୍ଗିଆ,ଫଲବାଣୀ ସଦର ଥାନା ସମେତ ଫୁଲବାଣୀ ର ପୋଲିସ ଜବାନ ମାନେ ସ୍ୱେଚ୍ଛାକୃତ ଭାବେ ଆସି ରକ୍ତଦାନ କରିଥିଲେ। ଏଥିରେ ଫୁଲବାଣୀ ବିଏସଏଫ, ସିଆରପିଏଫ୍, ହୋମଗାର୍ଡ ଜବାନ ମାନଙ୍କ ସମେତ ଓଏସଆରଟିସି ଏବଂ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ତଥା ବିଭିନ୍ନ ସଂଗଠନର ଯୁବକ ଯୁବତୀ ମାନେ ଆସି ରକ୍ତଦାନ କରିଥିଲେ। ଏହି ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ଫୁଲବାଣୀ ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଡା.ସବିତା ନାୟକଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ପ୍ରଶାନ୍ତ କୁମାର ରତ୍ନାଲୁ, ସାକେତରାଣୀ ନାୟକ, ଅର୍ଚ୍ଚନା ପ୍ରଧାନ ଏବଂ ବରୁଣ ବେହେରା ପ୍ରମୁଖ ସମ୍ପାଦନ କରିଥିଲେ। ଏହି ଅବସରରେ ଫୁଲବଣୀ ଟିମ୍ ହ୍ୟୁମାନିଟି ର ସଦସ୍ୟ ସଦସ୍ୟା ଓ ମିତ୍ର ଫାଉଣ୍ଡେସନ ର ସଦସ୍ୟ ସଦସ୍ୟା ମାନେ ଶିବିରରେ ସହଯୋଗ କରିଥିଲେ । ଶେଷରେ ଫୁଲବାଣୀ ଶିକ୍ଷ ତାଲିମ କେନ୍ଦ୍ର ର ଅଧକ୍ଷ ପ୍ରକାଶଚନ୍ଦ୍ର ସେଠୀ ଓ ହୋମଗାର୍ଡ ଆର ଆଇ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୧୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ବାଲେଶ୍ୱର ଜେଲରେ ଯୋଗ ଦିବସ ପାଳିତ



ବାଲେଶ୍ୱର, ୨୩/୬ (ନି.ପ୍ର): ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା କାରାଗାରରେ ୪ଦିନ ଧରି ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ୨୧ ତାରିଖ ସକାଳେ ପୁରୁଷ ଓ ମହି କଏଦୀଙ୍କ ସହିତ କାରାଗାରର କର୍ମଚାରୀ ମାନେ ମଧ ଅଲଗା ଅଲଗା ଯୋଗାଭ୍ୟାସ କରିଥିଲେ । ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମକୁ ଯୋଗ ମହୋତ୍ସବ ସମିତି ବାଲେଶ୍ୱରର ପ୍ରଶିକ୍ଷିକା ରୀତା ରାଉତ, ଅର୍ଚ୍ଚନା କର, ଜୟନ୍ତି ମହାପାତ୍ର, ତୃପ୍ତି ପୋଥାଳ, ବିଜୟଲକ୍ଷ୍ମୀ ଜେନା, ସ୍ନେହଲତା ଦାସ, ମନସ୍ୱିନି ଜେନା, ପ୍ର. ଜୟସ୍ମିତା ନାୟକ ସହିତ ବ୍ୟାସଦେବ ରାଉତ, ହରିଶ ଚନ୍ଦ୍ର ରଣା ସୂର୍ଯ୍ୟ ପୋଥାଳ, ରଞ୍ଜନକୁମାର ସାହୁ ପ୍ରଭୃତି ଯୋଗ ଶିକ୍ଷା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଜେଲ ସୁପରିନ୍‌ଟେଣ୍ଡେଣ୍ଟ ଶ୍ରୀମତୀ ସୁଚିତ୍ରା ଦାସ ଓ ଜେଲର ଅବିନାଶ ବେହେରା ଉଦ୍‌ଘାଟନ କରିଥିଲେ । ଉପେନ୍ଦ୍ର ନାଥ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ହାନାଗୁଡ଼ା ଷ୍ଟାଡିୟମରେ କ୍ରିକେଟ ଖେଳ ଅନୁଷ୍ଠିତ

ଜୟପୁର, ୨୩/୬ (ନି.ପ୍ର): ଜୟପୁର ହାନାଗୁଡା ଷ୍ଟାଡିୟମରେ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସିଲୁ ଏକାଦଶ ପ୍ରଥମେ ଟଚ ଜିତି ବୋଲିଂର ନିଷ୍ପତି ନେଇଥିଲା ଏବଂ ପ୍ରତିଦ୍ୱନ୍ଦି କୁନ୍ତରଖାଲ ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୧୦ ଓଭର ବିଶିଷ୍ଟ ମ୍ୟାଚରେ କୁନ୍ତରଖାଲ ଦଳ ୯୫ ରନ ସଂଗ୍ରହ କରିଥିଲା ଏବଂ ୯୬ ରନର ବିଜୟ ଲକ୍ଷ୍ୟ ଦେଇଥିଲା। ୯୬ ରନ ଲକ୍ଷ୍ୟକୁ ପିଛା କରି ସିଲୁ ଏକାଦଶ ୮ ଓଭର ୨ଟି ବଲରେ ମ୍ୟାଚଟିକୁ ବିଜୟ ଲାଭ କରିଥିଲା। ଦଳ ତରଫରୁ ରାଜା ୨୨ଟି ବଲରେ ୪୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିଭଳି କୁନ୍ତରଖାଲ ଦଳର ଅମିଲ ପୁରା ଟୁର୍ନାମେଂଟରେ ଭଲ ପଦର୍ଶନ କରି ମ୍ୟାନ ଅଫ ଦି ସିରିଜ ଟ୍ରଫି ହାତେଇଥିଲେ।

# ବାଇକ୍‌କୁ ଧକ୍କାଦେଲା ଅଜଣା ବୋଲେରୋ: ମାଆ ପୁଅ ସହ ସାଥି ଗୁରୁତର

ହରିଚନ୍ଦନପୁର, ୨୩/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା କୁଆଁଝରଣ ଘାଟିରେ ବାଇକକୁ ଧକ୍କା ଦେଲା ଅଜଣା ବୋଲେରୋ। ଫଳରେ ମାଆ ପୁଅଙ୍କ ସହ ସାଥି ଗୁରୁତର ହୋଇଛନ୍ତି। ମିଳିଥିବା ଖବର ମୁତାବକ, ଆଜି ସନ୍ଧ୍ୟା ୫ଟା ସମୟରେ ବାପଘର ଆକଳପଡା ଠାରୁ ମାଆ ଗନ୍ଧା ନାଏକ(୫୫) ପୁଅ କିରାଣୀ ନାଏକ(୩୦) ଓ ସାଥି କସ୍ତିପଦା ଗ୍ରାମର ଅନିଲ୍ କୁମାର ନାଏକ(୩୫) ଠାକୁରପଡା ଗ୍ରାମପଂଚାୟତ ଗଣ୍ଡଡିହା (ଋଗୁଡି ସାହି)କୁ ଫେରୁଥିଲେ । ଫେରୁଥିବା ସମୟରେ କୁଆଁଝରଣ ଘାଟି ରାସ୍ତାରେ ସମ୍ମୁଖରୁ ଦୃତ ଗତିରେ ଏକ ଧଳା ରଙ୍ଗର ବୋଲେରୋ ବାଇକ୍ ଧକ୍କା ଦେଇଥିଲା ।

ଧ୍ୱନି ପ୍ରତିଧ୍ୱନି

# ସୋଲପଟା ହାଇସ୍କୁଲରେ ମ୍ୟାଟ୍ରିକ ଉତ୍କର୍ଷ ସମ୍ମାନ ସମାରୋହ

ବସ୍ତା ୨୩,୬ (ନିପ୍ର)ବସ୍ତା ଥାନା ଅନ୍ତର୍ଗତ ସୋଲପଟା ହାଇ ସ୍କୁଲ ପୁରାତନ ଛାତ୍ର ପରିଷଦ ଆନୁକୂଲ୍ୟରେ ରବିବାର ମ୍ୟାଟ୍ରିକ ଉତ୍କର୍ଷ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଅରୁଣ କୁମାର ନାୟକ ଏହି ସମାରୋହରେ ଅଧକ୍ଷତା କରିଥିଲେ । ପରିଷଦର ସମ୍ପାଦକ ଗୋବିନ୍ଦ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ତଥା ରୂପସା ନୀଳମଣି କଲେଜ ପୁରାତନ ଛାତ୍ର ସଂସଦ ସମ୍ପାଦକ ବାଞ୍ଛାନିଧି ଦେ, ମୁଖ୍ୟ ବକ୍ତା ପ୍ରଧାନ ଶିକ୍ଷକ କରୁଣାକର ପାତ୍ର ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ସ୍ୱପ୍ନରେ ଭବିଷ୍ୟତ ସମ୍ଭାବନା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ପରିଚାଳନା ସମିତି ସଭାପତି ପ୍ରତାପ ଚନ୍ଦ୍ର ବାରିକ,କମିଟି ଚେୟାରମ୍ୟାନ ବରେନ୍ଦ୍ର ପ୍ରଧାନ, ଶିକ୍ଷାବିତ ସର୍ବେଶ୍ୱର ସେଠୀ, ସମିତି ସଭ୍ୟ ରାଜକିଶୋର ମହାଳିକ ପ୍ରମୁଖ ମଞ୍ଚାସିନ ହୋଇ ନୈତିକ ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାବିତ ଅମୟ କୁମାର ଦାସ ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ଗତ ମ୍ୟାଟ୍ରିକ ପରୀକ୍ଷାରେ ଇ୧ ଗ୍ରେଡ଼ ପାଇଥିବା ଛାତ୍ରୀ ତପସ୍ୱିନୀ ଦାସ, ଇ୨ ଗ୍ରେଡ଼ ଅନ୍ତର୍ଭୁକ୍ତ ଆରତୀ ଦାସ, ଶ୍ରୀତମ ଦାସ ଓ ବିଷ୍ଣୁପ୍ରସାଦ ବେହେରା, ୨୦୨୨ ମ୍ୟାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଟପ୍ପର ଛାତ୍ରୀ ସୁହାନି ବେରାଙ୍କୁ ମାନପତ୍ର ଓ ମିମେଣ୍ଟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନ ଶିକ୍ଷକ କରୁଣାକର ପାତ୍ର, ଶିକ୍ଷକ ଶିବ ସେନାପତି, ଅଚିନ୍ତ ବେହେରା, ପଦ୍ମଲୋଚନ ବାରିକ ଓ ସଞ୍ଜୀୟ ସିଂଙ୍କୁ ପରିଷଦ ପକ୍ଷରୁ ଆଦର୍ଶ ଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ଅମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




# ସତ୍ୟସାୟୀ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



ବସ୍ତା, ୨୩/୬ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ରୂପସା ସତ୍ୟସାୟୀ ସେବା ସଂଗଠନ ଆନୁକୂଲ୍ୟରେ ବାଲେଶ୍ୱର ସମିତି ଓ ଓଡିଶା ବ୍ଲଡ଼ ଡୋନର ଏସୋସିଏସନ ମିଳିତ ସହଯୋଗରେ ରବିବାର ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର 'ଅମୃତବିନ୍ଦୁ' ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବାଲେଶ୍ୱର ସମିତି ଜିଲା ସଭାପତି ସୁକାନ୍ତ କିଶୋର ଦାସ ଏବଂ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡ଼ା. ସତୀଶ କୁମାର ଜେନା ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରି ରକ୍ତଦାନ ମହତ ଦାନ ହୋଇଥିବାରୁ ଏଥିପ୍ରତି ଯୁବ ସମାଜ ଆଗଭର ହେବା ଉଚିତ ବୋଲି କହିଥିଲେ । ସଂଗଠନର ଆବାହକ ଉମେଶ ଚନ୍ଦ୍ର ନାୟକ ଉଦଘାଟନୀ ଉତ୍ସବରେ ପୌରାହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଜିଲା ସମିତି ଆବାହକ ରାଧାପ୍ରବୀଣ ଦାସ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା,ସାମ୍ବାଦିକ ବାଞ୍ଛାନିଧି ଦେ,ଓବିଡିଏ ସଭାପତି ଭିକାରୀ ଚରଣ ମିସ୍ତ୍ରୀ, ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଯୋଗେଶ୍ୱର ମହାପାତ୍ର ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ନର୍ସିଂ ଅଫିସର ମାନିନୀ ମଲ୍ଲିକ, ଟେକନିସିଆନ ଦେବାଶିଷ ଦତ୍ତ ଓ ବସନ୍ତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ୧୦୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଆଧ୍ୟାତ୍ମିକ ସଂଯୋଜକ ପର୍ଶୁରାମ ବେହେରା, ସେବା ସଂଯୋଜକ ରାଜେନ୍ଦ୍ର ନାଥ ଖମାରୀ, ଯୁବ ସଂଯୋଜକ ସୁଦାମ କୁମାର ସାହୁଙ୍କ ସମେତ କାର୍ଯ୍ୟକର୍ତ୍ତା ଡମ୍ବରୁଧର ମିସ୍ତ୍ରୀ, ବିଧାନ ରାୟ, ପ୍ରନିମା ଦାସ, ବିକାଶ ସେଠୀ, ଅଜୟ ମହାପାତ୍ର ଓ ବିଦ୍ୟାଧର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ପନ୍ତେଇ ଫେରି ଘାଟରେ ବେଆଇନ ନୌକା ଚଳାଚଳ : ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ଲଙ୍ଗଳେଶ୍ୱର , ୨୩/୬ (ନି.ପ୍ର): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ ପନ୍ତେଇ ଫେରି ଘାଟରେ ଏବେ ବେଆଇନ ଭାବେ ନୌକା ଚଳାଚଳ କରୁଛି ।ଫଳରେ ନୌକା ପାରି ଯାଉଥିବା ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ପ୍ରଶାସନ ସବୁ ଜାଣି ମଧ ନୀରବ ରହିଛି ।ଯାତ୍ରୀମାନେ ଜୀବନକୁ ପାଣି ଛଡାଇ ବାଧ ହୋଇ ନଦୀ ପାର ହେଉଛନ୍ତି ।ଘାଟରେ ନୌକା ପକାଇ ଥିବା ଲୋକର ନୌକାର ଫିଟନେସ ଅଛି କି ନାହିଁ ଜଣା ପଡି ନାହିଁ। ଯାତ୍ରୀମାନଙ୍କର ସୁରକ୍ଷା ପାଇଁ ରବର ଗାର୍ଡ ମଧ ଦିଆ ଯାଉନାହିଁ ।ପୂର୍ବରୁ ଜାମକୁଣ୍ଡା ପଞ୍ଚାୟତ ଓ ତହସିଲ ପକ୍ଷରୁ ଘାଟ ନିଲାମ ପାଇଁ ସର୍ବସାଧାରଣରେ ନୋଟିସ ଦିଆ ଯାଉଥିଲା ।କିନ୍ତୁ ସଲା ସୁତୁରା ଯୋଗୁଁ କୌଣସି ଲୋକ ନିଲାମ ଡାକିଲେ ନାହିଁ ।ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଥର ନିଲାମ ପାଇଁ ନୋଟିସ ହୋଇଥିଲା ।ସେଥର ମଧ କୌଣସି ଲୋକ ନିଲାମ ଡାକିଲେ ନାହିଁ। ଏହି ଫେରି ଘାଟ ବାଲିଆପାଳ ଭୋଗରାଇ ବ୍ଲକକୁ ସିଧା ସଳଖ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶହ ଶହ ଲୋକ ନଦୀ ଘାଟ ପାରିଥାନ୍ତି ।ବାଲିଆପାଳ ଅଞ୍ଚଳର ବହୁ ବ୍ୟବସାୟୀ ପଶ୍ଚିମ ବଙ୍ଗର ଦୀଘା , ଦାନ୍ତୁନ , ସାତମାଇଲ ,ଏଗ୍ରା କୁ ଖରିଦି ବିକ୍ରି ପାଇଁ ଯାଇଥାନ୍ତି।ବେଆଇନ ନୌକା ଚଳାଚଳ ଯୋଗୁଁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୈବ ପୀଠ ଚନ୍ଦନେଶ୍ୱର , ଭୁଷଣ୍ଡେଶ୍ୱର , ବିଜୟ ବାସୁଳୀ ତୀର୍ଥକ୍ଷେତ୍ରକୁ ଏହି ଘାଟ ପାରି ମଧ ଲୋକ ଯାଇଥାନ୍ତି । ପ୍ରକାଶ ଥାଉ କି , ଏହି ନଦୀ ଘାଟ ଉପରେ ଏଲ ଏନ ଟି କମ୍ପାନୀ ପକ୍ଷରୁ କେତେ ଦିନ ହେବ ସ୍ଥାୟୀ ପୋଲ ନିର୍ମାଣ ପାଇଁ ସାଇଡ କାମ , ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଚାଲୁ ରହିଛି ।ତେବେ ଏ ବାବଦରେ ତହସିଲଦାର ଜନକ କୁମାର ନାୟକଙ୍କୁ ପଚାରିବାରୁ ବେଆଇନ ନୌକା ଚଳା ଚଳ ବନ୍ଦ ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ଖୁବ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଶିମିଳିପାଳ ଜୈବମଣ୍ଡଳର ୩୧ତମ ଚିନ୍ତନ ଦିବସ ଅନୁଷ୍ଠିତ



ବଡ଼ସାହି , ୨୩/୬ (ନି.ପ୍ର): ଇଣ୍ଟର ନ୍ୟାସନାଲ ନେଚରପାଥି ଅର୍ଗାନାଇଜେସନ ମୟୁରଭଞ୍ଜ, ଏପେକ୍ସ ଫରେଷ୍ଟ ପ୍ରଟେକ୍ସନ କମିଟି ' ବେତନଟୀଏବଂ ଇକୋ ଫ୍ରେଣ୍ଡସ ମହୁଲିଆର ମିଳିତ ଉଦ୍ୟମରେ ତଥା ସିଭିଲ ସୋସାଇଟି ବେତନଟୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସହଯୋଗରେ ଶିମିଳିପାଳର ୩୧ ତମ ଚିନ୍ତନ ଦିବସ ପାଳନ ଅବସରରେ ଯୋଗର ଲୋଗୋ ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଡ଼କ୍ଟର ଶ୍ୟାମ ସୁନ୍ଦର ଦାସଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବିକାଶମଞ୍ଚର ଆବାହକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସମ୍ମାନିତ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ଦର୍ପଣର ପ୍ରାକ୍ତନ ସମ୍ପାଦକ ଏଡଭୋକେଟ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବରେ ମୟୁରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ସମ୍ମାନିତ ବକ୍ତା ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ଅନୁଷ୍ଠାନ କବି ସଙ୍ଗମର ସଭାପତି ବାସୁଦେବ ନାପିତ,ସାରଦା ଗୁରୁକୁଳର ପ୍ରଧାନ ଶିକ୍ଷକ ହୃଷିକେଶ ମହାନ୍ତ, ବିକେ ନିତ୍ୟାନନ୍ଦ ଯୋଗଦାନକରି ଶିମିଳିପାଳ ଜୈବ ମଣ୍ଡଳର ଜୀବ ଜଗତ ପ୍ରତି ଥିବା ଅମୁଲ୍ୟ ଅବଦାନ ପ୍ରସଙ୍ଗରେ ଆଲୋକପାତ କରିଥିଲେ, ଏହି ଅବସରରେ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ବାରିପଦାର ଯୋଗ ଏବଂ ପ୍ରାକୃତିକ ବିଭାଗର ଅଧ୍ୟାପିକା ମାମିନା ମହାନ୍ତ,ରଶ୍ମିରେଖା ମହାନ୍ତ ଏବଂ ବିକେ ଯାଜ୍ଞସେନୀ ଏବଂ ବିକେ ସୁ ଷ ମା ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରି ପ୍ରକୃତି ଏବଂ ପରିବେଶ ସୁରକ୍ଷାରେ ଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ ତଥା ପ୍ରକୃତି, ପରିବେଶର ସୁରକ୍ଷା ଏବଂ ବିଶ୍ୱ ଶାନ୍ତି ପାଇଁ ବିଶେଷ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଶିମିଳିପାଳ ଜୈବ ମଣ୍ଡଳ ପ୍ରସଙ୍ଗରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଇକୋ ଫ୍ରେଣ୍ଡସ ର ସଭାପତି ଶିକ୍ଷକ ଡ଼କ୍ଟର ରମାକାନ୍ତ ମହାନ୍ତ।

# ତରାପୁରରେ ଗୋଶାଳା ପ୍ରତିଷ୍ଠା ଲାଗି ଭୂମି ପୂଜନ

ଖଇରା୨୩।୬ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅନ୍ତର୍ଗତ ତରାପୁର ଗ୍ରାମରେ ଗୋବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନିମିତ୍ତ ଭୁମିପୁଜନ କାର୍ଯ୍ୟକ୍ରମ ପବିତ୍ର ସ୍ନାନପୁର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇ ଯାଇଛି । ଅତ୍ରା ଶ୍ରୀଜଗନ୍ନାଥ ଆଶ୍ରମର ମହନ୍ତ ଶଙ୍କର ଶରଣ ମହରାଜ ଆଲୋକପାତ କରିଥିଲେ । ସରପଞ୍ଚ ପ୍ରତିନିଧି କୈଳାସ ଚନ୍ଦ୍ର ମାଝୀ ମୁଖ୍ୟବକ୍ତା,ପ୍ରାକ୍ତନ ପ୍ରଧାନଶିକ୍ଷକ ଭଗବାନ ଦାସ ସମ୍ମାନୀତ ବକ୍ତା, କିଶାନ ସଂଘର କାର୍ଯ୍ୟକର୍ତ୍ତା ବିଶ୍ୱନାଥ ସେଣ୍ଠ ନିମନ୍ତ୍ରିତ ବକ୍ତା ଭାବେ ଯୋଗ ଦେଇଥିଲେ । ଆଖପାଖ ଗ୍ରାମର ବାସିନ୍ଦା ପ୍ରତିରାଣି



ଭୁମିପୁଜନ କରିବା ସହ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶନତନ ଧର୍ମରେ ଗୋମାତାଙ୍କ ପୁଜା ଆଜିର ଦିନରେ ସଙ୍କଟରେ ପଡିଥିବା ଏହି ଗୃହପାଳିତ ପଶୁର ସୁରକ୍ଷା, ପଞ୍ଚଗବ୍ୟର ଆବଶ୍ୟକତା ଉପରେ ସେଠୀ,ବନମାଳି ପରିଡା, ଚକ୍ରଧର ସେଠୀ, ମଦନ ସେଠୀ, ଯୁଧିଷ୍ଠିର ପଣ୍ଡା,ହେମନ୍ତ ପରିଡା,ମଧୁସୁଦନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଗୋବ୍ରତୀ ନୀଳକଣ୍ଠ ନିଳମଣି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଓ ହରିହର ପଣ୍ଡା ପୁଜାର୍ଚ୍ଚନା କରିଥିଲେ ।

# ବାଇକ ମୁହାଁମୁହିଁ ଧକ୍କା: ଦୁଇ ଯୁବକ ଗୁରୁତର



ନୀଳଗିରି, ୨୩/୬ (ନି.ପ୍ର): ଶେରଗଡ ଝରଣଘାଟି ୧୯ ନଂ ରାଜ୍ୟ ରାଜପଥର ନୀଳଗିରି ସୀମାନ୍ତ ଏସ.ଆର ତେଲଟାଙ୍କି ନିକଟରେ ଗତକାଲି ବିଳମ୍ବିତ ରାତିରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ଯୁବକ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତରଙ୍କୁ ସ୍ଥାନୀୟ କିଛି ଯୁବକ ଉଦ୍ଧାର କରି ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ଥିତି ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଦୁଇ ଗୁରୁତର ମଧ୍ୟରୁ ଜଣେ ଔପଦା ବ୍ଲକ ଟଣକା ଗ୍ରାମର ଗୋପବନ୍ଧୁ ମଲ୍ଲିକ ଓ ଅନ୍ୟ ଜଣେ ମଛୁଆସାହି ଗ୍ରାମର ଏସ.କେ ଆକବର ବୋଲି ଜଣାପଡିଛି ।ଏହି ଦୁର୍ଘଟଣାରେ ଏସ.କେ ଅକବରଙ୍କ ମୁହଁରୁ ଅତ୍ୟଧିକ ରକ୍ତସ୍ରାବ ହୋଇଥିବା ବେଳେ ଗୋପବନ୍ଧୁଙ୍କ ଦୁଇ ହାତ ଓ ଗୋଡ ଭାଙ୍ଗିଯାଇଥିବା ଜଣା ପଡ଼ିଛି।

## ହସ୍ପିଟାଲରୁ ନିଖୋଜ ଶିଶୁ ପୁତ୍ରର ମୃତ୍ୟୁ

ଲଙ୍ଗଳେଶ୍ୱର , ୨୩/୬ (ନି.ପ୍ର): ବାଲିଆପାଳ ଥାନା କୁହ୍ଲା ଚଡ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦଣ୍ଡପାଟଙ୍କ ଚର୍ଚ୍ଚିତ ପୁତ୍ର ରୁଦ୍ର (୧୪ ଦିନ) ର ଶନିବାର ଅଚାନକ ମୃତ୍ୟୁ ହୋଇ ଯାଇଛି । ଗତ କାଲି ରୁଦ୍ର ଘରେ ହଠାତ୍ ଅସୁସ୍ଥ ହୋଇ ପଡି ଥିଲେ। ପରିବାର ଲୋକେ ରୁଦ୍ରକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ ।ପରେ ସେଠାରୁ ବାଲେଶ୍ୱର ସଦର ହସ୍ପିଟାଲକୁ ରେଫର୍ ହୋଇ ଥିଲେ। ମାତ୍ର ହସ୍ପିଟାଲରେ ପହଁଞ୍ଚିବା ବେଳକୁ ରୁଦ୍ରର ମୃତ୍ୟୁ ହୋଇ ଯାଇଥିଲା । ଗତ ୧୫ ଦିନ ତଳେ ପୂର୍ଣ୍ଣ ଚନ୍ଦ୍ରଙ୍କ ସ୍ତ୍ରୀ ବାଲେଶ୍ୱର ହସ୍ପିଟାଲ୍ ରେ ରୁଦ୍ରକୁ ଜନ୍ମ ଦେଇ ଥିଲେ । ମାତ୍ର ଜନ୍ମ ହେବା ପରେ ଚୋରୀ ନିଖୋଜ ହୋଇ ଯାଇଥିଲେ। ବହୁ ଖୋଜା ଖୋଜି ପରେ ରୁଦ୍ରକୁ ବାପା ପୂର୍ଣ୍ଣ ଚନ୍ଦ୍ର ପାଇ ଥିଲେ। ଏହି ଘଟଣା ସେତେବେଳେ ଗଣ ମାଧମର ବହୁତ ଚର୍ଚ୍ଚା ହୋଇ ଥିଲା। ଏନେଇ ବାଲିଆପାଳ ଥାନାରେ କେଶ ନଂ ୨୮/୨୪ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି ନେଇ ସରକାରଙ୍କ ତଦାରଖ

ଭୁବନେଶ୍ୱର, ୨୩/୬ (ନି.ପ୍ର): ସମ୍ପ୍ରତି ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର ମୂଲ୍ୟବୃଦ୍ଧି ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଉଦବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ରାଜ୍ୟର ଖାଉଟିମାନେ ଯେପରି ସୁଲଭ ତଥା ଉଚିତ ମୂଲ୍ୟରେ ଖାଉଟି ସାମଗ୍ରୀ ପାଇପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗର ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି ଏବଂ ମୁନାଫାଖୋର ତଥା ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖାଉଟି ସାମଗ୍ରୀର ଦରବୃଦ୍ଧି ବର୍ତ୍ତମାନ ଜାତୀୟ ସମସ୍ୟା ହୋଇଥିଲେ ମଧ ରାଜ୍ୟରେ ଅସାଧୁ ବ୍ୟବସାୟୀ ଯେପରି ଏହାର ଲାଭ ନ ଉଠାଇ ପାରନ୍ତି, ସେଥିପାଇଁ ସଜାଗ ରହିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ପେନ୍ସନ୍ ଦାବି କଲା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ ରେଗୁଲାର କର୍ମଚାରୀ ସଂଘ

ଭୁବନେଶ୍ୱର, ୨୩/୬ (ନି.ପ୍ର): ଜେସି କର୍ମଚାରୀଙ୍କୁ ପେନ୍ସନ୍ ଦେଇଛ, ତା ୧୨.୦୪.୧୯୯୩ ରିଖ ପୂର୍ବରୁ ଯେଉଁ ଡିଏଲ୍ଆର କର୍ମଚାରୀମାନେ ୱାର୍କଚାର୍ଜଡ୍‌ରୁ ରେଗୁଲାର ହୋଇ ବିନା ପେନ୍ସନ୍‌ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି, ସେମାନଙ୍କୁ ପେନ୍ସନ୍ ଦେବାକୁ "ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ସଂଘ" ଦାବି କରିଛି । ସ୍ମରଣଯୋଗ୍ୟ ଯେ, ରାଜ୍ୟ ଅର୍ଥ ବିଭାଗ ତା ୧୫.୫.୧୯୯୭ ରିଖରେ ଏକ ରେଜୋଲ୍ୟୁସନ୍ ଜାରୀ କରିଥିଲା। ୱାର୍କଚାର୍ଜଡ୍, ଏନ୍.ଏମ୍.ଆର, ଡି.ଏଲ୍.ଆର ଓ ଜେସି କର୍ମଚାରୀଙ୍କୁ ନିୟମିତ ନିଯୁକ୍ତିରେ ଅବସ୍ଥାପିତ କରିବା ପାଇଁ ରେଜୋଲ୍ୟୁସନ୍‌ରେ ବିଧିବଦ୍ଧ ଭାବେ ଉଲ୍ଲେଖ ଥିଲା । ଏହି ଅନୁସାରେ ସରକାର ସ୍ଥାୟୀ ନିଯୁକ୍ତି ନଦେଇ ଅବହେଳା ପ୍ରଦଶର୍ନ କଲେ । ୧୯୯୯ ମସିହାରେ ଗ୍ରୁପ୍ 'ସି' ଓ 'ଡି' ବର୍ଗର ୭୫ ପ୍ରତିଶତ ପଦବୀ ଉଚ୍ଛେଦ ହେବା ଫଳରେ ଉପରୋକ୍ତ ବର୍ଗର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଲା ନାହିଁ । ଜେସି ବର୍ଗର କର୍ମଚାରୀମାନେ କୋର୍ଟରେ ମକଦ୍ଦମା କରି ଜିତିବା ପରେ ସରକାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଲେ । ତା ୧୫.୫.୧୯୯୭ ରିଖ ରେଜୋଲ୍ୟୁସନ୍‌ରୁ ଜେସି କର୍ମଚାରୀଙ୍କୁ ଦୀର୍ଘ ୨୧ ବର୍ଷ ପରେ ସରକାର ବାଦ୍ ଦେଇ ୨୦୧୮ ମସିହାରେ ସେମାନଙ୍କୁ ପେନ୍ସନ୍ ଦେବା ନିମନ୍ତେ ଏକ ସ୍ୱତନ୍ତ୍ର ରେଜୋଲ୍ୟୁସନ୍ ଜାରି କଲେ । ୨୦୨୦ ମସିହାରେ ସେମାନଙ୍କୁ ପେନ୍ସନ୍ ପ୍ରଦାନ କଲେ । ଅପରପକ୍ଷରେ ଡିଏଲ୍ଆର କର୍ମଚାରୀରୁ ୱାର୍କଚାର୍ଜଡ୍ ଓ ରେଗୁଲାର ନିଯୁକ୍ତି ପାଇ ଚାକିରିରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନ୍ସନ୍ ସୁବିଧାରୁ ବ୍‌ତ କରିବାରୁ ଆଜିର ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା । । ସରକାର ଜେସି କର୍ମଚାରୀଙ୍କୁ ପେନ୍ସନ୍ ଦେଲେ । ଅନ୍ୟ କର୍ମଚାରୀଙ୍କୁ ପେନ୍ସନ୍ ଲାଗୁ କରିବା ନେଇଁ ପାତର ଅନ୍ତର ନୀତି ଅବଲମ୍ବନ କଲେ । ଏହି ଦାବୀରେ ଅବସରପ୍ରାପ୍ତ କର୍ମଚାରୀମାନେ ଶତାଧିକ ସଂଖ୍ୟାରେ ଏକାଠି ହୋଇ ସାଧାରଣ ଏକ ସଭା ଭୁବନେଶ୍ୱର, ୟୁନିଟ୍-୫ସ୍ଥିତ, କର୍ମଚାରୀ ଭବନରେ ଅନୁଷ୍ଠିତ କରିଥିଲେ। ଏହାପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବୋହୁ କର୍ମଚାରୀଙ୍କ ସପକ୍ଷରେ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍ସନ୍ ଦେବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେଇ ସାରିଲେଣି । ସରକାର କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପେନ୍ସନ୍ ନଦେବା ନେଇ ଆଜିର ସଭାରେ ପୂର୍ବ ସରକାରଙ୍କୁ ଅବସରପ୍ରାପ୍ତ କର୍ମଚାରୀମାନେ କଡ଼ା ସମାଲୋଚନା କରିଛନ୍ତି । ନୂତନ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍ସନ୍ ଦେବାପାଇଁ ସଂଘର ସଭାପତି କଲ୍ୟାଣ ମହାରଣା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଅନୁରୋଧ କରିଛନ୍ତି ।

ଅପରାହ୍ନରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କଲ୍ୟାଣ ମହାରଣା-ସଭାପତି, ଉପସଭାପତି ଭାବେ ନିରଞ୍ଜନ ବାହିନୀପତି ଓ ପ୍ରଭାକର ନାୟକ, ସାଧାରଣ ସମ୍ପାଦକ ଭାବେ ଗଗନ ଭଞ୍ଜ, ତିନିଜଣ ସମ୍ପାଦକ ସର୍ବଶ୍ରୀ ଉମାକାନ୍ତ ଚମ୍ପତି, ବସନ୍ତ ବରାଳ, ରାମଚନ୍ଦ୍ର ସାମନ୍ତରାୟ, କୋଷାଧକ୍ଷ ଭାବେ ନୀଳମଣି ବାରିକ, ଏତଦ୍‌ବ୍ୟତୀତ ୭ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା କେନ୍ଦ୍ରୀୟ କମିଟିରେ ୩୧ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି । କଲ୍ୟାଣ ମହାରଣାଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ସଭାରେ ଉପସ୍ଥିତ ଥିଲେ ।

# ଓଡ଼ିଶା ରିସୋର୍ସ ପର୍ସନ୍ସ ଫୋରମ ତରଫରୁ ଦାବିପତ୍ର ପ୍ରଦାନ




ଉଦଳା , ୨୩/୬ (ନି.ପ୍ର): ଓଡ଼ିଶା ରିସୋର୍ସ ପର୍ସନ୍ସ ଫୋରମ ଟ୍ରଷ୍ଟ ଏବଂ ଏଥିସହିତ ଯୋଡ଼ି ହୋଇ ରହିଥିବା ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଅନୁବନ୍ଧିତ ବିଭିନ୍ନ ବିଷୟ ଭିତିକ ଦକ୍ଷ ୮୦୦ରୁ ଉର୍ଦ୍ଧ ତାଲିମ ପ୍ରାପ୍ତ ସମ୍ବଳ ବ୍ୟକ୍ତିଙ୍କ ତରଫରୁ ଫୋରମର ରାଜ୍ୟ ଆବାହକ ପଦ୍ମ ଚରଣ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ଚଳିତ ଜୁନ ୨୨ ତାରିଖ ଶନିବାର ଦିନ ଭୁବନେଶ୍ୱର ଠାରେ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିବ ସହିତ ରାଜ୍ୟ ସମ୍ବଳ ବ୍ୟକ୍ତି ମାନେ କିଭଳି ସରକାରଙ୍କ ବିଭିନ୍ନ ବିଭାଗରେ ନିୟମିତ ତାଲିମ ପ୍ରଦାନରେ ସାମିଲ ହୋଇ ପାରିବେ, ପଂଚାୟତିରାଜ ଯୋଜନା ଗୁଡ଼ିକୁ ଜନସାଧାରଣ ତାଲିମ ମାଧ୍ୟମରେ କିପରି ହୃଦୟଙ୍ଗମ କରି ନିଜର ବିକାଶ କରିପାରିବେ, ଅଧିକରୁ ଅଧିକ ଦକ୍ଷତା ବିକାଶ ତାଲିମ କିପରି ଗ୍ରାମାଚଂଳର ଯୁବତୀ ଯୁବକ ମାନଙ୍କ ପାଖରେ ପହଂଚିପାରିବ ଏବଂ ବିଶେଷ କରି ତାଲିମର ଗୁଣାତ୍ମକ ମାନବୃଦ୍ଧି ଓ ଉକ୍ତ ପ୍ରକ୍ରୀୟାକୁ ବିଭାଗୀୟ କର୍ମକର୍ତ୍ତାଙ୍କ ଦ୍ୱାରା କାମଚଳା ଭାବେ କରାନଯାଇ ବିଭିନ୍ନ ବିଭାଗ ଦ୍ୱରା ଅନୁବନ୍ଧିତ ଦକ୍ଷ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା କରାଯିବା ଉଦେଶ୍ୟରେ ଏକ ଦାବି ପତ୍ର ଫୋରମର ପ୍ରତିନିଧିଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାକୁ ଗ୍ରହଣ କରିବା ସହ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo